NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
WEDNESDAY
3 DECEMBER 2025
ବୁଧବାର
୩ ଡିସେମ୍ବର ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 197 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୯୭ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

# ଅନ୍ୱେଷା ଯୋଜନା ବନ୍ଦ ନେଇ ଗୃହରେ ତାତି

## ଆଗାମୀ ୫ ବର୍ଷ ପାଇଁ ଯୋଜନା ଚାଲୁ ରଖିବା ପ୍ରସ୍ତାବ ବିଚାରାଧୀନ : ମନ୍ତ୍ରୀ

**ଭୁବନେଶ୍ୱର, ୨।୧୨, ଏନ୍‌ଏନ୍‌ଏସ୍:**

ଅନ୍ୱେଷା ଯୋଜନା ବନ୍ଦ ନେଇ ମଙ୍ଗଳବାର ବିଧାନସଭାରେ ତାତି ଦେଖାଦେଇଥିଲା। ରାଜ୍ୟ ସରକାରଙ୍କୁ ଘେରିଥିଲେ ବିରୋଧୀ । ଏଥିରେ ଉତ୍ତର ଦେଇ ଆଗାମୀ ୫ ବର୍ଷ ପାଇଁ ଯୋଜନା ଚାଲୁ ରଖିବା ପ୍ରସ୍ତାବ ବିଚାରଧୀନ ରହିଛି ବୋଲି ବିଭାଗୀୟ ମନ୍ତ୍ରୀନିତ୍ୟାନନ୍ଦ ଗଣ୍ଡ ସ୍ପଷ୍ଟ କରିଛନ୍ତି ।

ଅନ୍ୱେଷା ଯୋଜନାରେ ଛାତ୍ର ଛାତ୍ରୀଙ୍କ ଆଡମିସନ ହୋଇନଥିବାରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନେ ଶିକ୍ଷାରୁ ବଞ୍ଚିତ ହେବା ସରକାରଙ୍କ ସୁଚିନ୍ତିତ ଷଡଜନ୍ତ୍ର' ଶୀର୍ଷକ ମୁଲତବୀ ନୋଟିସ୍ କଂଗ୍ରେସ ପକ୍ଷରୁ ବିଧାନସଭାରେ ମଙ୍ଗଳବାର ଦିଆଯାଇଥିଲା। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ ଆଲୋଚନାରେ ଭାଗନେଇ କହିଛନ୍ତି, ରାଜ୍ୟରେ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ଲୋକେ ବାସ କରୁଛନ୍ତି । ସେମାନଙ୍କ ଉନ୍ନତି ପାଇଁ ଅନ୍ୱେଶା ଯୋଜନା ଆଣିଥିଲେ ସରକାର । ପ୍ରତି ବର୍ଷ ୧୭ଟି ଜିଲ୍ଲାକୁ ଏହି ଯୋଜନାରେ ଫୋକସ କରାଯାଇଥାଏ । ଜିଲ୍ଲା ଗୁଡ଼ିକ ପାଖାପାଖି ୨୪ ହଜାରରୁ ଅଧିକ ଆଦିବାସୀ ପିଲାଙ୍କ ଉନ୍ନତ ମାନର ପାଠ ପଢା ପାଇଁ ପ୍ରଥମ ଶ୍ରେଣୀରୁ ନାମ ଲେଖାଯାଇଥାଏ । ସେଥିପାଇଁ କୋଟି କୋଟି ଟଙ୍କାର ସ୍ୱତନ୍ତ୍ର ଅର୍ଥ ବ୍ୟୟ ବରାଦ କରାଯାଏ । କିନ୍ତୁ ୨୦୨୫-୨୬ ଆର୍ଥିକ ବର୍ଷରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଧୋକା ଦିଆଯାଇଛି। ଅନ୍ୱେଷା ପୋର୍ଟାଲ ଖୋଲାଗଲା ନାହିଁ କି ଆଡ଼ମିଶନ କରାଗଲା ନାହିଁ । ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଆଦିବାସୀ ଓ ବିଭାଗୀୟ ମନ୍ତ୍ରୀ ମଧ ଆଦିବାସୀ । କିନ୍ତୁ ଆଦିବାସୀଙ୍କ ଦୁଃଖ ବୁଝୁନାହାନ୍ତି । ଯାହାପାଇଁ ମୁଖ୍ୟମନ୍ତ୍ରୀଙ୍କ କ୍ଷତି ହେଲା । ଆଦିବାସୀଙ୍କ ଦୁଃଖ କେହି ଶୁଣନ୍ତି ନାହିଁ । ଅଫିସର ମଧ ସେମାନଙ୍କ ନିକଟକୁ କେବେ ଯାଆନ୍ତି ନାହିଁ । ଆଦିବାସୀ

▶▶ ୫



### କହିବାର ସୁଯୋଗ ମିଳୁନି: ବିରୋଧୀ

ବିରୋଧୀ ଦଳ ବିଧାୟକଙ୍କୁ କହିବା ପାଇଁ ସୁଯୋଗ ଦିଆଯାଉନାହିଁ। ବାଚସ୍ପତି ପାତର ଅନ୍ତର କରି ବିଜେପି ବିଧାୟକଙ୍କୁ ଅଧିକ ସମୟ ଦେଉଥିବା ଅଭିଯୋଗ ଆଣିଲେ ବିରୋଧୀ ବିଜେଡି ଓ କଂଗ୍ରେସ। ଯାହାକୁ ନେଇ କିଛି ସମୟ ବିଧାନସଭା ରେ ହୋ ହାଲ୍ଲା ହୋଇଥିଲା। ବାଚସ୍ପତି ସମସ୍ତ ବିଧାୟକଙ୍କୁ ଶାନ୍ତ ରହିବାକୁ ଅନୁରୋଧ କରିଥିଲେ ବି କେହି ଶୁଣି ନ ଥିଲେ। କିଛି ସମୟ ପରେ ସମସ୍ତ ବିଧାୟକଙ୍କୁ ନିଜ ମତ ଉପସ୍ଥାପନା କରିବାକୁ ସୁଯୋଗ ଦିଆ ଯାଉଥିବା ବେଳେ ନିର୍ଦ୍ଧାରିତ ସମୟ ଭିତରେ ସମସ୍ତେ ନିଜ ମତ ରଖନ୍ତୁ ବୋଲି ଅନୁରୋଧ କରିଥିଲେ ବାଚସ୍ପତି। ଏହାପରେ ଗୃହ ସ୍ୱାଭାବିକ ଚାଲିଥିଲା।

### ରାଜ୍ୟର ୧୬ ସ୍ଥାନରେ ନଦୀ ଜଳ ପ୍ରଦୂଷିତ

କଟକରେ କାଠଯୋଡ଼ି, ଭୁବନେଶ୍ୱରରେ ଦୟାନଦୀ, ଗଙ୍ଗୁଆ ନାଳ, ଗୋପ ଭିଙ୍ଗାରପୁରର କୁଶଭଦ୍ରା, ରାଉରକେଲାର ବ୍ରାହ୍ମଣୀ ଓ ଗୁରାଡ଼ି ନାଳ ପ୍ରଦୂଷଣ ଥିବା ରିପୋର୍ଟ ହୋଇଛି । ଏହା ମୁଖ୍ୟତଃ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ, ନଦୀ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ପ୍ରଦୂଷିତ ହେଉଛି । ଏ ସବୁ ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ପଦକ୍ଷେପ



ନେଇଛନ୍ତି। ସହରାଞ୍ଚଳ ଅଧିକାରୀମାନଙ୍କୁ ପ୍ରଦୂଷଣ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହ ଜିଲ୍ଲା ପ୍ରଶାସନ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜଳ ଯୋଗାଣ ଓ ପରିମଳ ପରିଷଦକୁ ପଦକ୍ଷେପ ନେବାକୁ କୁହାଯାଇଛି । ନଦୀ ପ୍ରଭାବ ବୃଦ୍ଧି, ନଦୀ ସାସ୍ଥ୍ୟ ବିକାଶ, ଶୌଚାଳୟ ନିର୍ମାଣ, ବାହ୍ୟ ମଳମୂତ୍ର ରୋକିବାକୁ ପଦକ୍ଷେପ ନିଆଯାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଉତ୍ତର ରଖିଛନ୍ତି।

## ବିଜେଡିର ସଙ୍ଗୀନ ଅଭିଯୋଗ

# ବିଜେପି ସରକାରରେ ଆଦିବାସୀ ଓ ଦଳିତବର୍ଗ ଅବହେଳାର ଶିକାର



**ଭୁବନେଶ୍ୱର, ୨।୧୨, ଏନ୍‌ଏନ୍‌ଏସ୍:**

ରାଜ୍ୟରେ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଛାତ୍ର ଛାତ୍ରୀମାନଙ୍କ ପାଇଁ ଥିବା ହଷ୍ଟେଲ ଗୁଡିକରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସେମାନଙ୍କୁ ବିଭିନ୍ନ ଅବହେଳାର ଶିକାର ହେଉଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ନବରଙ୍ଗପୁର ଜିଲ୍ଲାରେ ଥିବା ହଷ୍ଟେଲ ଗୁଡିକରେ ଗତ ତିନି ମାସରେ ଛଅ ଜଣ ଛାତ୍ର ଛାତ୍ରୀ ଚିକିତ୍ସା ଅବହେଳାରେ ମୃତ୍ୟୁବରଣ କରିଛନ୍ତି ବୋଲି ବିଜେଡି ତଥ୍ୟ ରଖିବା ସହିତ ଏଥିପାଇଁ ବିଜେପି ସରକାରକୁ ଦାୟୀ କରିଛି ।

ଶଙ୍ଖଭବନ ଠାରେ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ଶ୍ରୀ ପ୍ରଦୀପ ମାଝୀ ଓ ଦଳର ମିଡ଼ିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି । ଗୋଟିଏ ସପ୍ତମ ଶ୍ରେଣୀ ଛାତ୍ର ହଷ୍ଟେଲରେ ପ୍ରେସର କୁକର ଫାଟି ଗୁରୁତର ହୋଇଥିଲେ ସୁଦ୍ଧା ତାଙ୍କୁ ୯ ଦିନ ପର୍ଯ୍ୟନ୍ତ ଚିକିତ୍ସା ପ୍ରଦାନ କରା ଯାଇନଥିଲା । ପୂର୍ବତନ ସାଂସଦ କୌଣସି ସୂତ୍ରରୁ ଖବର ପାଇ, ସେ ପୀଡିତା ଛାତ୍ରକୁ ଉଦ୍ଧାର କରିବା ସହିତ, ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ତାର ଚିକିତ୍ସା ବ୍ୟବସ୍ଥା କରାଇଥିଲେ ।

ଶ୍ରୀ ମାଝି କହିଥିଲେ, ରାଜ୍ୟବାସୀଙ୍କୁ ସୁଶାସନ ଦେବାରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ବିଜେପି ସରକାରଙ୍କ ଅପାରଗତା ଯୋଗୁ ସମସ୍ତ କ୍ଷେତ୍ରରେ ବିଫଳତା ଜଳ ଜଳ ହୋଇ ଦିଶୁଛି, ଯାହାକୁ ରାଜ୍ୟବାସୀ ଅନୁଭବ କରି ସାରିଲେଣି । ରାଜ୍ୟରେ, ଆଦିବାସୀ ମୁଖ୍ୟମନ୍ତ୍ରୀ ରହିଥିବା ବେଳେ, ଆଦିବାସୀ ଓ ଦଳିତ ବର୍ଗର ଲୋକମାନେ ସର୍ବାଧିକ ଅବହେଳାର ଶିକାର ହେଉଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଜଣେ ସପ୍ତମ ଶ୍ରେଣୀ ଛାତ୍ର ହଷ୍ଟେଲରେ ପ୍ରେସର କୁକର ଫାଟି ଗୁରୁତର ହୋଇଥିଲେ ସୁଦ୍ଧା, କାଳେ ସରକାର ବଦନାମ ହୋଇଯିବେ ବୋଲି ପୀଡିତ ଛାତ୍ରକୁ ଦୀର୍ଘ ନଅ ଦିନ କାଳ ଚିକିତ୍ସା ପ୍ରଦାନ

▶▶ ୫

# ଜିଲ୍ଲା ଖଣିଜ ପ୍ରତିଷ୍ଠାନ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



**ଭୁବନେଶ୍ୱର, ୨।୧୨/ଏନ୍‌ଏନ୍‌ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନଗୁଡ଼ିକର ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧକ୍ଷତା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ର ସମୀକ୍ଷା କରିଛନ୍ତି।

ଜଣାପଡିଛି ଯେ ଚଳିତ ବର୍ଷ ଅକ୍ଟୋବର ମାସ ଶେଷ ସୁଦ୍ଧା ରାଜ୍ୟର ୧୧ ଟି ଡିଏମ୍‌ଏଫ୍ ଜିଲ୍ଲାଗୁଡ଼ିକରୁ ସମୁଦାୟ ୩୪,୦୫୨ କୋଟି ଟଙ୍କା ଆଦାୟ ହୋଇଛି ଏବଂ ପ୍ରାୟ ୫୫ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚକୁ ବୃଦ୍ଧି କରି ଲୋକଙ୍କୁ ମୌଳିକ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ୧୦ଟି ଜିଲ୍ଲାରେ ଡିଏମ୍‌ଏଫ୍ ପୁନର୍ଗଠନ ହେବା ପରେ ଟ୍ରଷ୍ଟ ବୋର୍ଡ ମିଟିଂ ହୋଇସାରିଛି ବୋଲି ବୈଠକରୁ ଜଣାଯାଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବଙ୍କୁ ପ୍ରତ୍ୟେକ ଡିଏମ୍‌ଏଫ୍‌ର ଅଡିଟ୍ ରିପୋର୍ଟ ସହିତ ବାର୍ଷିକ ରିପୋର୍ଟ ଦାଖଲ କରିବାକୁ ଏବଂ ଲଘୁ ଖଣିଜ ପଦାର୍ଥରୁ ସଂଗୃହୀତ ଡିଏମ୍‌ଏଫ୍ ପାଣ୍ଠିକୁ ସେହି ଜିଲ୍ଲାର ଯେକୌଣସି ସ୍ଥାନରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପାଣ୍ଠିକୁ

▶▶ ୫

**ପ୍ରତ୍ୟେକ ଡିଏମ୍‌ଏଫ୍‌ର ବାର୍ଷିକ ରିପୋର୍ଟ ଦାଖଲ କରନ୍ତୁ**

**ମାଇନର୍ ମିନେରାଲ୍ସରୁ ସଂଗୃହୀତ ଡିଏମ୍‌ଏଫ୍ ପାଣ୍ଠିକୁ ସେହି ଜିଲ୍ଲାରେ ଖର୍ଚ୍ଚ କରାଯିବ**

**ଖଣି ଅଂଚଳର ପାର୍ଶ୍ୱବର୍ତ୍ତୀ ସ୍ଥାନ ଗୁଡିକରେ ସମ୍ପୂର୍ଣ୍ଣ ମୌଳିକ ସୁବିଧା ପ୍ରଦାନ କରନ୍ତୁ**

# ୬୫ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ

**ଖୋର୍ଦ୍ଧା, ୨।୧୨/ଏନ୍‌ଏନ୍‌ଏସ୍:**

ଖୋର୍ଦ୍ଧା ଜିଲ୍ଲା, ପାଲଟିଛି ବ୍ରାଉନସୁଗାର୍ ହବ୍। ସହର ଠାରୁ ଗାଁ ପର୍ଯ୍ୟନ୍ତ ପୋଲିସ ହେଉ କି ଅବକାରୀ ବିଭାଗ ହେଉ ପ୍ରତିଦିନ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛନ୍ତି। ନିଶା ମାଫିଆଙ୍କୁ ଗିରଫ କରାଯାଇ ଜେଲ ପଠାଯାଉଛି। ତଥାବୀ ଏହା ଥମିବାର ନା ଧରୁନି। ଯେତେ ଧରପଗଡ ହେଉଛି, ସେତେ ବଢୁଛି। ଆଜି ଆଦର୍ଶ ଥାନା ଅନ୍ତର୍ଗତ ନୂଆ ସୁନ୍ଦରାସାହି ଅଂଚଳରେ ପୋଲିସ ଟିମ୍ ଏକ ବଡ଼ ଧରଣର ଚଢ଼ାଉ କରି ୬୫୦ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଯାହାର ମୂଲ୍ୟ ୬୫ଲକ୍ଷ ଟଙ୍କା ହେବ। ଏଥିସହିତ ୧୭୫ ବୋତଲ କଫସିରଫ, ପ୍ୟାକିଂ ଜରି ଓ ଯନ୍ତ୍ର, ଓଜନ ମେସିନ୍, ତିନୋଟି ମୋବାଇଲ୍ ଜବତ କରିଛି। ଏହି ଘଟଣାରେ ମାଆ ପୁଅଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆ ସୁନ୍ଦରାସାହି ଅଭିଜିତ୍ ଜେନା (୨୦) ଓ ତାଙ୍କ ମାଆ ବିଷ୍ଣୁପ୍ରିୟା ଜେନା (୪୨) ଏବଂ ଉପରସାହିର ଦେବାଶିଷ ପଟ୍ଟନାୟକ (୨୩) ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଂଚଳ ଡିଆଇଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ବିପୁଳ ପରିମାଣର ଧଳା ଜହର ଆଣି ଗୋଟେ ପରିବାର ଲୋକ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ କାରବାର କରି ଆସୁଥିଲେ। ବିଶେଷ ସୂତ୍ରରୁ

**୩ ଗିରଫ**

▶▶ ୫




## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ

# ପଦଯାତ୍ରାର ଅନୁଭୂତି ନେଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୁଅ: ମନମୋହନ




**ଭୁବନେଶ୍ୱର, ୨।୧୨, ଏନ୍‌ଏନ୍‌ଏସ୍:**

ଚିରସ୍ମରଣୀୟ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିରାଟ ଭାରତବର୍ଷ ଗଠନର ପ୍ରମୁଖ ବିନ୍ଧାଣୀ ଥିଲେ। ୫୬୫ଟି ରାଜାଙ୍କ ଦ୍ୱାରା ଶାସିତ ହେଉଥିବା ରାଜ୍ୟକୁ ଭାରତ ସହ ମିଶାଇବାରେ ତାଙ୍କ ଭୂମିକା ଥିଲା ଅବିସ୍ମରଣୀୟ। ସେ ତାଙ୍କ ଗଡ଼ଜାତ ମିଶନ ଓଡ଼ିଶାର ନୀଳଗିରିରୁ ଆରମ୍ଭ କରିଥିଲେ। ଯେତେବେଳେ ସାରା ଦେଶରେ ଏକତା, ଅଖଣ୍ଡତା, ସାର୍ବୋଭୌମତ୍ୱ କଥା ଉଠେ, ସେତେବେଳେ ସର୍ଦ୍ଦାର ପଟେଲଙ୍କ କଥା ମନେପଡ଼େ। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଏବଂ ଯୁବପୀଢ଼ୀଙ୍କ ମଧ୍ୟରେ ଏକତା, ଦେଶପ୍ରେମ ଓ ନାଗରିକ କର୍ତବ୍ୟ ଭାବନାକୁ ଜାଗ୍ରତ କରିବା ନିମନ୍ତେ ଅକ୍ଟୋବର ୩୧ରୁ ଦେଶବ୍ୟାପୀ ତାଙ୍କ ଜନ୍ମଜୟନ୍ତୀ ପାଳନ କରାଯାଉଛି। ୩ ପର୍ଯ୍ୟାୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ତିମ ପର୍ଯ୍ୟାୟ ନଭେମ୍ବର ୨୬ରୁ ଆରମ୍ଭ ହୋଇଥିଲା। ଶେଷ ପର୍ଯ୍ୟାୟରେ ସର୍ଦ୍ଦାର ପଟେଲଙ୍କ ଜନ୍ମସ୍ଥାନ ଗୁଜୁରାଟର କରମସଦରୁ କେଭଡିଆସ୍ଥିତ ବିରାଟ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ୧୫୦ କିଲୋମିଟର ପଦଯାତ୍ରା ଆୟୋଜନ କରାଯାଇଥିଲା। ଓଡ଼ିଶାର ସାଢ଼େ ୪ କୋଟି ଜନତାଙ୍କ ମଧ୍ୟରୁ ୭୪ ଜଣ ପଦଯାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗନେବାର ସୁଯୋଗ ପାଇଥିଲେ। ଏହା ଆମ ରାଜ୍ୟ ପାଇଁ ଗୌରବର ବିଷୟ। ଏନେଇ ଉକ୍ତ ପଦଯାତ୍ରୀମାନଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଯୁବମୋର୍ଚ୍ଚାର ପଦଯାତ୍ରୀମାନଙ୍କ ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ଚଳିତ ବର୍ଷ ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ବର୍ଷ। ଏହି ବର୍ଷ ଡ. ହରେକୃଷ୍ଣ ମହାତାବଙ୍କ ୧୨୫ତମ ଜନ୍ମଜୟନ୍ତୀ, ଅଟଳବିହାରୀ ବାଜପେୟୀ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ, ବନ୍ଦେ ମାତରମ୍ ?,

▶▶ ୫

## ଶ୍ରୀମନ୍ଦିର ଉପରେ ବିବାଦୀୟ ଟିପ୍ପଣୀ

# କ୍ଷମା ମାଗିଲେ ୟୁଟ୍ୟୁବର ଶୁଭଙ୍କର

**ନୂଆଦିଲ୍ଲୀ, ୨।୧୨/ଏଜେନ୍ସି:**

ଶ୍ରୀମନ୍ଦିର ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ର ଶେଷରେ କ୍ଷମା ମାଗିଛନ୍ତି। ନିଜ ୟୁଟ୍ୟୁବ୍ ଚ୍ୟାନେଲ ଜରିଆରେ ସେ ନିଜ ଭୁଲ୍ ସ୍ୱୀକାର କରିବା ସହ ଓଡ଼ିଶାବାସୀ ତଥା ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ଶୁଭଙ୍କର କହିଛନ୍ତି ସେ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ଉକ୍ତ ବିବାଦୀୟ



ପଡ୍‌କାଷ୍ଟ ଭିଡିଓକୁ ହଟାଇଛନ୍ତି। ସେ ନିଜ ମନ୍ତବ୍ୟ ପାଇଁ ଅନୁତପ୍ତ, ଓଡ଼ିଶାବାସୀ ତାଙ୍କୁ ଦେଇଥିବା ଭଲପାଇବା, ସ୍ନେହ ଓ ଶ୍ରଦ୍ଧା ପାଇଁ ସେ ସଦାସର୍ବଦା ଓଡ଼ିଶାବାସୀଙ୍କ ପାଇଁ କୃତଜ୍ଞ ରହିବେ ବୋଲି କହିଛନ୍ତି। ପ୍ରକାଶ ଶୁଭଙ୍କର ଶ୍ରୀମନ୍ଦିର ସମ୍ପର୍କରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ବିବାଦ ତୀବ୍ରତର ହେବାରୁ ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଭିନ୍ନ ମହଲରେ ଦାବି ହେବା ପରେ ସେ ଭୁଲ୍ ମାଗିଛନ୍ତି।

ସୂଚନାଯୋଗ୍ୟ, ଶୁଭଙ୍କର ନିଜର ଏକ ପଡକାଷ୍ଟରେ କହିଥିଲେ ଯେ, ପ୍ରେମୀ ଯୁଗଳ ବିବାହ ପୂର୍ବରୁ ଶ୍ରୀମନ୍ଦିରକୁ ଗଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ। କୌଣସି ପ୍ରେମୀ ଯୁଗଳ ଭୁଲରେ ବି

▶▶ ୫

## ଆଗାମୀ ବଜେଟ୍‌ରେ ହୋଇପାରେ ଘୋଷଣା

# ୯ ହଜାରକୁ ବୃଦ୍ଧି ପାଇବ ପିଏମ୍ କିଷାନ୍ ରାଶି !

**ନୂଆଦିଲ୍ଲୀ, ୨।୧୨/ଏଜେନ୍ସି:**

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ହିତାଧିକାରୀମାନଙ୍କ ପାଇଁ ଖୁସି ଖବର। ଆଗାମୀ ବଜେଟ୍‌ରେ, କେନ୍ଦ୍ର ସରକାର ଏହି ଯୋଜନା ଅଧୀନରେ ମିଳୁଥିବା ବାର୍ଷିକ ସହାୟତା ରାଶିକୁ ବୃଦ୍ଧି କରିବା ଉପରେ ଘୋଷଣା କରିପାରନ୍ତି। ଏହି ଯୋଜନା ଅନ୍ତର୍ଗତ ସରକାର ସମ୍ପ୍ରତି ବାର୍ଷିକ ୬୦୦୦ ଟଙ୍କା ପ୍ରଦାନ କରୁଥିବା ବେଳେ ଆଗକୁ ଏହା ୯୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଏଭଳି କିଛି ସୂଚନା ହସ୍ତଗତ ହୋଇଛି। ରିପୋର୍ଟ ସରକାର ଏହି ବ୍ୟବସ୍ଥା ଉପରେ ବିଚାର କରୁଛନ୍ତି। ତେବେ ଏନେଇ କେତେକ ପରାମର୍ଶ ଲୋଡାଯାଇଛି, ପରାମର୍ଶଗୁଡ଼ିକ ବିଚାର କରାଯିବା ପରେ ସରକାର ଏହି ପ୍ରସଙ୍ଗରେ ଚୂଡାନ୍ତ ନିଷ୍ପତ୍ତି ନେବେ। ଯଦି ଏପରି ହୁଏ ତେବେ ଚାଷୀମାନେ



ପ୍ରତି ୪ ମାସରେ ଥରେ ୨,୦୦୦ ଲେଖାଏଁ ପରିବର୍ତ୍ତେ ୩,୦୦୦ ଲେଖାଏ କିସ୍ତି ପାଇବେ।

କେନ୍ଦ୍ର ସରକାର ୨୦୨୬-୨୭ ପାଇଁ ବଜେଟ୍ ପ୍ରସ୍ତୁତ କରିବାର ଲମ୍ବା, ବହୁସ୍ତରୀୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ମାସବ୍ୟାପୀ କାର୍ଯ୍ୟ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଉଛି ଏବଂ ଏଥିରେ ନୀତି ଆୟୋଗ, ପ୍ରାସଙ୍ଗିକ ମନ୍ତ୍ରଣାଳୟ, ରାଜ୍ୟ ଏବଂ କ୍ଷେତ୍ରୀୟ ଅଂଶୀଦାରମାନଙ୍କ ମତାମତ ମଧ୍ୟ ସାମିଲ ଅଛି। ସୁତରାଂ ଆଗାମୀ ବଜେଟ୍‌ରେ ଚାଷୀଙ୍କ ପାଇଁ ପ୍ରମୁଖ ଘୋଷଣା ଅନ୍ତର୍ଭୁକ୍ତ ହୋଇପାରେ ବୋଲି ଏକ ଆଶା ସଞ୍ଚାର ହୋଇଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ପରିମାଣ ସମ୍ପର୍କରେ ସରକାର କିଛି ନୂତନ ଘୋଷଣା ମଧ୍ୟ କରିପାରନ୍ତି ବୋଲି ଆଶା କରାଯାଉଛି। ପ୍ରକାଶ, କେନ୍ଦ୍ର ଅର୍ଥମନ୍ତ୍ରୀ ଫେବୃଆରୀ ୧ରେ ସଂସଦରେ ବଜେଟ୍ ଉପସ୍ଥାପନ କରିବାର ପ୍ରାୟ ୬ ମାସ ପୂର୍ବରୁ ଅର୍ଥାତ୍ ସାଧାରଣତଃ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏହି ବର୍ଦ୍ଧିତ ସମୟସୀମା ବ୍ୟାପକ ଭିତ୍ତିଭୂମି ଏବଂ ପରାମର୍ଶ ପାଇଁ ଅନୁମତି ଦେଇଥାଏ। ତେବେ ଏସବୁ ପ୍ରକ୍ରିୟା ମଧ୍ୟରେ ବର୍ତ୍ତମାନ, ଗତ ଥର ପରି, ପ୍ରଧାନମନ୍ତ୍ରୀ କିଷାନ ଯୋଜନାର କିସ୍ତି ବୃଦ୍ଧି କରିବା

▶▶ ୫

# ଇମ୍ରାନ୍ ସୁସ୍ଥ ଓ ସୁରକ୍ଷିତ : ଭଉଣୀ ଉଜମା



**ଇସଲାମାବାଦ୍, ୨।୧୨/ଏଜେନ୍ସି:**

ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସୁସ୍ଥ ଏବଂ ସୁରକ୍ଷିତ ଅଛନ୍ତି। ଜେଲ୍‌ରେ ନିଜ ଭାଇ ଇମ୍ରାନ୍‌ଙ୍କୁ ସାକ୍ଷାତ କରି ଫେରିବା ପରେ ଭଉଣୀ ଉଜମା ଖାନ୍ ଗଣମାଧ୍ୟମକୁ ଦେଇଥିବା ଏପ୍ରକାର କିଛି ସୂଚନା ସବୁକିଛି ସନ୍ଦେହ, ଗୁଜବକୁ ସ୍ପଷ୍ଟ କରିଦେଇଛି। ଏଥିସହ ଦୀର୍ଘ ସମୟ ଧରି ଇମ୍ରାନ୍‌ଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରୁନଥିବାରୁ ଏହାକୁ ନେଇ ସୃଷ୍ଟି ହୋଇଥିବା ଗୁଜବ ତଥା ସନ୍ଦେହର ଅବସାନ ଘଟିଛି। ପ୍ରକାଶ, କିଛି ଦିନ ତଳେ ଆଡିୟାଲା ଜେଲ୍ ଭିତରେ ଇମ୍ରାନଙ୍କୁ ହତ୍ୟା କରାଯାଇଥିବା ନେଇ ଆଫଗାନିସ୍ତାନ ଗଣମାଧ୍ୟମ

▶▶ ୫

# ଛାତ୍ରଛାତ୍ରୀ କ୍ୟାରିୟର୍ ସମ୍ମିଳନୀ




**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** କେଏଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୟଦେବ ଭବନରେ ଏକ ଛାତ୍ରଛାତ୍ରୀ କ୍ୟାରିୟର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଭବିଷ୍ୟତ ଗଢ଼ିବା ଲାଗି ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ସେ ପାଠପଢ଼ା ଓ କ୍ୟାରିୟରରେ ସଫଳ ହେବାର ମନ୍ତ୍ର ଦେଇଥିଲେ । ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା 'କେଏଲ୍ଇଇଇ'ର ପୋଷ୍ଟର୍କୁ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜନେତା ସୁର ରାଉତରାୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ୟାରିୟର ଗଠନର ବିଭିନ୍ନ ଦିଗ ବିଷୟରେ ବୁଝାଇଥିଲେ । ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ (ନାମଲେଖା) ଡକ୍ଟର ଜେ ଶ୍ରୀନିବାସ ରାଓ ଯୋଗଦେଇ କ୍ୟାରିୟର ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ । ବିଶ୍ୱବିଦ୍ୟାଳୟର ଜୋନାଲ୍ ମୁଖ୍ୟ ଆର୍. ଶିବ କୁମାର ଓ ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ । କେଏଲ୍ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରି ୩ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିବା ସମୟରେ ଇଞ୍ଜିନିୟରିଂ, ଲାଟେରାଲ୍ ଏଣ୍ଟ୍ରି, ମାଷ୍ଟର୍ସ ଆପ୍ଟିଚ୍ୟୁଡ୍, ସାଇନ୍ସ ଆପ୍ଟିଚ୍ୟୁଡ୍ ଓ ହ୍ୟୁମାନିଟିଜ୍ ଆପ୍ଟିଚ୍ୟୁଡ୍ ପରୀକ୍ଷା ଅନୁଷ୍ଠିତ ହେବ । ବିଶ୍ୱବିଦ୍ୟାଳୟ ପକ୍ଷରୁ କେଏଲ୍ଇଇଇର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ୩୫ କୋଟି ଟଙ୍କା, ୯୬ ପର୍ସେଣ୍ଟାଇଲରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ୧୦୦ ପ୍ରତିଶତ ଟ୍ୟୁସନ ଫି' ଛାଡ଼ ବାବଦରେ ୩୦ କୋଟି ଟଙ୍କା, ଇଣ୍ଟର ମେରିଟ୍ ଛାତ୍ରଛାତ୍ରୀମାନଙ୍କୁ ୧୫ କୋଟି ଟଙ୍କା ଏବଂ ମ୍ୟାନେଜମେଣ୍ଟ, ହ୍ୟୁମାନିଟିଜ୍ ଓ ବିଜ୍ଞାନର ଛାତ୍ରଛାତ୍ରୀଙ୍କୁ ୨୦ କୋଟି ଟଙ୍କାର ଶିକ୍ଷାବୃତ୍ତି ପ୍ରଦାନ କରାଯିବ । ମୋଟ ଉପରେ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ୧୦୦ କୋଟି ଟଙ୍କାର ବୃତ୍ତି ପ୍ରଦାନ କରାଯିବ ।

# ଅଚ୍ୟୁତ ସାମନ୍ତଙ୍କ ପୁସ୍ତକ 'ମୋ ମା' ମୋ ପ୍ରେରଣା' ଉନ୍ମୋଚିତ




**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ଶିକ୍ଷାବିତ୍ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ସଦ୍ୟତମ ପୁସ୍ତକ 'ମୋ ମା ମୋ ପ୍ରେରଣା' ସୋମବାର ଉନ୍ମୋଚିତ ହୋଇଯାଇଛି । ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ଶ୍ରୀ ସାମନ୍ତଙ୍କ ଅନ୍ୟ ପାଞ୍ଚଟି ପୁସ୍ତକ ମଧ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଗଣେଶୀ ଲାଲ୍ ତାଙ୍କ ଭାଷଣରେ ଉପସ୍ଥିତ ସାହିତ୍ୟିକମାନଙ୍କୁ ଓଡ଼ିଶାରେ ତାଙ୍କର ପୂର୍ବ ସମୟ ଉପରେ ସ୍ମୃତିଚାରଣ କରି କହିଲେ ଯେ ଏଠାରେ ମୁଁ ପୂର୍ବ ଅପେକ୍ଷା ଅଧିକ ଗଭୀର ଭାବରେ ମା'ର ଅର୍ଥ ବୁଝିପାରିଲି । ଶ୍ରୀ ସାମନ୍ତଙ୍କ ମା'ଙ୍କୁ ପ୍ରଶଂସା କରି ସେ କହିଲେ ଯେ ଅଚ୍ୟୁତଙ୍କ ମାଆ ଗଭୀର ତ୍ୟାଗ କରିଥିଲେ ଏବଂ ଦେବକୀଙ୍କ ପରି ଜଣେ ମା' ଭାବରେ ଯିଏ ଜଗତକୁ କୃଷ୍ଣ ଆଣିଥିଲେ । ମା' ଅପରିହାର୍ଯ୍ୟ । ଯଦି ଆପଣ ଈଶ୍ୱରଙ୍କ ପାଖରେ ପହଞ୍ଚିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ପ୍ରଥମେ ଆପଣଙ୍କ ମା'ଙ୍କୁ ସମ୍ମାନ କରିବାକୁ ପଡ଼ିବ । ଉତ୍ସବରେ ଭାଷଣ ଦେଇ ଶ୍ରୀ ସାମନ୍ତ ଅତୀତର ଏକ ଭାବପ୍ରବଣ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ । ସେ କହିଲେ ଯେ ମୁଁ ମନେ ରଖିଛି ଯେତେବେଳେ ରାଜ୍ୟପାଳ ଭାବରେ ପ୍ରଫେସର ଗଣେଶୀ ଲାଲ ଥରେ ମୋର କାମ ଯୋଗୁଁ ଭିନ୍ନ ଗ୍ରହରୁ ଆସିଥିବା ବ୍ୟକ୍ତି ଭାବରେ ମୋତେ ବର୍ଣ୍ଣନା କରିଥିଲେ । ତାଙ୍କର ସ୍ନେହ ମୋତେ ସର୍ବଦା ଉତ୍ସାହିତ କରିଛି । ଗୀତା ଜୟନ୍ତୀ ଓ ଏକାଦଶୀ ଅବସରରେ ଶ୍ରୀ ସାମନ୍ତ ଉଲ୍ଲେଖ କରି କହିଲେ, ଏହି ପୁସ୍ତକ ଭଗବଦ୍ ଗୀତା ଓ ଭଗବାନ କୃଷ୍ଣଙ୍କ ଦିବ୍ୟ ବାଛୁରୀ ରୂପରେ ଶିକ୍ଷା ସହିତ ପ୍ରତୀକାତ୍ମକ ସଂଯୋଗ ଆଙ୍କିଥାଏ । ଯଦିଓ ଓଡ଼ିଆ ସଂସ୍କରଣ ଇଂରାଜୀ ସଂସ୍କରଣର ଆକ୍ଷରିକ ଅନୁବାଦ ନୁହେଁ, ଏଥିରେ ଗଭୀର ପ୍ରତିଫଳନ ଏବଂ ତାଙ୍କ ଜୀବନ ଏବଂ ପ୍ରେରଣାର ଅତିରିକ୍ତ ଦିଗ ରହିଛି । ମୁଁ ଲୋକଙ୍କ ପ୍ରେମ ଏବଂ ସ୍ନେହ ଯୋଗୁଁ କଠିନ ପରିଶ୍ରମ କରେ । ମୋ ମାଆ ମୋତେ ସବୁବେଳେ ଶିଖାଇଥିଲେ ଯେ ଯଦି ମୁଁ କୌଣସି ଭୁଲ କରିନାହିଁ, ତେବେ ମୁଁ କାହାକୁ ଭୟ କରିବା ଉଚିତ୍ ନୁହେଁ । ସେ ଆହୁରି କହିଲେ ଯେ କିଟ୍ ଓ କିସ୍ ହେଉଛି ଓଡ଼ିଶାର ସମ୍ପତ୍ତି ଏବଂ ସେ ହେଉଛନ୍ତି ଏହି ଅନୁଷ୍ଠାନର ରକ୍ଷକ । ପ୍ରଫେସର ଶଶାଙ୍କ ଚୂଡ଼ାମଣି ତାଙ୍କ ସଭାପତିତ୍ୱ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପ୍ରାରମ୍ଭିକ ସଂଘର୍ଷମୟ ଦିନଗୁଡ଼ିକ ବିଷୟରେ କହିଥିଲେ, ଯାହାକୁ ପୁସ୍ତକରେ ଉପଯୁକ୍ତ ଭାବରେ ଉପସ୍ଥାପନ କରାଯାଇଛି । ବରିଷ୍ଠ ଲେଖକ ରକ୍ଷକ ନାୟକ ପୁସ୍ତକଟିକୁ 'ସାହସ ଏବଂ ପ୍ରେରଣାର କାହାଣୀରେ ପରିପୂର୍ଣ୍ଣ ଭଲ ଏବଂ କଷ୍ଟକର ସମୟର ମିଶ୍ରଣ' ଭାବରେ ବର୍ଣ୍ଣନା କରିଥିଲେ । ଶିକ୍ଷାବିତ୍ ପ୍ରଫେସର ହରେକୃଷ୍ଣ ଶତପଥୀ ପୁସ୍ତକର ସମୀକ୍ଷା କରିଥିଲେ । ବିଶିଷ୍ଟ ସାମ୍ବାଦିକ ଓ ସମ୍ପାଦକ ଉମାପଦ ବୋଷ ମଧ୍ୟ ପୁସ୍ତକ ବିଷୟରେ କହିଥିଲେ ଓ ମୋ ମା ମୋ ପ୍ରେରଣା ପ୍ରକାଶକ ବିଦ୍ୟାପୁରୀର ଜୀବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀଙ୍କ ପରଲୋକ

**ଭୁବନେଶ୍ୱର ୨।୧୨/ଏନ୍ଏନ୍ଏସ୍:** ସ୍ଥାନୀୟ ଲକ୍ଷ୍ମୀସାଗର ଅଞ୍ଚଳର ବିଡିଏ କଲୋନୀ ଅଧିବାସୀ ସୁରେଶଚନ୍ଦ୍ର ମିଶ୍ରଙ୍କର ଗତ ୨୯ ତାରିଖରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା । ସେ ଓଡ଼ିଶା ସରକାରଙ୍କ ମଧୁସୂଦନ ଏକାଡେମୀ ଅନୁଷ୍ଠାନର ଜଣେ ସେକ୍ସନ୍ ଅଫିସର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ବିଗତ କିଛିଦିନ ଧରି ସେ ଗୁରୁତର ଭାବେ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୂ ଓ ଝିଅ, ଜ୍ୱାଇଁଙ୍କ ସମେତ ବନ୍ଧୁକୁଟୁମ୍ବ ଉପସ୍ଥିତ ଥିଲେ । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଅବସର ଗ୍ରହଣ ପରେ ଶ୍ରୀ ମିଶ୍ର ନାନାଦି



ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ହୋଇ ସମଗ୍ର ଅଞ୍ଚଳରେ ଖୁବ୍ ଲୋକପ୍ରିୟ ଥିଲେ । ତାଙ୍କ ମୃତ୍ୟୁରେ ଲକ୍ଷ୍ମୀସାଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ୧୨୫ତମ ଜନ୍ମବାର୍ଷିକୀ ଉଦ୍‌ଯାପନୀ ଉତ୍ସବର ଦ୍ୱିତୀୟ ଦିବସ

# ଦେଶ ଓ ବ୍ୟକ୍ତିର ସେବାରେ ବୟସକୁ ହାର ମନାଇଥିଲେ ରମାଦେବୀ

**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ମା' ରମାଦେବୀ କେବଳ ମହିୟସୀ ମହିଳା ନଥିଲେ । ସେ ଜଣେ ସଂଗ୍ରାମୀ ଓ ସମ୍ବେଦନଶୀଳ ନେତ୍ରୀ ଥିଲେ । ଦେଶର ତଥା ସାଧାରଣ ଗରିବ ଓ ଅବହେଳିତ ଲୋକର ସେବା ପାଇଁ ସେ ନିଜର ବୟସକୁ ମଧ୍ୟ ହାର ମନାଇଥିଲେ । ତାଙ୍କ ଅଦମ୍ୟ ଇଚ୍ଛା ଶକ୍ତି ଓ ସାହସ ସମ୍ମୁଖରେ ବୟସ ହାର ମାନିଥିଲା ।

ମା' ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀର ଉଦ୍‌ଯାପନୀ ଉତ୍ସବରେ ଦ୍ୱିତୀୟ ଦିନରେ ସ୍ୱାଧୀନତା ସଂଗ୍ରାମ ଏବଂ ସର୍ବୋଦୟରେ ତାଙ୍କର ଅବଦାନକୁ ନେଇ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ବକ୍ତାମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଗୁଣାତ୍ମକ ବୈଶିଷ୍ଟ୍ୟରେ ରମାଦେବୀଙ୍କ ବ୍ୟକ୍ତିତ୍ୱ ପୂର୍ଣ୍ଣତା ଲାଭ କରିଥିଲା ବୋଲି ଅତିଥିମାନେ କହିଛନ୍ତି ।




ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖିକା ତଥା ଗବେଷିକା ଡକ୍ଟର ନିବେଦିତା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ମା' ରମାଦେବୀଙ୍କ ସାମଗ୍ରିକ ଜୀବନର ଗୁଣାତ୍ମକ ବୈଶିଷ୍ଟ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ । ମା' ରମାଦେବୀଙ୍କ ଜୀବନ ସଂଗ୍ରାମ ସମ୍ପର୍କରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁସ୍ତକ ପ୍ରକାଶନର ଆବଶ୍ୟକତା ଥିବା ସେ କହିଥିଲେ । ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି କିଭଳି ଭାବରେ ପୂଜ୍ୟ ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ ଦେଶ ପାଇଁ ଏକ ସଂଗ୍ରାମ ଭିତରେ ନିଜ ଜୀବନକୁ ତିଳ ତିଳ କରି ଉତ୍ସର୍ଗ କରିଥିଲେ ତାହା କହିଥିଲେ । ଅନ୍ୟତମ ବିଶିଷ୍ଟ ଅତିଥି କସ୍ତୁରବା ଟ୍ରଷ୍ଟର ଜାତୀୟ ଉପସଭାପତି ଗାୟତ୍ରୀ ଦାସ ମା' ରମାଦେବୀଙ୍କ ସେବା କାର୍ଯ୍ୟ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲେଖିକା ତଥା ସମାଜସେବୀ ପ୍ରୀତିଛନ୍ଦା ଧଳ କହିଥିଲେ ଯେ ସ୍ୱାଧୀନତା ଆନ୍ଦୋଳନରୁ ସର୍ବୋଦୟ ପର୍ଯ୍ୟନ୍ତ ମା' ରମାଦେବୀଙ୍କ ପ୍ରତ୍ୟେକଟି କାର୍ଯ୍ୟ ଓ ନେତୃତ୍ୱ ଆମ ସମସ୍ତ ଲାଗି ପ୍ରେରଣା । ଆଜିର ପିଢ଼ି ମା' ରମାଦେବୀଙ୍କ ସାହସ ଏବଂ ଦେଶପ୍ରେମକୁ ଆପଣାଇଲେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସାମ୍ବାଦିକ ମିନତୀ ସିଂହ ଯୋଗଦେଇ ଜରୁରୀକାଳୀନ ପରିସ୍ଥିତି ସମୟରେ ଯେତେବେଳେ ସମଗ୍ର ଦେଶରେ ଗଣମାଧ୍ୟମର କଣ୍ଠରୋଧ କରାଯାଇଥିଲା ସେତେବେଳେ କିଭଳି ଭାବରେ ସାହସର ସହିତ ମା' ରମାଦେବୀ ସେ ଆଇନକୁ ସାମ୍ନା କରିଥିଲେ ଓ ଲୋକଙ୍କ ପାଖରେ ନିଜେ ଖବର ପହଞ୍ଚାଉଥିଲେ ତାହା କହିଥିଲେ । ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମା' ରମାଦେବୀ ୧୨୫ ଜନ୍ମ ବାର୍ଷିକୀ କମିଟିର ଆବାହକ ଡାକ୍ତର ବିଶ୍ୱଜିତ ସଭା ସଂଚାଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ଲେଖିକା ଯଶୋଧାରା ଦାସ ଏବଂ ଲୋହିଆ ଏକାଡ଼େମୀର ସମ୍ପାଦକ ଦେବପ୍ରସାଦ ରାୟ ଉଦ୍‌ବୋଧନ ଦେଇଥିବା ବେଳେ ସାମ୍ବାଦିକା ବନୀତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧନ୍ୟବାଦ ଦେଇଥିଲେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ।

## ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା

# 'ତ୍ୟାଗଭୂମି ଏକ ଜାତୀୟ ଧୃତି ଓ ଜୀବନ୍ତ ଜାଗୃତି'

**ଭୁବନେଶ୍ୱର, ଭଦ୍ରକ,,୨।୧୨/ଏନ୍ଏନ୍ଏସ୍:** ତ୍ୟାଗଭୂମି ଭଦ୍ରକ ହେଉଛି ଶକ୍ତି, ଧୃତି ଓ ଜାଗୃତିର ନାମ ମାହାତ୍ମ୍ୟ । ସଂଗ୍ରାମ ଓ ସମର୍ପଣର ଗରିମାକୁ ନୂତନ ପିଢ଼ି ପାଖରେ




ସଂଚାର କରିବା ହେଉଛି ତ୍ୟାଗଭୂମି ଜିଲ୍ଲା ମହୋତ୍ସବର ଆଦ୍ୟସୌରଭ ଏବଂ ଆଦିମନ୍ତ୍ର । ଭୂମିର ବନ୍ଦନାରେ ରହିଛି ଅସରନ୍ତି ବଳିଦାନର ଗାଥା ଏବଂ ଏହା ଦେଶ ଓ ଜାତି ପ୍ରତି ଅଟଳ ସଂକଳ୍ପର ସନ୍ଦେଶ ବୋଲି ନବମଦିନ ବ୍ୟାପୀ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ମତବ୍ୟକ୍ତ କରିଛନ୍ତି । ଆଜିର ମଞ୍ଚ ଜାତୀୟକବି ବାଞ୍ଛାନିଧି ମହାନ୍ତି ନାମରେ ଥିଲା ଉତ୍ସର୍ଗୀକୃତ ।

ତ୍ୟାଗଭୂମି କାର୍ଯ୍ୟକାରୀ ସଭାପତି ଇ. ଅମ୍ବିକାବଲ୍ଲଭ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦଯାପନ ସନ୍ଧ୍ୟାରେ 'ସଂଗ୍ରାମ ଭୂମି ଭଦ୍ରକ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ଶ୍ରୀଅରବିନ୍ଦ ଦର୍ଶନ ପ୍ରବକ୍ତା ଡକ୍ଟର ଗୋଲକବିହାରୀ ସାହୁ, ମୁଖ୍ୟବକ୍ତା ଭାବେ ଧାମନଗର ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ନାସିର ବକ୍ସ, ବରେଣ୍ୟ ଅତିଥି ଭାବେ ଭଦ୍ରକ ଇଞ୍ଜିନିୟରିଂ କଲେଜ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, କୃଷିକବି ଇ. ଅରୁଣ କୁମାର ପାତ୍ର ଓ ପୂର୍ତ୍ତବିଭାଗ ସଚିବ ନନ୍ଦନନ୍ଦନ ଦାସ ପ୍ରମୁଖ ଯୋଗଦେଇ ଭଦ୍ରକ ଭୂମିର ଉଜ୍ଜ୍ୱଳ ପରମ୍ପରାକୁ ସ୍ମରଣ ପୂର୍ବକ ଏହାକୁ କେବଳ ଐତିହ୍ୟର ଗାଥା ଭାବେ ସୀମିତ ନରଖି ଦୈନନ୍ଦିନ କର୍ତ୍ତବ୍ୟର ଅଙ୍ଗୀକାର ବିବେଚନା କରିବାକୁ ପରାମର୍ଶ ଦେଇଥିଲେ । ତ୍ୟାଗଭୂମିର ସଦସ୍ୟ ବାବୁଲାଲ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ଅନ୍ୟତମ ସଦସ୍ୟ କବି ଚର୍ଚ୍ଚିକା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ମହୋତ୍ସବ ପୀଠରେ ସ୍ଥାପିତ ଶହୀଦ ମଶାଲ ସ୍ମୃତିସ୍ତମ୍ଭରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ମୁଖପତ୍ର ସମ୍ପାଦକ ଡକ୍ଟର ବିଶ୍ୱରଞ୍ଜନ ଦାସ, ଅଧିବକ୍ତା ମନୋରଞ୍ଜନ ଦାସ, ସଦସ୍ୟ ଅଶୋକ ଦ୍ୱିବେଦୀ, ଶିକ୍ଷୟିତ୍ରୀ ମନୋରମା ଆଚାର୍ଯ୍ୟ, ସାହିତ୍ୟିକ କୈଳାସ ପଣ୍ଡା, ଚକ୍ଷୁ ଚିକିତ୍ସକ ମୁକ୍ତିକାନ୍ତ ନାୟକ, ସଦସ୍ୟା ବସୁମିତ୍ରା ସାହୁ, ସାମାଜିକ କର୍ମୀ ଚୈତାଳୀ ଖିଲାର, ଅଧିବକ୍ତା ସଞ୍ଜୟ ମାଝୀ, ରାମଚନ୍ଦ୍ର ନାୟକ, ଶିକ୍ଷାବିତ୍ ଗୟାଧର ପଣ୍ଡା, ପ୍ରାଧ୍ୟାପକ ମନୋଜ କୁମାର ସ୍ୱାଇଁ, ସଙ୍ଗୀତଶିଳ୍ପୀ ସୁଧାଂଶୁ ନାୟକ, ଯୁବନେତା ଦେବଦର୍ଶନ ଦାସ, ନାରାୟଣ ପାଢ଼ୀ, ରାମଚନ୍ଦ୍ର ନାୟକ, ସଂଯୁକ୍ତା ଯାଦବ, କବି କାଳନ୍ଦୀ ମଲ୍ଲିକ, ପଦ୍ମନ ରାୟ, ଅଭୟ ପଣ୍ଡା, ଡକ୍ଟର ନିତ୍ୟାନନ୍ଦ ମିଶ୍ର, ଡକ୍ଟର ଅଭୟ କୁମାର ଦାସ, ସ୍ୱଦେଶ ପଣ୍ଡା, ରୂପକ ବିହାରୀ ରାୟ, ଶଶୀକଳା ମିଶ୍ର, ପ୍ରାକ୍ତନ ଅବକାରୀ ବିଭାଗ ଅଧିକାରୀ ଶ୍ରୀହର୍ଷ ସ୍ୱାଇଁ, ବାଦଲ କିଶୋର ମହାପାତ୍ର, କବି ଦେବେନ୍ଦ୍ରନାଥ ମହାଳିକ, ରାଜେନ୍ଦ୍ର ବିଶ୍ୱାଳ, ଦୁଃଶାସନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମହୋତ୍ସବର ସଫଳତା ପାଇଁ ନିଜର ପ୍ରତିଟି କ୍ଷେତ୍ରରେ ଅଂଶୀଦାର ରଖିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ସଦସ୍ୟ ଲକ୍ଷ୍ମୀକାନ୍ତ ବାରିକ୍ କମିଟି ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ । ଭୁବନେଶ୍ୱର 'ସାଇ ସମ୍ରାଟ ମେଲୋଡ଼ି' ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବିୟୁଟି ଓ ୱେଲନେସ୍ ପାଠ୍ୟକ୍ରମର ଦୀକ୍ଷାନ୍ତ ସମାରୋହ

**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଆଧୁନିକ ଦକ୍ଷତାରେ ପାରଦର୍ଶୀ କରିବା ଏବଂ ସେମାନଙ୍କ ଜୀବିକା ଅବସରକୁ ବିସ୍ତାରିତ କରିବା ଉଦ୍ଦେଶ୍ୟରେ ମିଶନ୍ ଶକ୍ତି ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ମିଳିତ ଉଦ୍ୟମରେ ୧୨ ସପ୍ତାହବିଶିଷ୍ଟ 'ବିୟୁଟି ଏବଂ ୱେଲନେସ୍' ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୮ଟି ଜିଲ୍ଲାର ୧୮ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତାଲିମ ନେଇଛନ୍ତି । ବର୍ତ୍ତମାନ ସୁଦ୍ଧା ବିଶ୍ୱ ଦକ୍ଷତା କେନ୍ଦ୍ରରୁ ୧୬୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ବିୟୁଟି ଓ ୱେଲନେସ୍ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପାଇଛନ୍ତି । ଏହି ଅବସରରେ ଆଜି ଭୁବନେଶ୍ୱର ସ୍ଥିତ ମିଶନ ଶକ୍ତି ଭବନଠାରେ 'ଦୀକ୍ଷାନ୍ତ ସମାରୋହ' ଆୟୋଜିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ୧୮ ଜଣ ପ୍ରଶିକ୍ଷାର୍ଥୀଙ୍କୁ ସମ୍ମାନିତ କରିଥିଲେ । ସେଥି ମଧ୍ୟରୁ ୩ ଜଣ ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀଙ୍କୁ ଯଥାକ୍ରମେ ପ୍ରଥମ ଓ ୨ ଜଣଙ୍କୁ ଦ୍ୱିତୀୟ ଭାବେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ୨୫୦୦୦ ଏବଂ ୨୦୦୦୦ ଟଙ୍କାର ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ପ୍ରଶିକ୍ଷଣ ଯାତ୍ରା ଉପରେ ଏକ ଛୋଟ ଭିଡିଓ ପ୍ରଦର୍ଶିତ ହେଇଥିଲା । ତା'ପରେ ସଦସ୍ୟାଙ୍କ ଦ୍ୱାରା 'ସୃଜନୀ' - ଇଣ୍ଡିୟାନ୍ ବ୍ରାଇଡାଲ୍ ଫ୍ୟାସନ୍ ଶୋ ପ୍ରଦର୍ଶନ କରାଯାଇଥିଲା । ପ୍ରଶିକ୍ଷାର୍ଥୀମାନେ ବିଭିନ୍ନ ଇଣ୍ଡିୟାନ୍ ବ୍ରାଇଡାଲ୍ ସାଜସଜ୍ଜା ମାଧ୍ୟମରେ ନିଜର ପ୍ରତିଭା ଓ ପାରଦର୍ଶିତା ଦେଖାଇଥିଲେ ।

# ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟ ଘର ୟୁଏଲ୍ଏ ମଡେଲ୍‌ର ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଆଜି ଏହାର ବ୍ୟବସାୟିକ ସହଯୋଗୀ (ବିଜନେସ୍ ଆସୋସିଏଟ୍ସ) ମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ଏ) ମଡେଲ୍ ଅଧୀନରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଲି ଯୋଜନା ବିଷୟରେ ବ୍ୟବସାୟିକ ସହଯୋଗୀମାନଙ୍କୁ ଅବଗତ କରାଇବା ଏବଂ ସେଣ୍ଟ୍ରାଲ ଓଡ଼ିଶାରେ ରୁଫ୍ ?ଟପ୍ ସୋଲାର୍ ପ୍ରକଳ୍ପକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ।




ଏହି କାର୍ଯ୍ୟକ୍ରମରେ ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅରଭିନ୍ଦ ସିଂହ ଯୋଗଦେଇ ବ୍ୟବସାୟିକ ସହଯୋଗୀମାନଙ୍କୁ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସେ ପଞ୍ଜୀକରଣ ପ୍ରକ୍ରିୟା, ସ୍ଥାପନ ପ୍ରଣାଳୀ ଏବଂ କେନ୍ଦ୍ର ସରକାରଙ୍କ ନବୀନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ସବସିଡି ସହାୟତା ବିଷୟରେ ଆଲୋକପାତ କରିଥିଲେ । ଉଭୟ ଉପଭୋକ୍ତା ଏବଂ ସିଷ୍ଟମ୍ ସଂସ୍ଥାପକ ଭାବରେ ଏଥିରେ ଅଂଶଗ୍ରହଣ କରିବା ପାଇଁ ସେ ବ୍ୟବସାୟିକ ସହଯୋଗୀମାନଙ୍କ ସହଯୋଗ ଲୋଡିଥିଲେ । କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଲୋକମାନଙ୍କୁ କିପରି ସଚେତନ କରାଯାଇପାରିବ ସେ ନେଇ ମାର୍ଗଦର୍ଶନ କରିଥିଲେ । ଟିପିସିଓଡିଏଲ୍ ସେବା ଯୋଗାଣ ଅଞ୍ଚଳ ଅଧୀନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତରେ ଏହି ଯୋଜନାର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ବ୍ୟବସାୟିକ ସହଯୋଗୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ଯୋଜନାର ନିୟମାବଳୀ ଅନୁଯାୟୀ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ନିଜ ଅଞ୍ଚଳରେ ସ୍ଥାପିତ ହେଉଥିବା ପ୍ରତି ରୁଫ୍‌ଟପ୍ ସିଷ୍ଟମ୍ ପାଇଁ ୧୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପାଇବାକୁ ହକ୍‌ଦାର୍ ହେବେ । ଏହି ଅଧିବେଶନରେ ୟୁଏଲ୍ଏ ମଡେଲ୍ କିପରି ରୁଫ୍‌ଟପ୍ ସୋଲାର୍ ବ୍ୟବହାର ପ୍ରକ୍ରିୟାକୁ ସରଳ ଓ ସୁଗମ କରିଥାଏ ଏବଂ ଉପଭୋକ୍ତାମାନଙ୍କୁ ସହଜରେ ସ୍ୱଚ୍ଛ, ଶସ୍ତା ଓ ଭରସାଯୋଗ୍ୟ ଶକ୍ତି ଯୋଗାଇବାରେ ସହାୟକ ହୁଏ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଘରୋଇ ଉପଭୋକ୍ତାମାନଙ୍କୁ ଏଥିରେ ସାମିଲ କରିବା ନିମନ୍ତେ ବ୍ୟବସାୟିକ ସହଯୋଗୀମାନଙ୍କୁ ଏହି ଯୋଜନାର ଉଭୟ ଆର୍ଥିକ ଓ ପରିବେଶଗତ ଲାଭ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା । ଏହି ଅବସରରେ ଟିପିସିଓଡିଏଲ୍ ସିଇଓ ଅରଭିନ୍ଦ ସିଂହ କହିଛନ୍ତି ଯେ ୟୁଏଲ୍ଏ ମଡେଲ୍ ଅଧୀନରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଲି ଯୋଜନା ଘରେ ଘରେ ସୌର ଶକ୍ତି ପହଞ୍ଚାଇବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଆମର ବ୍ୟବସାୟିକ ସହଯୋଗୀମାନଙ୍କୁ ସଠିକ୍ ଜ୍ଞାନ ପ୍ରଦାନ କରି ଆମେ ତୃଣମୂଳ ସ୍ତରରେ ସୌର ଶକ୍ତିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟକୁ ସାକାର କରିବାକୁ ଲକ୍ଷ୍ୟ ରଖିଛୁ । ନିଜର ସେବା ଯୋଗାଣ ଅଞ୍ଚଳ ମଧ୍ୟରେ ଦୀର୍ଘସ୍ଥାୟୀ ଏବଂ ଗ୍ରାହକ-କେନ୍ଦ୍ରିକ ସମାଧାନ ପ୍ରଦାନ କରିବାକୁ ଟିପିସିଓଡିଏଲ୍ ପ୍ରତିଶ୍ରୁତିବଦ୍ଧ ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ସର୍ବୋତ୍ତମ ପଣ୍ୟ ବୋଝେଇ ପ୍ରଦର୍ଶନ

**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପୁଣି ଥରେ ପଣ୍ୟ କାରବାରରେ ସର୍ବୋତ୍ତମ ପ୍ରଦର୍ଶନ ହାସଲ କରି ଅସାଧାରଣ କାର୍ଯ୍ୟକ୍ଷମ ଶକ୍ତି ପ୍ରଦର୍ଶନ କରିଛି ଯାହା ଭାରତୀୟ ରେଳବାଇରେ ପଣ୍ୟ ପରିବହନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରେଳମଣ୍ଡଳ ଭାବରେ ଏହାର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିଛି । ଏହି ରେଳମଣ୍ଡଳ ରେକର୍ଡ ଭାଙ୍ଗିବା ପରିଣାମ ପ୍ରଦାନ କରିଚାଲିଛି ଯାହା ଭାରତୀୟ ରେଳବାଇର ପଣ୍ୟ ପରିବହନ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରୁଛି ।



ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସାମଗ୍ରିକ ପଣ୍ୟ ପରିଚାଳନାରେ ଦେଶକୁ ନେତୃତ୍ୱ ଦେଇ ଚାଲିଛି । ଏହି ରେଳମଣ୍ଡଳ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ପ୍ରଭାବଶାଳୀ ୨୦୯ ନିୟୁତ ଟନ୍ ପଣ୍ୟ କାରବାର ହାସଲ କରିଛି ଯେଉଁଥିରେ ୧୧୫ ନିୟୁତ ଟନ୍ ପଣ୍ୟ ବୋଝେଇ ଏବଂ ୯୪ ନିୟୁତ ଟନ୍ ପଣ୍ୟ ଅପସାରଣ ଅନ୍ତର୍ଭୁକ୍ତ । ବିଳାସପୁର ରେଳମଣ୍ଡଳ ୧୬୯.୬ ନିୟୁତ ଟନ୍ ସହିତ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଧାନବାଦ ରେଳମଣ୍ଡଳ ୧୫୨.୮ ନିୟୁତ ଟନ୍ ଏବଂ ଚକ୍ରଧରପୁର ରେଳମଣ୍ଡଳ ୧୪୫.୮ ନିୟୁତ ଟନ୍ ପଣ୍ୟ କାରବାରରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାତ୍ର ୨୩୫ ଦିନରେ (ଚଳିତ ଆର୍ଥିକ ବର୍ଷର ୨୧.୧୧.୨୦୨୫ ସୁଦ୍ଧା) ୨୦୦ ନିୟୁତ ଟନ୍ ପଣ୍ୟ ପରିଚାଳନା କରି ଏକ ନୂତନ ଜାତୀୟ ମାନଦଣ୍ଡ ସ୍ଥାପନ କରିଛି । ଏହା ଭାରତୀୟ ରେଳବାଇରେ ସବୁଠାରୁ ଦ୍ରୁତତମ ସଫଳତା ଯାହା ୨୦୨୪-୨୫ ରେ ଏହାର ୨୫୦ ଦିନର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କେବଳ ନଭେମ୍ବର ୨୦୨୫ରେ ଏହାର ସର୍ବଶ୍ରେଷ୍ଠ ୧୪.୪୪୧ ନିୟୁତ ଟନ୍ ପଣ୍ୟ ବୋଝେଇ ହାସଲ କରିଥିଲା ଯାହା ପୂର୍ବ ସମସ୍ତ ନଭେମ୍ବର ମାସ ପଣ୍ୟ କାରବାର ଯଥା ୧୨.୯୯୦ ନିୟୁତ ଟନ୍ (ନଭେମ୍ବର ୨୦୨୩); ୧୨.୭୮୦ ନିୟୁତ ଟନ୍ (ନଭେମ୍ବର ୨୦୨୧) ଏବଂ ୧୨.୬୯୦ ନିୟୁତ ଟନ୍ (ନଭେମ୍ବର ୨୦୨୪)କୁ ଅତିକ୍ରମ କରିଛି । ପ୍ରଥମ ଥର ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଯେକୌଣସି ନଭେମ୍ବରରେ ୧୪ ନିୟୁତ-ଟନ୍ ପଣ୍ୟ ବୋଝେଇ ଅତିକ୍ରମ କରି ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି । ଅଧିକ ପଣ୍ୟ ବୋଝେଇ ସହିତ, ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ରେକର୍ଡ କରିଛି ଯେଉଁଥିରେ ନଭେମ୍ବର ୨୦୨୫ରେ ୧୩୭୦.୬୪ କୋଟି ଟଙ୍କା ଆୟ ଅନ୍ତର୍ଭୁକ୍ତ ଥିବାବେଳେ ଏହା ନଭେମ୍ବର ୨୦୨୪ରେ ୧୧୪୩.୨୦ କୋଟି ଟଙ୍କାଠାରୁ ୧୯.୯% ବୃଦ୍ଧି ଘଟାଇଛି ଏବଂ ଏହା ୧୩.୮% ପଣ୍ୟ ବୋଝେଇ ଅଭିବୃଦ୍ଧିକୁ ପଛରେ ପକାଇଛି । ଅନେକ ଟର୍ମିନାଲ ସେମାନଙ୍କର ସର୍ବୋତ୍ତମ ମାସିକ କାର୍ଯ୍ୟଦକ୍ଷତା ହାସଲ କରିଛି । ସେଗୁଡିକ ମଧ୍ୟରୁ ଟାଟା ଷ୍ଟିଲ୍ ଲିମିଟେଡ୍, ଯଖପୁରା ୧୬୩ ରେକ୍ (ପୂର୍ବ ସର୍ବୋତ୍ତମ: ଅକ୍ଟୋବର ୨୦୨୫ ରେ ୧୬୦ ରେକ୍), ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍, ସୁକିନ୍ଦା ୫୩ ରେକ୍ (ପୂର୍ବ ସର୍ବୋତ୍ତମ: ମେ ୨୦୨୫ ରେ ୪୯ ରେକ୍), ଆଇଓସିଏଲ ପେପ କୋକ ସାଇଡିଂ , ପାରାଦୀପ ୩୪ ରେକ୍ (ପୂର୍ବ ସର୍ବୋତ୍ତମ: ଡିସେମ୍ବର ୨୦୨୦ ରେ ୩୩ ରେକ୍) ପାରାଦୀପ ପୋର୍ଟ ଟ୍ରଷ୍ଟ ଫେଜ ୨ର ଡିପ ଡ୍ରଟ ଆଇରନ ଓର ଆଣ୍ଡ କୋଲ ବର୍ଥସ, ପାରାଦୀପ ୯.୨ ରେକ୍/ଦିନ (ପୂର୍ବ ସର୍ବୋତ୍ତମ: ଜୁଲାଇ ୨୦୨୫ ରେ ୯.୧ ରେକ୍/ଦିନ) ପରିବହନ କରିଛି ।

## ବଦଳିଲା ରଚନାଙ୍କ ଭାଗ୍ୟ

# କୃଷକଙ୍କ ଝିଅ ହେଲେ ଜାତୀୟସ୍ତରର ତୀରନ୍ଦାଜ୍

**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲାର ଚାନାଲିମା ଗାଁର ଶାନ୍ତ ପରିବେଶର ଆଦିବାସୀ ଝିଅ ରଚନା ଆଜି ଜାତୀୟ ସ୍ତରର କ୍ରୀଡ଼ାବିତ୍ । ଏକଦା ବିଦ୍ୟାଳୟ, ଘର କାମ ଏବଂ ତାଙ୍କ ମାଆଙ୍କୁ ସେମାନଙ୍କର ଛୋଟ ଚାଷଜମିରେ ସାହାଯ୍ୟ କରିବା ଚାରିପଟେ ଘୂରି ବୁଲୁଥିବା ଏହି ୧୭ ବର୍ଷୀୟା ରଚନା ରାଜ୍ୟର ସବୁଠାରୁ ପ୍ରତିଭାବାନ ଯୁବ ତୀରନ୍ଦାଜଙ୍କ ମଧ୍ୟରେ ଛିଡ଼ା ହୋଇଛନ୍ତି । ପିତା ସ୍ୱର୍ଗତ ନବୀନ ମାଝୀଙ୍କ ଦେହାନ୍ତ ପରେ ରଚନା ଏବଂ ତାଙ୍କ ବଡ଼ ଭଉଣୀଙ୍କୁ ସେମାନଙ୍କ ମା' ଚମ୍ପା ମାଝୀ ଏକାକୀ ଲାଳନପାଳନ କରିଥିଲେ । ସୀମିତ ସାଧନ ଏବଂ କ୍ରୀଡ଼ା ପ୍ରତି କୌଣସି ଅଭିଜ୍ଞତା ନ ଥିବାରୁ ରଚନା କେବେ ବି ପାଠପଢ଼ା ଏବଂ ଚାଷ ବାହାରେ ଭବିଷ୍ୟତର କଳ୍ପନା କରିନଥିଲେ । ଏହା ୨୦୨୧ରେ ବେଦାନ୍ତ ତୀରନ୍ଦାଜୀ ତାଲିମ ପଦକ୍ଷେପର ସଂଯୋଜକମାନେ ଲାଞ୍ଜିଗଡ଼ରେ ଥିବା ତାଙ୍କ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏକ ଧନୁର ଦୃଶ୍ୟ ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ଥିଲା । ତଥାପି ତୀରନ୍ଦାଜୀର ସଠିକତା ଏବଂ ଶାନ୍ତ ଫୋକସ୍ ବିଷୟ ତାଙ୍କୁ ଆକର୍ଷିତ କରିଥିଲା । ନାମ ଲେଖାଇବା ପରେ ରଚନା ଉପଯୁକ୍ତ ଉପକରଣ, ପୁଷ୍ଟିସାଧନ ସହାୟତା ଏବଂ ଗାଇଡେଡ୍ କୋଚିଂ ସୁବିଧା ସହିତ ଏକ ସଂରଚିତ ପରିବେଶରେ ପ୍ରବେଶ କରିଥିଲେ । ୨୦୨୨ରେ ସେ ଓପନ୍ ଷ୍ଟେଟ୍ ଚାମ୍ପିଅନସିପ୍, ୨୦୨୪ରେ ବିଦ୍ୟାଳୟ ସ୍କୁଲ ଷ୍ଟେଟ୍ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଏବଂ ଓପନ୍ ଷ୍ଟେଟ୍ ଚାମ୍ପିଅନସିପରେ ଆଉ ଏକ ରୌପ୍ୟ ହାସଲ କରିଥିଲେ । ୨୦୨୫ ରେ ଏସ୍‌ଜିଏଫ୍ଆଇ ପରିଷଦ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ହାସଲ କରି ସବ୍-ଜୁନିଅର୍ ଜାତୀୟ ଚାମ୍ପିଅନସିପ୍ ପାଇଁ ଚୟନ କରାଯାଇଥିଲା । ୨୦୧୮ରେ ଆରମ୍ଭ ହୋଇଥିବା ବେଦାନ୍ତ ତୀରନ୍ଦାଜୀ କାର୍ଯ୍ୟକ୍ରମ ବର୍ତ୍ତମାନ ୩୦୦ରୁ ଅଧିକ ଗ୍ରାମୀଣ ଏବଂ ଆଦିବାସୀ ପିଲାମାନଙ୍କୁ ଜାତୀୟ ସ୍ତରୀୟ ପ୍ରଶିକ୍ଷଣ, ଆଧୁନିକ ଉପକରଣ, ଏକ୍ସପୋଜର ସୁଯୋଗ ଏବଂ ଅଲମ୍ପିଆନ୍ ରାହୁଲ ବାନାର୍ଜୀଙ୍କ ପରାମର୍ଶ ପ୍ରଦାନ କରୁଛି ବୋଲି ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି । ସେ କହିଛନ୍ତି ଯେ ଯେତେବେଳେ ସୁଯୋଗ ତୃଣମୂଳ ସ୍ତରରେ ପହଞ୍ଚେ, ରଚନାଙ୍କ ଭଳି ଯାତ୍ରା ପ୍ରତିଫଳିତ କରେ ଯେ ସବୁକିଛି ସମ୍ଭବ ।

ନିତିଦିନ NITIDIN



**ସଚିବସ୍ତରୀୟ ବୈଠକ**

# ଭିତ୍ତିଭୂମି ପ୍ରକଳ୍ପ 'ଗତି ଶକ୍ତି' ପ୍ଲାଟ୍‌ଫର୍ମରେ ସ୍ଥାନଦେବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨।୧୨/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଥିବା ଅତ୍ୟନ୍ତ ଜରୁରୀ ପ୍ରକଳ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଗ୍ରାଧିକାର ଦେଇ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ସମ୍ପର୍କିତ ସଦ୍ୟତମ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବିଭିନ୍ନ ନୂଆ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ 'ଗତି ଶକ୍ତି' ପ୍ଲାଟଫର୍ମରେ ବାଧ୍ୟତାମୂଳକ ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବା ଜମି, ଆପ୍ରୋଚ୍ ରୋଡ୍ ଏବଂ ଆନୁଷଙ୍ଗିକ ସମସ୍ୟାର ସମାଧାନ କରାଯାଇପାରିବ । ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଡାଟାବେସ ପ୍ରସ୍ତୁତ କରାଯାଇଛି। ସେହି ଡାଟାବେସକୁ ଅଦ୍ୟତନ କରାଯିବା, ପ୍ରକଳ୍ପଗୁଡ଼ିକର ସ୍ଥିତି ଅନୁଧ୍ୟାନ ଏବଂ ବିଭିନ୍ନ ବିଭାଗ ସମନ୍ୱୟରେ କାର୍ଯ୍ୟ ସମୀକ୍ଷା କରାଯିବା ସମ୍ପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବିଭାଗୀୟ ସଚିବମାନଙ୍କୁ ନିଜସ୍ୱ ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ଅଗ୍ରାଧିକାର କ୍ଷେତ୍ର ଓ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହିତ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ଫିଟ୍ ଇଣ୍ଡିଆ' ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

**ଭୁବନେଶ୍ୱର,ସମ୍ବଲପୁର,୨।୧୨/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ' ଆରମ୍ଭ କରି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରହିବା ପାଇଁ ପ୍ରେରଣା ଦେଇ ଆସୁଛନ୍ତି। ଏହି 'ଫିଟ୍ ଇଣ୍ଡିଆ' ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସମ୍ବଲପୁରରେ '୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫'ର ଉଦ୍‌ଘାଟନୀ ସମାରୋହରେ ଭିଡ଼ିଓ ବାର୍ତ୍ତା ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି, କଳା ଓ ସଂସ୍କୃତିର ସହର ସମ୍ବଲପୁରରେ ଆୟୋଜିତ '୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫' କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଭାରତର ଶ୍ରେଷ୍ଠ ସାଇକେଲ ଚାଳକମାନଙ୍କ ପ୍ରତିଭାକୁ ଗୋଟିଏ ମଞ୍ଚରେ ଏକାଠି କରିବାର ମହାନ ଅବସର। ଏହି ଚାମ୍ପିଅନସିପ୍ ଚଳିତ ଡିସେମ୍ବର ୨ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁରର ନକ୍ସାପାଲିରୁ ଝାଙ୍କରପାଲି ପର୍ଯ୍ୟନ୍ତ ଏହି ସାଇକେଲ୍ ଯାତ୍ରା ଅନୁଷ୍ଠିତ ହେବ। ଓଡ଼ିଶା ସମେତ ସାରା ଭାରତବର୍ଷରୁ ଏହି ପ୍ରତିଯୋଗିତାରେ ପ୍ରାୟ ୮୫୦ରୁ ଅଧିକ ଚାଳକ ଏବଂ ୧୨୨ ଜଣ ଟିମ୍ ଅଧିକାରୀ ଅଂଶଗ୍ରହଣ କରିଛନ୍ତି, ଯାହା ଏକ ଶୁଭ ସଙ୍କେତ। ଏହି ଚାମ୍ପିଅନସିପ୍‌ର ମୁଖ୍ୟ ଲକ୍ଷ୍ୟ ହେଉଛି - ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଫିଟ୍‌ନେସ୍ ପାଇଁ ଉତ୍ସାହିତ କରିବା। ସେ ଆହୁରି କହିଛନ୍ତି, ଖେଳାଳିମାନେ ହେଉଛନ୍ତି ଦେଶର ବ୍ରାଣ୍ଡ୍ ଆମ୍ବାସାଡର୍। ସେମାନଙ୍କର କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ଦେଶକୁ ଅନେକ ସଫଳତା ଦେଇଛି। ଜୀବନରେ କାର୍ଯ୍ୟ କରିବା ଯେପରି ଜରୁରୀ, ସେହିପରି ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଖେଳ ଏବଂ ଫିଟନେସ୍ ମଧ୍ୟ ଜରୁରୀ। ଏହି ଚାମ୍ପିୟନସିପରେ ଭାଗ ନେଇଥିବା ପ୍ରତିଯୋଗୀମାନେ କେବଳ ପ୍ରତିଯୋଗିତା କରନ୍ତୁ ନାହିଁ, ବରଂ ନିଜ ନିଜ ମଧ୍ୟରେ କ୍ରୀଡ଼ା ମନୋଭାବ ମଧ୍ୟ ବଜାୟ ରଖନ୍ତୁ। ଉଭୟ ପୁରୁଷ ଓ ମହିଳା ବିଭାଗର ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ୫ ଦିନ ଧରି ମାଆ ସମଲେଶ୍ୱରୀଙ୍କ ପୀଠ, ସନ୍ଥକବି ଭୀମ ଭୋଇଙ୍କ ପୀଠ ଶୂନ୍ୟବ୍ରହ୍ମ, ହୀରାକୁଦ ଡ୍ୟାମ, ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ଖିଣ୍ଡା, ଉଷାକୋଠି, ଦେବ୍ରିଗଡ଼ ଅଭୟାରଣ୍ୟ ଭଳି ସ୍ଥାନ ପରିଦର୍ଶନ କରିବା ପାଇଁ ସେ ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ସମ୍ବଲପୁରର ସରସତିଆ ଓ ଅନ୍ୟ ଖାଦ୍ୟର ମଜା ନେବା ପାଇଁ ମଧ୍ୟ ଭିଡ଼ିଓ ବାର୍ତ୍ତା ଦେଇଛନ୍ତି। ଏହି ଆୟୋଜନ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ପ୍ରଶାସନ, ସାଇକେଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ସିଏଫଆଇ), ଓଡ଼ିଶା ସାଇକେଲିଂ ଆସୋସିଏସନ ତଥା ଏଥିରେ ନିୟୋଜିତ ସମସ୍ତ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



# ରୋଗୀକୈନ୍ଦ୍ରିକ ପଦକ୍ଷେପ ଅନୁମୋଦିତ

**ଭୁବନେଶ୍ୱର,୨।୧୨/ଏନ୍‌ଏନ୍‌ଏସ୍:** ରାଜ୍ୟର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀମାନଙ୍କ ପାଇଁ ଅବିରତ, ନିର୍ବିଘ୍ନ ଓ ନିଶୁଳ୍କ ଚିକିତ୍ସା ସୁବିଧା ବଜାୟ ରଖିବା ନିମନ୍ତେ ଯୋଜନାର କ୍ଷମତା ସମ୍ପନ୍ନ କମିଟି ନୂଆ ରୋଗୀ - କୈନ୍ଦ୍ରିକ ପଦକ୍ଷେପ ଅନୁମୋଦନ କରିଛନ୍ତି। ଆଜି ଲୋକସଭା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ଷମତା ସମ୍ପନ୍ନ କମିଟି ବୈଠକରେ ଏହି ପ୍ରସ୍ତାବ ଗୁଡିକ ଆଲୋଚିତ ହୋଇଥିଲା।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ଆଲୋଚନା ନିମନ୍ତେ ପ୍ରସଙ୍ଗମାନ ଉପସ୍ଥାପନ କରିଥିଲେ ଏବଂ ରାଜ୍ୟ ଭରସା ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ବୃନ୍ଦା ଡି କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧୀୟ ସଦ୍ୟତନ ପ୍ରଦାନ କରିଥିଲେ। ଯୋଜନାର ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ସଚିବ ଶ୍ରୀ ଆହୁଜା ତାଲିକାଭୁକ୍ତ ହସ୍ପିଟାଲମାନଙ୍କ ଦ୍ୱାରା ସନ୍ଦେହ ଜନକ ଚିକିତ୍ସା ବାବଦ ବିଲ ଦାଖଲ, ବୁଝାମଣା ପତ୍ର ସର୍ତ୍ତର ଉଲ୍ଲଙ୍ଘନ ଓ ଅନିୟମିତ କାର୍ଯ୍ୟ ବିରୁଦ୍ଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ପାଇଁ ଆୟୁଷ୍ମାନ ଯୋଜନାରେ ଅଙ୍କୋଲୋଜି, ହେମାଟୋଲୋଜି, ଚକ୍ଷୁ ଚିକିତ୍ସା ଆଦି ବିଭାଗର ୭୩ଟି ନୂଆ ଚିକିତ୍ସା ପ୍ୟାକେଜ ଯୋଗ କରାଯିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଏହା ସହ ରାଜ୍ୟ ପାଇଁ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ପ୍ୟାକେଜ୍ ସଂଖ୍ୟା ୨,୧୬୩ କୁ ବୃଦ୍ଧି ପାଇବ। ମେଡିକାଲ ବିଶେଷଜ୍ଞ କମିଟିମାନଙ୍କ ଦ୍ୱାରା ଅଙ୍କୋଲୋଜି ବିଭାଗ ପାଇଁ ସୁପାରିଶ କରାଯାଇଥିବା ୧୨୧ ଟି ନୂଆ ଚିକିତ୍ସା ପ୍ୟାକେଜ, ସହ ୫୫ ଟି ପ୍ୟାକେଜର ଚିକିତ୍ସା ଦାମ ବୃଦ୍ଧି ବିଷୟ ମଧ୍ୟ ଆଲୋଚନା ହୋଇଥିଲା । ସରକାରୀ ହସ୍ପିଟାଲମାନଙ୍କରେ ପର୍ଯ୍ୟାୟକ୍ରମେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା, ସ୍ୱାସ୍ଥ୍ୟ ମିତ୍ର ମାନଙ୍କୁ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ର ଭାବେ ନାମିତ କରିବା, ନୂଆ ସଫ୍ଟୱେୟାରକୁ ତଥ୍ୟ ସ୍ଥାନାନ୍ତର ପ୍ରକ୍ରିୟା କାଳରେ ହିତାଧିକାରୀ ପରିବାରର ୬ ରୁ ୧୮ ବର୍ଷ ବୟସ୍କ ପିଲାମାନଙ୍କ ଚିକିତ୍ସା ବାବଦ ବିଲ ପୈଠ ଆଦି ବିଷୟରେ ମଧ୍ୟ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ଯୋଜନା ଅନ୍ତର୍ଭୁକ୍ତ ବ୍ୟକ୍ତି ମାନଙ୍କର ନିର୍ଭିଘ୍ନ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ନିଶ୍ଚିତ କରାଇବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପମାନ ନେବା ପାଇଁ ବୈଠକରେ ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ବୈଦ୍ୟୁତିକ ଓ ବୈଷୟିକ ଜ୍ଞାନ କୌଶଳ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚାରି ବର୍ଷରେ ଚିହ୍ନଟ ହେଲାଣି ୧୬୮ ନକଲି ଔଷଧ: ମନ୍ତ୍ରୀ

**ଭୁବନେଶ୍ୱର,୨।୧୨/ଏନ୍‌ଏନ୍‌ଏସ୍:** ବଜାରରେ ଏବେ ପୁଳା ପୁଳା ନକଲି ଔଷଧ ଓ ପାନ ୪୦, ପାନଟପ, ଟେଲମା, ପାରାସିଟାମଲ ପରି ୮୦ଟି ନକଲି ଔଷଧ ବଜାରରେ ବୁଲୁଛି। ମଙ୍ଗଳବାର ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ତଥ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ବିଗତ ୪ ବର୍ଷରେ ଚିହ୍ନଟ ହେଲାଣି ୧୬୮ ନକଲି ଔଷଧ ଓ ଆଉ ୩୮୮ଟି ନିମ୍ନ ମାନର ମେଡ଼ିସିନ ଓ ଗତ ୪ ବର୍ଷରେ ଅଢ଼େଇ କୋଟିର ଉର୍ଦ୍ଧ୍ୱ ଟଙ୍କାର ନକଲି ମେଡ଼ିସିନ ଜବତ କରିଛନ୍ତି ସରକାର। ମନ୍ତ୍ରୀ କହିଛନ୍ତି ଯେ ୨୦୨୧ ରୁ ୨୦୨୪-୨୫ ଭିତରେ ୧୬୮ ଟି ନକଲି ମେଡ଼ିସିନ ଚିହ୍ନଟ ହୋଇଛି। ସେହିଭଳି ୩୮୮ଟି ନିମ୍ନ ମାନର ମେଡ଼ିସିନ, ଯାହାକି ଆବଶ୍ୟକୀୟ ଗୁଣବତ୍ତା ଏବଂ ପ୍ରଭାବଶାଳୀ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛନ୍ତି। ୨୦୨୧ରେ ୭୯ ଟି, ୨୦୨୨ରେ ୬୪ଟି, ୨୦୨୩ରେ ୧୪ଟି ଏବଂ ୨୦୨୪ରେ ୧୧ଟି ନକଲି ମେଡ଼ିସିନ ଚିହ୍ନଟ ହୋଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

**ଲୋକ ଭବନରେ ଆସାମ ଏବଂ ନାଗାଲାଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ**

# ବିବିଧତାରେ ଏକତାକୁ ଅଧିକ ଋଦ୍ଧିମନ୍ତ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୨।୧୨/ଏନ୍‌ଏନ୍‌ଏସ୍:** ବିବିଧତାରେ ଏକତା ହେଉଛି ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ। ଏହା ଏକ ସ୍ଲୋଗାନ ନୁହେଁ ବରଂ ଏକ ମିଳିତ ଜାତୀୟ ଦାୟିତ୍ୱ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିବା ସହିତ ଦେଶରେ ବିବିଧତାରେ ଏକତାର ଭାବନାକୁ ଅଧିକ ସୁଦୃଢ଼ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି। ମଙ୍ଗଳବାର ଲୋକ ଭବନର ନୂତନ ଅଭିଷେକ ହଲରେ ଆୟୋଜିତ ଆସାମ ଏବଂ ନାଗାଲାଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଆସାମ ଏବଂ ନାଗାଲାଣ୍ଡର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ ଏହି ଅବସର କେବଳ ଏହି ଦୁଇଟି ଗର୍ବିତ ରାଜ୍ୟର ସମୃଦ୍ଧ ଇତିହାସ ନୁହେଁ ବରଂ ଦେଶକୁ ଏକତା, ସମ୍ମାନ ଏବଂ ଏକ ମିଳିତ ଦୃଷ୍ଟିକୋଣ ସହିତ ବାନ୍ଧି ରଖୁଥିବା ମୂଲ୍ୟବୋଧକୁ ମଧ୍ୟ ପ୍ରତିଫଳିତ କରେ। ଯେତେବେଳେ ଏହାର ବିବିଧତାକୁ ଆନ୍ତରିକତାର ସହିତ ସମ୍ମାନିତ କରାଯାଏ ସେତେବେଳେ ଭାରତ ଅଧିକ ଶକ୍ତିଶାଳୀ ହୁଏ। ଉତ୍ତର-ପୂର୍ବାଞ୍ଚଳ ବିଷୟରେ ବିଶେଷ କରି ଏହାର ଭାବପ୍ରବଣ ସ୍ଥାନ ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ ଏବଂ କହିଥିଲେ ଯେ ଏହା ଘରର ପବିତ୍ର ଉତ୍ତର-ପୂର୍ବ କୋଣ ସହିତ ତୁଳନୀୟ। ଏହି ଅଞ୍ଚଳକୁ ପ୍ରକୃତି, ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ଏକ ଅନନ୍ୟ ମିଶ୍ରଣ ଭାବରେ ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଆସାମ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଏହା ବ୍ରହ୍ମପୁତ୍ରର ଭୂମି, ସୁସଜ୍ଜିତ ଚା ବଗିଚା, ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ, ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିହୁ ଭଳି ସ୍ପନ୍ଦନଶୀଳ ସାଂସ୍କୃତିକ ଉତ୍ସବର ମାଟି। ଆସାମ ଉତ୍ତର-ପୂର୍ବର ଏକ ସାଂସ୍କୃତିକ ବନ୍ଧନ ଭାବରେ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ନାଗାଲାଣ୍ଡ ବିଷୟରେ ରାଜ୍ୟପାଳ ଉଲ୍ଲେଖ କରି ଏହାର ଆଦିବାସୀ ଐତିହ୍ୟ, ହର୍ଣ୍ଣବିଲ୍ ମହୋତ୍ସବ ଏବଂ ସାମୁହିକ ଜୀବନର ଭାବନାକୁ ବିବିଧତାରେ ଏକତାର ପ୍ରତିଫଳନ ବୋଲି କହିବା ସହ ପ୍ରଶଂସା କରିଥିଲେ। ନାଗାଲାଣ୍ଡର ଲୋକଙ୍କ ସଚ୍ଚୋଟତା ଏବଂ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଭାରତର ବିକାଶ ପ୍ରତ୍ୟେକ ରାଜ୍ୟ ଏବଂ ପ୍ରତ୍ୟେକ ସଂସ୍କୃତି ଦ୍ୱାରା ଆକୃତିପ୍ରାପ୍ତ ଏକ ସାମୂହିକ ଯାତ୍ରା। ଯେତେବେଳେ ଦେଶ ପାରସ୍ପରିକ ସମ୍ମାନ ଏବଂ ସହଭାଗୀ ଦାୟିତ୍ୱ ସହିତ ଅଗ୍ରଗତି କରେ ସେତେବେଳେ ଚ୍ୟାଲେଞ୍ଜଗୁଡ଼ିକ ଦୂର କରିବା ସହଜ ହୋଇଯାଏ ଏବଂ ସାମୂହିକ ଲକ୍ଷ୍ୟ ହାସଲ କରାଯାଇଥାଏ। ନାଗରିକମାନଙ୍କୁ ସାଂସ୍କୃତିକ ବୁଝାମଣାକୁ ମଜଭୁତ କରିବା, ସହଯୋଗ ବିସ୍ତାର କରିବା ଏବଂ ଦେଶର ପ୍ରତ୍ୟେକ କୋଣରେ ବିକାଶ ପହଞ୍ଚିବାକୁ ନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ ଭାରତ- ଶ୍ରେଷ୍ଠ ଭାରତ' ପ୍ରୟାସକୁ ପ୍ରଶଂସା କରି ରାଜ୍ୟପାଳ ଏହାକୁ ଜାତୀୟ ବନ୍ଧନକୁ ସୁଦୃଢ଼ କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ପ୍ରୟାସ ବୋଲି କହିଥିଲେ। ରାଜ୍ୟପାଳ ଡ. କମ୍ଭମପାଟି ଓଡ଼ିଶାର ଅନ୍ତର୍ଭୁକ୍ତିମୂଳକ ଆତ୍ମାକୁ ମଧ୍ୟ ପ୍ରଶଂସା କରି ଉଲ୍ଲେଖ କରିଥିଲେ ଯେ ଉତ୍ତର-ପୂର୍ବର ଅନେକ ଲୋକ ଓଡ଼ିଶାକୁ ନିଜର ଦ୍ୱିତୀୟ ଘର କରିଛନ୍ତି ଏବଂ ଓଡ଼ିଶାର ସାଂସ୍କୃତିକ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ ସଦ୍‌ଭାବନା ବଢ଼ାଇବାରେ ସହଯୋଗ କରିଛନ୍ତି। କାର୍ଯ୍ୟକ୍ରମ ସମୟରେ ଆସାମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ଏକ ଭିଡିଓ ବାର୍ତ୍ତା ମଧ୍ୟ ପ୍ରସାରିତ ହୋଇଥିଲା। ଏହି ଅବସରରେ ଓଡ଼ିଶାରେ ସେବା କରୁଥିବା ଆସାମ ରାଜ୍ୟର ମୂଳ ବାସିନ୍ଦା ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ନାଗାଲାଣ୍ଡ ରାଜ୍ୟର ମୂଳ ବାସିନ୍ଦା ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି.ଏଓ ସେମାନଙ୍କର ରାଜ୍ୟର ବୈଶିଷ୍ଟ୍ୟ ଏବଂ ଓଡ଼ିଶାରେ ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋସନ ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

**ଶ୍ରୀବିଗ୍ରହଙ୍କ ବନକଲାଗି ନୀତି**

# ୫ ଘଣ୍ଟା ବନ୍ଦ ରହିବ ଜଗା ଦର୍ଶନ

**ପୁରୀ,୨।୧୨/ଏନ୍‌ଏନ୍‌ଏସ୍:** ବୁଧବାର ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି। ସେଥିପାଇଁ ୫ ଘଣ୍ଟା ବନ୍ଦ ରହିବ ଜଗା ଦର୍ଶନ। ଆସନ୍ତାକାଲି ମାର୍ଗଶିର ଶୁକ୍ଳ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ୨ୟ ଭୋଗମଣ୍ଡପ ଭୋଗ ଶେଷ ପରେ ଆରମ୍ଭ ହେବ ନୀତି। ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ବନ୍ଦ ରହିବ ସାଧାରଣ ଦର୍ଶନ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ବନକଲାଗି ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ଅପରାହ୍ନରେ ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଆରମ୍ଭ ହେବ। ଦତ୍ତ ମହାପାତ୍ର ସେବକମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ଲାଗି ଗର୍ଭଗୃହକୁ ପ୍ରବେଶ କରିବେ। ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଥ ଅଠା, କସ୍ତୁରୀ ଓ କଳା ଆଦି ବ୍ୟବହାର କରାଯିବ। ଏହା ଦ୍ୱାରା ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ।

**ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ**

# ପ୍ରାଥମିକ ସ୍ୱାସ୍ଥ୍ୟ ଯତ୍ନ ସେବା କାର୍ଯ୍ୟକ୍ରମରୁ ଲୋକେ ହୋଇଛନ୍ତି ଉପକୃତ

**ଭୁବନେଶ୍ୱର,୨।୧୨/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମିତିର ୨୨ତମ ପରିଚାଳନା କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଗତ ୨୧ତମ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା ଡଃ. ବୃନ୍ଦା ଡି., ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କ ସମେତ କମିଟିର ସଦସ୍ୟ ଥିବା ଅନ୍ୟ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ବଜେଟ୍ ଯୋଜନା ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟଭିତ୍ତିକ ପ୍ରମୁଖ ପଦକ୍ଷେପ ଓ ସଫଳତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକରୁ ଜଣାଯାଇଛି ଯେ ସ୍ୱାସ୍ଥ୍ୟ ବିଭାଗ ଜରିଆରେ 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ମାଧ୍ୟମରେ ବ୍ୟାପକ ପ୍ରାଥମିକ ସ୍ୱାସ୍ଥ୍ୟ ଯତ୍ନ ସେବା କାର୍ଯ୍ୟକ୍ରମ କରାଯାଇଛି। ଅଗଷ୍ଟ ୨୦୨୪ଠାରୁ ୮୨,୪୭୦ ଆୟୁଷ୍ମାନ ଶିବିର ଅନୁଷ୍ଠିତ ହୋଇ ୫୪ ଲକ୍ଷ ଲୋକ ସେବା ପାଇପାରିଛନ୍ତି। ରାଜ୍ୟରେ 'ସ୍ୱସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ଓଡ଼ିଶାରେ ରେକର୍ଡ ସଂଖ୍ୟକ ଏକ କୋଟିରୁ ଊର୍ଦ୍ଧ୍ୱ ଲୋକ ଶିବିରରେ ଯୋଗଦେଇଥିଲେ। ଓଡ଼ିଶାରେ ୧.୦୨ ଲକ୍ଷ ସ୍ୱାସ୍ଥ୍ୟ ଶିବିର ସହିତ ୫,୮୪୩ ଟି ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୨୫.୩୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଉଚ୍ଚ ରକ୍ତଚାପ ଓ ମଧୁମେହ ଏବଂ ୯.୬୪ ଲୋକଙ୍କର କର୍କଟ ରୋଗ ଚିହ୍ନଟ ପରୀକ୍ଷା କରାଯାଇ ପରାମର୍ଶ ଓ ପରବର୍ତ୍ତୀ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଇଛି। 'ନିଦାନ' କାର୍ଯ୍ୟକ୍ରମ ଜରିଆରେ ମେଡିକାଲ କଲେଜ ଓ ହସ୍ପିଟାଲ୍‌ଠାରୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଦେୟମୁକ୍ତ ରୋଗ ପରୀକ୍ଷଣ ବ୍ୟବସ୍ଥା କରାଯାଉଛି। ବୈଠକରେ ନିଦାନ 'ସିଟି ସ୍କାନ' ଓ ଏମଆରଆଇ ସ୍କାନ ବ୍ୟବସ୍ଥା, 'ସହାୟ' କାର୍ଯ୍ୟକ୍ରମ ଅଧିନରେ ଦେୟମୁକ୍ତ ଡାଏଲିସିସ ସେବା, ଦେୟମୁକ୍ତ ଔଷଧ ସେବା ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା। ରାଜ୍ୟରେ ୪୯ ହଜାର ୭୨୬ ଜଣ ଆଶା କର୍ମୀ ନିୟୋଜିତ ରହିଛନ୍ତି। ଜାତୀୟ ଆମ୍ବୁଲାନ୍ସ୍ ସେବା ଅଧିନରେ ୮୬୬ଟି ଜରୁରୀ ଆମ୍ବୁଲାନ୍ସ୍ ସେବା ଏବଂ ୫୦୦ ଜନନୀ ଏକ୍ସପ୍ରେସ୍ କାର୍ଯ୍ୟକ୍ଷମ ରହିଛି। ବୈଠକରେ ଜାତୀୟ ସିକଲ ସେଲ ରକ୍ତହୀନତା ଦୂରୀକରଣ ମିଶନ କାର୍ଯ୍ୟକ୍ରମ, ଆକାଂକ୍ଷୀ ବ୍ଲକରେ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହୋଇ ୨୦୨୪-୨୫ ବର୍ଷରେ ଓଡ଼ିଶା କାୟାକଳ୍ପ ପୁରସ୍କାର ପ୍ରାପ୍ତ ହୋଇଛି। ରାଜ୍ୟ, ଜିଲ୍ଲା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦିରେ ନୂଆ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଜାରି ରହିଥିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟର ୧୫ଟି ଜିଲ୍ଲାର ୫୫ଟି ବ୍ଲକ୍‌ର ୧୭୫୧ଟି ଗାଁରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମଜନମନ) କାର୍ଯ୍ୟକାରୀ ହୋଇଛି ଏବଂ ଏଥିରେ ଏହି ଗୋଷ୍ଠୀର ପ୍ରାୟ ୩.୧୦ ଲକ୍ଷ ଜନସଂଖ୍ୟା ଉପକୃତ ହେଉଛନ୍ତି। ପିଭିଟିଜି ଜିଲ୍ଲାରେ ୧୨୨ଟି ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ୫୫ଟି ପିଭିଟିଜି ଜିଲ୍ଲାରେ ୫୧ ଟି ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟକାରୀ ହେଉଛି। ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ( ଡିଏଜେୟୁଜିଏ) ଅଭିଯାନ ଅଧୀନରେ, ୨୭ଟି ଜିଲ୍ଲାର ୨୩୪ଟି ବ୍ଲକରେ ଥିବା ୭,୬୬୭ଟି ଗାଁରେ ୭,୩୪,୪୧୫ ଜଣଙ୍କୁ ମେଡିକାଲ ହେଲଥ ୟୁନିଟ୍ ମାଧ୍ୟମରେ ବିଭିନ୍ନ ରୋଗର ପ୍ରାଥମିକ ସ୍କ୍ରିନିଂ ଓ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଅନୁସାରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ଆହୁରି ଉନ୍ନତ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ, ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ନିୟମିତ ସମୀକ୍ଷା କରିବା, ରୋଗୀମାନଙ୍କ ପରୀକ୍ଷଣ ଓ ଚିକିତ୍ସାକୁ ପ୍ରାଥମିକତା ସମ୍ପର୍କରେ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ।

**ମେଗା ପାନୀୟ ଜଳ ପ୍ରକଳ୍ପ ଦୁର୍ନୀତିର ହେବ ତଦନ୍ତ**

# ସଙ୍କେତ ଦେଲେ ମନ୍ତ୍ରୀ

**ଭୁବନେଶ୍ୱର,୨।୧୨/ଏନ୍‌ଏନ୍‌ଏସ୍:** ମେଗା ପାନୀୟ ଜଳ ପ୍ରକଳ୍ପ ଦୁର୍ନୀତିର ହୋଇପାରେ ତଦନ୍ତ। ବିଧାନସଭାରେ ଉତ୍ତର ବେଳେ ସଂକେତ ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ୩୫ ହଜାର କୋଟିର ପ୍ରକଳ୍ପ କାହିଁକି ନିର୍ଦ୍ଦିଷ୍ଟ ୧୭ ତାମିଲ ଠିକାଦାରଙ୍କୁ ଦିଆଗଲା, ଏନେଇ ହୋଇପାରେ ତଦନ୍ତ। ପୂର୍ବ ସରକାର ୩୫ ହଜାର କୋଟି ଟଙ୍କାରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କରିଥିଲେ। ହେଲେ କାମ ଆରମ୍ଭ ନହେଉଣୁ କାହିଁକି ଠିକାଦାରମାନଙ୍କୁ ଆଗୁଆ ପେମେଣ୍ଟ ଦିଆଗଲା ତାର ଭିଜିଲାନ୍ସ ତଦନ୍ତ ପାଇଁ ବିଧାନସଭାରେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ।

ଜବାବରେ ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ ବର୍ତ୍ତମାନ ସୁଦ୍ଧା ନୂଆ ସରକାର ୨୫ଟି ମେଗା ପ୍ରକଳ୍ପ ଶେଷ କରିଥିବା ବେଳେ ୬୬ ପ୍ରକଳ୍ପ ୯୦ ପ୍ରତିଶତ ଶେଷ ହୋଇଛି। ହେଲେ ସବୁଠାରୁ ବଡ଼ କଥା, ବିଜେଡି ସରକାର ସମୟରେ ଠିକା ଦିଆଯାଇଥିବା ୧୭ ଠିକାଦାର ତାମିଲନାଡୁର। ଓଡ଼ିଆ ଲୋକଙ୍କୁ ଠିକା ଦେଇଥିଲେ କାମ ଭଲ ହୋଇଥାନ୍ତା ବୋଲି କହିଲେ ମନ୍ତ୍ରୀ ରବି ନାଏକ। ଏହାସହ ମେଗା ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ଉପରେ ଆଗକୁ ତଦନ୍ତ ହେବ ବୋଲି କହିଥିଲେ ମନ୍ତ୍ରୀ। ଅନ୍ୟପଟେ ପୂର୍ବ ସରକାରରେ ଯାଜପୁର ଜିଲ୍ଲାରେ ନିର୍ମାଣ ମେଗା ପାନୀୟ ଜଳ ପ୍ରକଳ୍ପର ପୋଲ ଖୋଲିଲେ ଖୋଦ ବିଜେଡି ବିଧାୟିକା ସୁଜାତା ସାହୁ। ପ୍ରଶ୍ନକାଳରେ ଯାଜପୁରରେ ମେଗା ପାନୀୟ ଜଳ ପ୍ରକଳ୍ପ ବିଳମ୍ବ ପ୍ରସଙ୍ଗ ଉଠାଇ ସୁଜାତା କହିଥିଲେ ୨୦୧୭ରୁ ନିର୍ମାଣ ଆରମ୍ଭ ହୋଇ ୨୦୨୨ ରେ ଶେଷ ହେବାର ଥିଲା। କିନ୍ତୁ ତାହା ହୋଇ ପାରିଲା ନାହିଁ। ମନ୍ତ୍ରୀ କେତେ ଜଣ ଠିକାଦାରଙ୍କ ଉପରେ ଆକ୍ସନ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ ବିଜେଡି ବିଧାୟିକା। ସେପଟେ ମାର୍ଚ୍ଚ ୨୦୨୬ ସୁଦ୍ଧା ପାଣି ପହଞ୍ଚାଯିବ ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ସେହିଭଳି ପ୍ରଶ୍ନକାଳରେ ପୂର୍ବ ସରକାର କଟେଜ କେଲେଙ୍କାରୀର ଗୁମର ଖୋଲିଲେ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ପୂର୍ବ ସରକାର ବିଭିନ୍ନ ସ୍ଥାନରେ ଅନେକ କଟେଜ କରିଥିଲେ। କିନ୍ତୁ ସେସବୁ କ୍ଷତିରେ ଚାଲୁଥିଲା। ୫୧ଟି ବନଖଣ୍ଡରେ ଇକୋ ଟୁରିଜିମ୍ ରହିଛି। ସେଥିରୁ ୧୦ଟି ଲାଭରେ ଚାଲୁଛି। ଆଉ ସମସ୍ତ କ୍ଷତିରେ ଚାଲୁ ଅଛି। ଗତବର୍ଷ ଏଥିପାଇଁ ୮୦ କୋଟି ଖର୍ଚ୍ଚ ହୋଇଥିବା ବେଳେ ଚଳିତ ଅତିରିକ୍ତ ବଜେଟରେ ମଧ୍ୟ ୮୦ କୋଟି ରଖାଯାଇଛି ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ। ଆଜି ପ୍ରଶ୍ନ କାଳରେ ସଦସ୍ୟମାନେ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ନୂଆ ଇକୋ ଟୁରିଜିମ୍ ଓ କଟେଜ କରିବା ପାଇଁ ଦାବି କରିଥିଲେ।

# ଗଞ୍ଜେଇ ଚାଷ ମୂଳୋତ୍ପାଟନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨।୧୨/ଏନ୍‌ଏନ୍‌ଏସ୍:** ଆଜି ଅପରାହ୍ଣରେ ଉନ୍ନୟନ କମିଶନର୍ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଦଶଟି ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ବନ ଅଧିକାରୀ ଏବଂ ଅବକାରୀ ଅଧୀକ୍ଷକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ଗର୍ଗ ନିଜ ଜିଲ୍ଲାରେ ଗଞ୍ଜେଇ ଚାଷପ୍ରବଣ ଅଞ୍ଚଳକୁ ଚିହ୍ନଟ କରି ଏହାର ମୂଳୋତ୍ପାଟନ ନିମିତ୍ତ ମିଳିତ ଭାବେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ ନିଜ ନିଜ ଅଞ୍ଚଳରେ ଗଞ୍ଜେଇ ଚାଷର ଅବସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ନିୟମିତ ସୂଚନା ପ୍ରଦାନ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ବନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ପରମର୍ଶ ଦେଇଥିଲେ। ଏହି ବୈଠକରେ ଆଇଜି, ଏସ୍‌ଟିଏଫ୍ ସାର୍ଥକ ଷଡ଼ଙ୍ଗୀ ହେମ୍ପ ଆପ୍ ଉପରେ ଗୁରତ୍ୱାରୋପ କରିଥିବା ବେଳେ ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ପାୱାର ପଏଣ୍ଟ୍ ପ୍ରେଜେଣ୍ଟେସନ୍ ମାଧ୍ୟମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଅଧିକାରୀମାନଙ୍କୁ ଗଞ୍ଜେଇ ଚାଷର ସମ୍ପୂର୍ଣ୍ଣ ମୂଳୋତ୍ପାଟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ଅବକାରୀ ବିଭାଗ ଅତିରିକ୍ତ ଶାସନ ସଚିବ ଦେବାଶିଷ ପଟ୍ଟନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ଓରସାକ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

TPCODL
ଟିପି ସେଣ୍ଟ୍ରାଲ୍ ଓଡ଼ିଶା
ବିତରଣ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଅତିରିକ୍ତ ସିକ୍ୟୁରିଟି ଜମା ପ୍ରଦାନ ପାଇଁ ବିଜ୍ଞପ୍ତି

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ୨୦୨୪-୨୫ ବର୍ଷ ପାଇଁ ଯୋଗାଣ ସଂହିତା ୨୦୧୯ର ଧାରା ୫୩ ଏବଂ ୫୪ ଅନୁଯାୟୀ, ଟିପିସିଓଡିଏଲ ଉପଭୋକ୍ତାମାନଙ୍କ ନିମନ୍ତେ ସୁରକ୍ଷା ଜମା (ଏସ୍‌ଡି) ପରିମାଣ ସମୀକ୍ଷା କରାଯାଇଛି। ଯଦି ସଂଯୋଗ ସନ୍ଦର୍ଭରେ ଉପଲବ୍ଧ ଏସ୍‌ଡି ପରିମାଣ ଆବଶ୍ୟକ ଏସ୍‌ଡି (ଆର୍ଥିକ ବର୍ଷର ହାରାହାରି ବ୍ୟବହାର ଉପରେ ଆଧାରିତ) ଠାରୁ ୧୦% ରୁ ଅଧିକ ହୁଏ, ତେବେ ଅତିରିକ୍ତ ସୁରକ୍ଷା ଜମା (ଏସ୍‌ଡି) ପାଇଁ ଏକ ଡିମାଣ୍ଡ ନୋଟିସ୍ ପ୍ରଦାନ କରାଯିବ।

ଡିମାଣ୍ଡ ନୋଟିସ୍ ଏକ ମାସ ମଧ୍ୟରେ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ, ଏବଂ ଉପଭୋକ୍ତାମାନଙ୍କୁ ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ରାଶି ପୈଠ କରିବାକୁ ଅନୁରୋଧ କରାଯାଇଛି।

ଏଏସ୍‌ଡି ନୋଟିସ ଲିଙ୍କ୍ ଗ୍ରାହକଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ଏସ୍‌ଏମ୍‌ଏସ/ହ୍ୱାଟ୍‌ସଆପ୍ ମାଧ୍ୟମରେ ପଠାଯିବ ଏବଂ ନୋଟିସର ସଫ୍ଟ କପି ଡାଉନଲୋଡ୍ କରିବା ପାଇଁ ଏକ ଲିଙ୍କ୍ ମଧ୍ୟ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ୍ / ମିତ୍ର ଆପ୍‌ରୁ ସିଧାସଳଖ ଏଏସ୍‌ଡ ନୋଟିସ୍ ଡାଉନଲୋଡ୍ କରିବାର ବିକଳ୍ପ ଅଛି।

ଉପରୋକ୍ତ ବ୍ୟତୀତ, ଏସ୍‌ଏମ୍‌ଏସ ମାଧ୍ୟମରେ ଏଏସ୍‌ଡି ନୋଟିସ ଲିଙ୍କ୍ ପାଇବା ପାଇଁ, ଦୟାକରି ଆପଣଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ ୯୫୫୬୧୭୧୦୦୨ରେ ଏକ ମିସଡ୍ କଲ୍ ଦିଅନ୍ତୁ। ଏଏସ୍‌ଡି ପାଇଁ ମିସଡ୍ କଲ୍ ସେବା ୮ ଡିସେମ୍ବର ୨୦୨୫ ରୁ ସକ୍ରିୟ ହେବ।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଅନଲାଇନରେ ଦେୟ ପୈଠ କରିପାରିବେ। ଆରଟିଜିଏସ୍/ଏନ୍‌ଇଏଫଟି ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxx (ଯେଉଁଠାରେ xxxxxxxx ହେଉଛି ଏଏସ୍‌ଡି ରେଫରେନ୍‌ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବ ହୋଇଥିବା ଦେୟ ପାଇଁ ବାର୍ଷିକ ୧୫% କିମ୍ବା ସମୟ ସମୟରେ ଆୟୋଗ ଦ୍ୱାରା ସ୍ଥିରୀକୃତ ହାରରେ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ କରାଯିବା ପାଇଁ ଦାୟୀ ରହିବେ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ ରେ କଲ୍ କରନ୍ତୁ କିମ୍ବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।

# ପିଏମ୍‌ଓ ଏଣିକି 'ସେବାତୀର୍ଥ' ହେବ

**ନୂଆଦିଲ୍ଲୀ,୨।୧୨/ଏଜେନ୍ସି:** ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ନାମ ପରିବର୍ତ୍ତନ କରାଯାଇଛି। ଏବେ ଏହାକୁ ସେବାତୀର୍ଥ ନାମରେ ଜଣାଯିବ। ରିପୋର୍ଟ ଅନୁସାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୁବଶୀଘ୍ର ଏକ ନୂତନ କମ୍ପ୍ଲେକ୍ସକୁ ସ୍ଥାନାନ୍ତରିତ ହେବ ବୋଲି ସୂଚନା ମିଳିଛି। ଏହି କୋଠାର ନାମ ସେବା ତୀର୍ଥ ରଖାଯାଇଛି। ଏତଦ୍‌ବ୍ୟତୀତ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ ଇଣ୍ଡିଆ ହାଉସର କାର୍ଯ୍ୟାଳୟ ମଧ୍ୟ ଏଠାରେ ରହିବ, ଯାହାକି ପରିଦର୍ଶନକାରୀ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଉଚ୍ଚସ୍ତରୀୟ ଭାବନାର ସ୍ଥାନ ସାଜିବ। ନିର୍ମାଣର ଶେଷ ପର୍ଯ୍ୟାୟରେ ଥିବା ନୂତନ କମ୍ପ୍ଲେକ୍ସ ପୂର୍ବରୁ ସେଣ୍ଟ୍ରାଲ ଭିଷ୍ଟା ପୁନଃବିକାଶ ପ୍ରକଳ୍ପ ଅଧୀନରେ 'କାର୍ଯ୍ୟକାରୀ ଏନକ୍ଲେଭ୍' ଭାବରେ ଜଣାଶୁଣା ଥିଲା। ତେବେ ଶାସନ ବ୍ୟବସ୍ଥାରେ ସେବାର ଭାବନାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥିବା ସରକାରୀ ସ୍ତରରେ କୁହାଯାଇଛି। କିଛି ଦିନ ଭିତରେ ଦେଶର ଅନେକ ରାସ୍ତା ଏବଂ ସରକାରୀ ଭବନ ଗୁଡିକର ମଧ୍ୟ ନାମ ପରିବର୍ତ୍ତନ କରାଯିବ। ଏହିକ୍ରମେ କେନ୍ଦ୍ର ସଚିବାଳୟର ମଧ୍ୟ ନୂଆ ନାମକରଣ କରାଯାଇଛି। ଏଣିକି କେନ୍ଦ୍ର ସଚିବାଳୟ କର୍ତ୍ତବ୍ୟ ଭବନ ନାମରେ ଜଣାଶୁଣା ହେବ।



ପିଏମ୍‌ଓର କାର୍ଯ୍ୟଶୈଳୀ ଏବଂ ସାର୍ବଜନୀନ ସେବା ପ୍ରତି ସମର୍ପଣ ଭାବକୁ ସ୍ୱୀକୃତି ଦେଇ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଅନୁସାରେ ଏହି ପରିବର୍ତ୍ତନ କେବଳ ନାମ ଯାଏଁ ସୀମିତ ନାହିଁ, ବରଂ ସରକାର ଜନତାଙ୍କ ସେବା ପାଇଁ ଉତ୍ସର୍ଗୀକୃତ ବୋଲି ବାର୍ତ୍ତା ଦେଉଛି। ଏହି ପରିବର୍ତ୍ତନ ଶାସନକୁ ପ୍ରାଥମିକତାର ନୂଆ ବିଚାରକୁ ଦର୍ଶାଇଥାଏ। ସମଗ୍ର ଦେଶରେ ଥିବା ରାଜଭବନ ନାମ ପରିବର୍ତ୍ତନ କରାଯାଇ ଲୋକ ଭବନ କରାଯାଇଛି। କିଛି ବରିଷ୍ଠ ଅଧିକାରୀମାନେ କହିଛନ୍ତି ଯେ 'ସେବା ତୀର୍ଥ' ସେବାର ଭାବନାକୁ ପ୍ରତିଫଳିତ କରିବା ପାଇଁ ଏବଂ ଯେଉଁଠାରେ ଜାତୀୟ ପ୍ରାଥମିକତା ଆକାର ନେବ, ତାହା ପାଇଁ ଏକ କର୍ମକ୍ଷେତ୍ର ହେବ। ସେମାନେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଭାରତର ସାର୍ବଜନୀନ ପ୍ରତିଷ୍ଠାନଗୁଡ଼ିକରେ ଏକ ନୀରବ କିନ୍ତୁ ଗଭୀର ପରିବର୍ତ୍ତନ ଚାଲିଛି।

ସିଧାଅର୍ଥରେ କହିଲେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରଠାରୁ, ପୁରୁଣା ନାମ, ଢାଞ୍ଚାଜନିତ ପ୍ରତିଛବିକୁ ଦୂର କରିବା ପାଇଁ ପ୍ରୟାସ ଚାଲିଛି। ଏହି ଧାରାରେ, କିଛି ଦିନ ପୂର୍ବରୁ ରାଜଭବନଗୁଡ଼ିକର ନାମ ଲୋକ ଭବନ ରଖାଯାଇଛି। ଏହି ପ୍ରକ୍ରିୟା ୨୦୧୬ରେ ଆରମ୍ଭ ହୋଇଥିଲା ଯେତେବେଳେ ମୋଦୀ ତାଙ୍କ ବାସଭବନର ନାମ ୭, ରେସକୋର୍ସ ରୋଡ୍‌ରୁ ୭, ଲୋକ କଲ୍ୟାଣ ମାର୍ଗକୁ ପରିବର୍ତ୍ତନ କରିଥିଲେ। ଏହା ଏକ ଶୃଙ୍ଖଳିତ ପ୍ରତିକ୍ରିୟା ଆରମ୍ଭ କରିଥିଲା। ୨୦୨୨ରେ, ରାଜପଥକୁ କର୍ତ୍ତବ୍ୟ ପଥ ଭାବେ ନାମକରଣ କରାଯାଇଥିଲା। ଏହା କେବଳ ନାମ ପରିବର୍ତ୍ତନ ନୁହେଁ, ବରଂ ଗତ ଦଶନ୍ଧି ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସରକାରୀ କାର୍ଯ୍ୟାଳୟର ଆତ୍ମାକୁ ପୁନଃପରିଭାଷିତ କରିବା ପାଇଁ ଏକ ବ୍ୟାପକ ପଦକ୍ଷେପର ଏକ ଅଂଶବିଶେଷ ମଧ୍ୟ।

## କେରଳ ପଞ୍ଚାୟତ ନିର୍ବାଚନ....

# ସୋନିଆ ଗାନ୍ଧୀଙ୍କୁ ପ୍ରାର୍ଥୀ କଲା ବିଜେପି

**ଥିରୁଅନନ୍ତପୁରମ୍,୨।୧୨/ଏଜେନ୍ସି:** କେରଳର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ମୁନ୍ନାରରେ ଅନୁଷ୍ଠିତ ହେବାକୁ ଯାଉଛି ପଞ୍ଚାୟତ ନିର୍ବାଚନ। ତେବେ ବିଜେପି ଏଠାରେ ଯେଉଁ ମହିଳାଙ୍କୁ ପ୍ରାର୍ଥୀ କରିଛି ତାଙ୍କ ନାମକୁ ନେଇ ଏବେ ଚର୍ଚ୍ଚା ଜୋରଧରିଛି। ରିପୋର୍ଟ ଅନୁସାରେ ବିଜେପି ପକ୍ଷରୁ ପ୍ରାର୍ଥୀ ସାଜିଥିବା ମହିଳାଙ୍କ ନାମ ସୋନିଆ ଗାନ୍ଧୀ। ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନାମ ସହ ସାମଞ୍ଜସ୍ୟ ଥିବାରୁ ଏହି ପ୍ରାର୍ଥୀ ଏବେ ରାତାରାତି ଚର୍ଚ୍ଚାକୁ ଆସିଯାଇଛନ୍ତି। ପ୍ରକାଶ, ବିଜେପି ସ୍ଥାନୀୟ ପଞ୍ଚାୟତର ନାଲାଥାନ୍ନି ୱାର୍ଡ (ୱାର୍ଡ ୧୬) ପାଇଁ ୩୪ ବର୍ଷୀୟା ସୋନିଆ ଗାନ୍ଧୀଙ୍କୁ ପ୍ରାର୍ଥୀ କରିଛି। ବିଜେପିର ଏହି ପ୍ରାର୍ଥୀ ଜଣେ ସ୍ଥାନୀୟ ଶ୍ରମିକ ଓ କଂଗ୍ରେସ ନେତା ସ୍ୱର୍ଗତ ଦୁରେ ରାଜଙ୍କ କନ୍ୟା। କଂଗ୍ରେସ ପ୍ରତି ଥିବା ଭଲପାଇବା ଓ ପ୍ରଶଂସାରୁ ସେ ତାଙ୍କ ଝିଅର ନାଁ ତତ୍କାଳୀନ କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କ ନାମ ଅନୁସାରେ ରଖିଥିଲେ। ପରେ ତାଙ୍କ ବିବାହ ପରେ ତାଙ୍କ ରାଜନୈତିକ ପରିଚୟ ବଦଳିଗଲା। ତାଙ୍କ ସ୍ୱାମୀ ସୁଭାଷ ଗାନ୍ଧୀ ହେଉଛନ୍ତି ବିଜେପିର ପଞ୍ଚାୟତ ସାଧାରଣ ସମ୍ପାଦକ। ସ୍ୱାମୀଙ୍କ ସାଙ୍ଗିଆ ପ୍ରଭାବରେ ସୋନିଆଙ୍କ ନାମରେ ମଧ୍ୟ ଗାନ୍ଧୀ ଯୋଡିହୋଇଯାଇଥିଲା। ଏବେ ସେ ବିଜେପିରେ ଯୋଗଦେଇଛନ୍ତି। ବିଜେପି ପ୍ରାର୍ଥୀ ସୋନିଆ ଗାନ୍ଧୀଙ୍କ ପାଇଁ ଏହା ହେଉଛି ପ୍ରଥମ ବଡ଼ ନିର୍ବାଚନୀ ଲଢ଼େଇ। ଏହି ୱାର୍ଡରେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଲେ କଂଗ୍ରେସର ମଞ୍ଜୁଳା ରମେଶ ଏବଂ ସିପିଆଇ (ଏମ୍)ର ଭାଲାରମତି।



କେରଳରେ ଡିସେମ୍ବର ୯ ଓ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ବ୍ଲକ ପଞ୍ଚାୟତ, ଜିଲ୍ଲା ପଞ୍ଚାୟତ, ପୌରସଂସ୍ଥା ଏବଂ ମହାନଗର ନିଗମରେ ପଞ୍ଚାୟତ ଓ ସ୍ଥାନୀୟ ସଂସ୍ଥା ନିର୍ବାଚନ ଅନୁଷ୍ଠିତ ହେବ। ମତଗଣନା ଡିସେମ୍ବର ୧୩ ତାରିଖରେ ହେବ।

# ଦିଲ୍ଲୀ ବିସ୍ଫୋରଣରେ ହମାସ୍ ଲିଙ୍କ୍!

**ନୂଆଦିଲ୍ଲୀ,୨।୧୨/ଏଜେନ୍ସି:** ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗାଜାରେ ସକ୍ରିୟ ଥିବା ଆତଙ୍କୀ ସଂଗଠନ ହମାସର ଲିଙ୍କ୍ ଥିବାଜନିତ କିଛି ପ୍ରମାଣ ସାମ୍ନାକୁ ଆସିଛି। ଏହି ମାମଲାରେ ଗିରଫ ହୋଇଥିବା ଆତଙ୍କବାଦୀ ଦାନିଶ ମୋବାଇଲରୁ ହମାସ ଲିଙ୍କ ସମ୍ପର୍କିତ ତଥ୍ୟ ମିଳିଛି। ଦାନିଶ ମୋବାଇଲ୍‌କୁ ଫରେନ୍‌ସିକ୍ ଯାଞ୍ଚ୍ କରାଯିବା ସମୟରେ ଏଥିରୁ ଡିଲିଟ୍ ହୋଇଥିବା ହିଷ୍ଟ୍ରି, ଫଟୋ, ଭିଡ଼ିଓ ଏବଂ ଆପ୍ ତଥ୍ୟ ଯାଞ୍ଚ କରାଯିବା ପରେ ଏପରି କିଛି ସୂଚନା



ପଦାକୁ ଆସିଛି। ପ୍ରକାଶ, ଦାନିଶ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଏବଂ ଅସ୍ତ୍ରଶସ୍ତ୍ର ତିଆରି କୌଶଳ ଶିଖୁଥିଲା। ତା' ଫୋନରେ ଥିବା ଫଟୋରୁ ଏହା ଜଣାପଡ଼ିଛି। ସେଥିରେ ହମାସ ଦ୍ୱାରା ବ୍ୟବହୃତ ଡ୍ରୋନ୍‌ର ଡିଜାଇନ୍ ରହିଛି। ତଦନ୍ତବେଳେ ପଚରା ଉଚରା କରାଯିବା ସମୟରେ ଦାନିଶ ମଧ୍ୟ ସ୍ୱୀକାର କରିଥିଲା ଯେ ସେ ଡ୍ରୋନ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇଥିଲା। ୨୫ କିଲୋମିଟର ଦୂର ପର୍ଯ୍ୟନ୍ତ ଉଡ଼ି ଆକ୍ରମଣ କରିପାରୁଥିବା ହାଲୁକା ଡ୍ରୋନ୍ ବିକଶିତ କରିବାକୁ ଦାନିଶ ଚେଷ୍ଟା କରୁଥିଲା ବୋଲି କହିଥିଲା। ସେହିପରି ଡ୍ରୋନ୍ ବ୍ୟତୀତ ଦାନିଶ ମୋବାଇଲରୁ ରକେଟ୍ ଲଞ୍ଚର ଥିବା ଅନେକ ଫଟୋ ମଧ୍ୟ ଜବତ ହୋଇଛି। ଡ୍ରୋନ୍‌ରେ କିପରି ବିସ୍ଫୋରକ ଖଞ୍ଜାଯାଏ ତାହାର ଭିଡିଓ ବି ଦେଖିବାକୁ ମିଳିଛି। ବିଶେଷ କରି ଦାନିଶ ମୋବାଇଲରେ ଥିବା ଫଟୋରେ ହମାସ ନିର୍ମିତ ଡ୍ରୋନ୍ ସମ୍ବନ୍ଧରେ ଜାଣିବାକୁ ମିଳିଛି। ତେଣୁ ଦାନିଶ ଏହି ଡ୍ରୋନ୍ ବିକଶିତ କରିବା ଲାଗି ହମାସ ଆତଙ୍କୀଙ୍କ ସମ୍ପର୍କରେ ରହିଥିବା ନେଇ ସନ୍ଦେହ କରାଯାଉଛି। ତଦନ୍ତକାରୀ ଅଧିକାରୀମାନେ ଏଦିଗରେ ମଧ୍ୟ ଦାନିଶକୁ ଜେରା କରିବା ଜାରି ରଖିଛନ୍ତି।

# କାଶ୍ମୀରରେ ଅନୁପ୍ରବେଶ ଅପେକ୍ଷାରେ ୧୨୦ ଆତଙ୍କବାଦୀ

**ଶ୍ରୀନଗର,୨।୧୨/ଏଜେନ୍ସି:** ପାକିସ୍ତାନ ପଟୁ ଆତଙ୍କବାଦୀମାନଙ୍କୁ ଭାରତରେ ପ୍ରବେଶ କରିବାକୁ ଯୋଜନା ଚାଲିଛି। ପ୍ରାୟ ୧୨୦ ଆତଙ୍କବାଦୀ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି କାଶ୍ମୀରରେ ଅନୁପ୍ରବେଶ କରିବାକୁ ସୀମା ସେପାଖ ଲଞ୍ଚ୍‌ପ୍ୟାଡ୍ ନିକଟବର୍ତ୍ତୀ ଅଞ୍ଚଳରେ ଡେରା ପକାଇଛନ୍ତି। ଏମାନେ କେବଳ ସୁଯୋଗ ଅପେକ୍ଷାରେ ଅଛନ୍ତି। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର କାଶ୍ମୀର ଫ୍ରଣ୍ଟିୟର ଆଇଜି ଅଶୋକ ଯାଦବ ଅଧିକାରୀଙ୍କ କହିବାନୁସାରେ



ଏଲ୍‌ଓସିର ପାକିସ୍ତାନ ପାର୍ଶ୍ୱରେ ଆତଙ୍କବାଦୀମାନଙ୍କର ୬୯ଟି ଲଞ୍ଚ୍‌ଟଙ୍ଗ୍ ପ୍ୟାଡ୍ ସକ୍ରିୟ ରହିଛି। ତେବେ ବିଏସ୍‌ଏଫ୍ ସତର୍କ ରହିବା ସହ ଚଳିତ ବର୍ଷ ୪ଟି ଅନୁପ୍ରବେଶ ଉଦ୍ୟମକୁ ବିଫଳ କରିସାରିଛି। ସେ କହିଛନ୍ତି, ବିଏସ୍‌ଏଫ୍ ଯବାନ୍‌ଙ୍କ ଗୁଳିରେ ୮ ଆତଙ୍କବାଦୀ ନିହତ ହୋଇଛନ୍ତି। ସେନା, ଜମ୍ମୁ-କାଶ୍ମୀର ପୁଲିସ୍ ଏବଂ ସିଆରଏଫ୍ ଯବାନଙ୍କ ସହ ଏଲ୍‌ଓସିରେ ୨୨ଟି ମିଳିତ ଅଭିଯାନ କରାଯାଇଛି। ଉତ୍ତର କଶ୍ମୀରରେ କେତେଜଣ ଆତଙ୍କବାଦୀ ନିପାତ ହେବା ସହ ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି। ଜବତ ଅସ୍ତ୍ର ମଧ୍ୟରେ ଏକେ-୪୭ ରାଇଫଲ, ଏମ୍‌ପି-୫ ରାଇଫଲ୍, ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ୍, ୟୁବିଜିଏଲ୍, ୟୁବିଜିଏଲ୍ ଗ୍ରେନେଡ୍, ଚାଇନା ଗ୍ରେନେଡ୍ ଆଦି ରହିଛି। ଆତଙ୍କବାଦୀଙ୍କ ବିଭିନ୍ନ ପ୍ରଶିକ୍ଷଣ କ୍ୟାମ୍ପ୍ ଉପରେ ଗୁଇନ୍ଦା ବିଭାଗ ପୂରା ନଜର ରଖିଥିବା ଯାଦବ କହିଛନ୍ତି।

# ଶେଖ୍ ହସିନାଙ୍କୁ ପୁଣି ୫ ବର୍ଷ ଜେଲ୍‌ଦଣ୍ଡ

**ଢାକା,୨।୧୨/ଏଜେନ୍ସି:** ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଏକ ଜମି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ହସିନାଙ୍କ ଝିଆରୀ ତଥା ବ୍ରିଟିଶ ପାର୍ଲାମେଣ୍ଟାରିଆନ୍ ଟୁଲିପ୍ ସିଦ୍ଦିକଙ୍କୁ ମଧ୍ୟ ୨ ବର୍ଷ ଜେଲଦଣ୍ଡ ହୋଇଛି। ଢାକାର ସ୍ପେଶାଲ ଜଜ୍ କୋର୍ଟ-୪ର ବିଚାରପତି ମହମ୍ମଦ ରାବିଉଲ୍ ଆଲାମ ଏକ ଦୁର୍ନୀତି ମାମଲାରେ ହାସିନାଙ୍କ ଭଉଣୀ ଶେଖ୍ ରେହନାଙ୍କୁ ମଧ୍ୟ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବାବେଳେ



ଅନ୍ୟ ୧୪ ଜଣ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସମସ୍ତ ୧୭ ଦୋଷୀଙ୍କ ଉପରେ ୧ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି। ଏହି ଅର୍ଥ ପୈଠ ନକଲେ ସେମାନଙ୍କୁ ଅତିରିକ୍ତ ୬ ମାସ ଜେଲ୍‌ରେ ରହିବାକୁ ପଡ଼ିବ। ସିଦ୍ଦିକ୍ ଜଣେ ବ୍ରିଟିଶ-ବାଂଲାଦେଶୀ ଲେବର ପାର୍ଟି ନେତ୍ରୀ। ସେ ରେହନାଙ୍କ ଝିଅ। ହସିନାଙ୍କ ଶାସନ କାଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଗତ ଏପ୍ରିଲରେ ବାଂଲାଦେଶର ଅନ୍ତରୀଣ ସରକାର ସିଦ୍ଦିକଙ୍କ ନାଁରେ ଗିରଫ ପରୱାନା ଜାରି କରିଥିଲେ। ସେ ବାହାରେ ରହି ତାଙ୍କ ମାଆ, ମାଉସୀ, ଭାଇ ଓ ଭଉଣୀଙ୍କୁ ପ୍ଲଟ୍ ହାତେଇବା ପାଇଁ ପ୍ରଭାବିତ କରିଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ପ୍ରକାଶ, ଏହାପୂର୍ବରୁ ଶେଖ୍ ହସିନାଙ୍କୁ ଏକ ଗଣହତ୍ୟା ମାମଲାରେ ଫାଶୀଦଣ୍ଡାଦେଶ ହୋଇଥିବା ବେଳେ ଅନ୍ୟ ଏକ ଜମି ଦୁର୍ନୀତି ମାମଲାରେ ୨୧ ବର୍ଷର ଜେଲ୍ ଦଣ୍ଡ ଶୁଣାଯାଇସାରିଛି। ଶେଖ୍ ହସିନା ଏବେ ନିଜ ଭଉଣୀ ରେହନାଙ୍କ ସହ ଭାରତରେ ଅବସ୍ଥାପିତ ଅଛନ୍ତି।

## ସଞ୍ଜୟ ରାଉତଙ୍କ ବିସ୍ଫୋରକ ଦାବି

# ସିନ୍ଦେଙ୍କ ଗୋଷ୍ଠୀ ଛାଡିବେ ୩୫ ବିଧାୟକ

**ମୁମ୍ବାଇ,୨।୧୨/ଏଜେନ୍ସି:** ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ ଏକ ବିସ୍ଫୋରକ ଦାବି କରିଛନ୍ତି, ଯାହାକି ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ଧରଣର ଭୂକମ୍ପନ ସୃଷ୍ଟି କରିଛି। ସଞ୍ଜୟ କହିଛନ୍ତି, ବିଜେପି ପାଇଁ ସିନ୍ଦେ ଗୋଷ୍ଠୀ ଏବେ ଆଉ ବ୍ୟବହାରଯୋଗ୍ୟ ହୋଇରହିନାହିଁ। ସୁତରାଂ ସିନ୍ଦେ ଗୋଷ୍ଠୀ (ଶିବସେନା-ସିନ୍ଦେ ଗୋଷ୍ଠୀ)କୁ ଏବେ କୋଣଠେସା କରାଯାଉଛି। ଏହି ପରିପ୍ରେକ୍ଷୀରେ ସିନ୍ଦେ ଗୋଷ୍ଠୀର ପ୍ରାୟ ୩୫ ବିଧାୟକ ଏବେ ଦଳ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ଏସବୁ ବିଧାୟକ ଆସନ୍ତା ଡିସେମ୍ବର ମାସ ପରେ ପରେ ଦଳ ଛାଡିବା ଆରମ୍ଭ କରିବେ ଯାହାକି ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ଅଦଳବଦଳ ଦେଖିବାର ସୁଯୋଗ ସୃଷ୍ଟି କରିବ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବେର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଯେତେଚେଷ୍ଟା କଲେ ମଧ୍ୟ ନିଜ ଦଳର ଏହି ୩୫ ବିଧାୟକଙ୍କୁ ଅଟକାଇପାରିବେ ନାହିଁ। ଏମାନେ ଦଳ ଠାରୁ ବିଭାଜିତ ହେବା ପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ଯେପରି ବିଜେପି ଆମ ସହିତ କରିଥିଲା, ଏବେ ବିଜେପି ଠିକ୍ ସେହିପରି ସିନ୍ଦେ ଗୋଷ୍ଠୀ ସହ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି। ସିନ୍ଦେ ଗୋଷ୍ଠୀର ବିଧାୟକମାନଙ୍କ ମଧ୍ୟରେ ବିଭାଜନ ମାନସିକତା ଭର୍ତ୍ତି କରାଯାଇସାରିଛି। ଡିସେମ୍ବର ପରେ ଏକ ବଡ଼ ରାଜନୈତିକ ଅଦଳବଦଳ ହେବ ବୋଲି ସେ କହିଛନ୍ତି। ଆଉ ଏସବୁ ପଛରେ ବିଜେପିର ଧୂରନ୍ଧର ଅମିତ୍ ଶାହ ରହିଥିବା କଥା ମଧ୍ୟ ସ୍ପଷ୍ଟ ଭାବେ ସଞ୍ଜୟ କହିଛନ୍ତି।

ସଞ୍ଜୟଙ୍କ କହିବାନୁସାରେ ଏକନାଥ ସିନ୍ଦେ ବିଶ୍ୱାସ କରୁଛନ୍ତି ଯେ, ଦିଲ୍ଲୀର ଦୁଇ ପ୍ରମୁଖ ନେତା ତାଙ୍କ ପଛରେ ଅଛନ୍ତି, କିନ୍ତୁ ସେ ବୁଝିପାରୁନାହାନ୍ତି ଯେ ବିଜେପି କେବେ ବି କାହା ସହ ନଥାଏ। କେବଳ ସ୍ୱାର୍ଥ ପାଇଁ ବିଜେପି ବ୍ୟବହାର କରିବା ଜାଣିଛି। ଅମିତ ଶାହ ସିନ୍ଦେ ଗୋଷ୍ଠୀକୁ ଦୁଇଫାଳ କରିଦେଇ ମହାରାଷ୍ଟ୍ର ବିଜେପିକୁ ଅଧିକ ସଶକ୍ତ କରିବାକୁ ଚାହୁଁଛନ୍ତି। ଏହା ହିଁ ବିଜେପିର ଏବଂ ଶାହଙ୍କ ପରମ୍ପରା। ଶିବସେନା ମୁଖ୍ୟ ବାଲ୍ ଠାକ୍‌ରେ ଏକଦା ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହଙ୍କୁ ସାହାଯ୍ୟ କରିବା ପାଇଁ ଆଇନ୍ ବାହାରକୁ ଯାଇଥିଲେ, କିନ୍ତୁ ସେମାନେ ତାଙ୍କ ପୁଅ ତଥା ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ପିଠିରେ ଛୁରି ଭୁସିବାକୁ ପଛାଇନଥିଲେ। ଏକନାଥ ସିନ୍ଦେ ବିଜେପି ପାଇଁ କିଛି ବି ନୁହଁନ୍ତି। ଏକନାଥ ବୁଝିବା ଜରୁରି ଯେ ତାଙ୍କ ଗୋଷ୍ଠୀ ଏବେ ପତନର



ଦ୍ୱାରଦେଶରେ ପହଞ୍ଚିଛି। ବିଜେପିର ଷଡଯନ୍ତ୍ରକୁ ଭେଦ କରିବାର ସାମର୍ଥ୍ୟ ଥିବାରୁ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ଶିବସେନା ଆଜି ବି ଦୃଢ଼ ରହିଛି। ବିଜେପି କିନ୍ତୁ ଏବେ ଟଙ୍କା ଦେଇ ନିର୍ବାଚନ ଜିତିବା ପାଇଁ ପ୍ରୟାସ ଚଳାଇଛି, ଯାହାକି ଗଣତନ୍ତ୍ର ବିରୋଧୀ ବୋଲି ସଞ୍ଜୟ କହିଛନ୍ତି।

ଗୋଟିଏ ପଟେ ସଞ୍ଜୟଙ୍କ ଏପ୍ରକାର ବିସ୍ଫୋଟକ ଦାବି ସାମ୍ନାକୁ ଆସିଥିବା ଅନ୍ୟପକ୍ଷେ ଏକନାଥ ସିନ୍ଦେ ବିଜେପିକୁ ସିଧାସଳଖ ଚେତାବନୀ ଦେଇଥିବାର ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ଶିବସେନାର କେତେଜଣ ପୂର୍ବତନ କର୍ପୋରେଟର ଏବଂ କାର୍ଯ୍ୟକର୍ତ୍ତା ବିଜେପିରେ ଯୋଗଦେବାକୁ ନେଇ ଏକନାଥ ସିନ୍ଦେ ମାତ୍ରାଧିକ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ସେ ବିଜେପିକୁ କହିଛନ୍ତି, ବିଜେପି ଏସବୁ ଘୋଡାବେପାର ତୁରନ୍ତ ବନ୍ଦ କରିବା ସହ ମେଣ୍ଟ ଧର୍ମ ପାଳନ କରିବା ଉଚିତ୍। ଏପରିକି ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭୀସ୍‌ଙ୍କ ସହ ମଧ୍ୟ କଥା ହୋଇଛନ୍ତି। ତାଙ୍କ ଦଳ ମେଣ୍ଟଧର୍ମକୁ କଡ଼ାକଡ଼ି ପାଳନ କରିଆସୁଥିବାବେଳେ ବିଜେପି ମଧ୍ୟ ଅନୁରୂପ ଆଚରଣ ପ୍ରଦର୍ଶନ କରିବା ସେ ଆଶା କରୁଛନ୍ତି। ଯଦି ମେଣ୍ଟ ଶୃଙ୍ଖଳାକୁ ଅଣଦେଖା କରାଯାଏ, ତେବେ ମୁହାଁମୁହିଁ ହେବା ଅବଶ୍ୟମ୍ଭାବୀ ବୋଲି ସିନ୍ଦେ, ଫଡନଭୀସଙ୍କୁ ସତର୍କ କରାଇ ଦେଇଛନ୍ତି। ଅବଶ୍ୟ ବିଜେପି ପକ୍ଷରୁ ଫଡନଭୀସ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସିନ୍ଦେ ଗୋଷ୍ଠୀର କୌଣସି ପୂର୍ବତନ କର୍ପୋରେଟରଙ୍କୁ ବିଜେପି ସଦସ୍ୟତା ଦେବ ନାହିଁ। ସେହିପରି ଏକନାଥ ସିନ୍ଦେ ମଧ୍ୟ ବିଜେପିର କୌଣସି ପୂର୍ବତନ କର୍ପୋରେଟରଙ୍କୁ ନିଜ ଗୋଷ୍ଠୀରେ ସାମିଲ କରାଇବେନାହିଁ ବୋଲି ଫଡନଭୀସଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ସିନ୍ଦେ ଏବେ ତାଙ୍କ ଗୋଷ୍ଠୀର ୩୫ ବିଧାୟକ ବିଜେପିରେ ସାମିଲ ହେବାକୁ ଯୋଜନା କରୁଥିବା ନେଇ ଉଠିଥିବା ଚର୍ଚ୍ଚାକୁ ହଜମ୍ କରିପାରୁନାହାନ୍ତି। ଆଗକୁ ପୌର ନିର୍ବାଚନ ଥିବାବେଳେ ସେ ଦଳକୁ ତୃଣମୂଳସ୍ତରରୁ ପୁନର୍ବାର ସାଂଗଠନିକ କରିବାକୁ ଚିନ୍ତା କରୁଛନ୍ତି ବୋଲି ତାଙ୍କ ନିକଟତମ ମହଲରୁ ସୂଚନା ମିଳିଛି।



ବ୍ରେକ୍‌ଫାଷ୍ଟ ରାଜନୀତି

# ଶିବକୁମାରଙ୍କ ଘରେ ପହଞ୍ଚିଲେ ସିଦ୍ଧରମୈୟା

**ବେଙ୍ଗାଲୁରୁ,୨।୧୨/ଏଜେନ୍ସି:** ନିକଟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଘରେ ଡିକେ ଶିବକୁମାରଙ୍କୁ ଦେଖିବାକୁ ମିଳିଥିଲା। ଉଭୟ ଏକତ୍ର ବସି ସକାଳ ଜଳଖିଆ ମଧ୍ୟ କରିଥିଲେ ଏବଂ ପରେ ପରେ ଏକ ସାମ୍ବାଦିକ ସମ୍ମିଳନୀ କରି ଉଭୟଙ୍କ ମଧ୍ୟରେ କୌଣସି କ୍ଷମତା ଯୁଦ୍ଧ ନଥିବା ସ୍ପଷ୍ଟ କରିଥିଲେ। ଏହିକ୍ରମେ ମଙ୍ଗଳବାର ସିଦ୍ଧରମୈୟା ମଧ୍ୟ ଶିବକୁମାରଙ୍କ ଘରେ ପହଞ୍ଚିଥିଲେ ଏବଂ ଉଭୟ ଡାଇନିଂ ଟେବୁଲ୍‌ରେ ବସି ବ୍ରେକ୍‌ଫାଷ୍ଟ କରିବା ଦେଖିବାକୁ ମିଳିଛି। କୁହାଯାଉଛି ଯେ ଶିବକୁମାରଙ୍କ ଆମନ୍ତ୍ରଣକ୍ରମେ ସିଦ୍ଧରମୈୟା ନିମନ୍ତ୍ରଣ ରକ୍ଷା କରି ଆଜି ଏଠାକୁ ଆସିଛନ୍ତି। ଶିବକୁମାର ପୂର୍ବରୁ ଗତକାଲି ସନ୍ଧ୍ୟାରେ ଘୋଷଣା କରିଥିଲେ ଯେ ସେ କର୍ନାଟକକୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ସାମୂହିକ ପ୍ରୟାସ ଉପରେ ଆଲୋଚନା ଏବଂ ମଜଭୁତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନାସ୍ତା ପାଇଁ ନିମନ୍ତ୍ରଣ କରିଛନ୍ତି।

# ହିନ୍ଦୁ ଦେବଦେବୀଙ୍କ ପ୍ରତି କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ

**ହାଇଦ୍ରାବାଦ୍,୨।୧୨/ଏଜେନ୍ସି:** ବିବାଦୀୟ ବୟାନବାଜି କରି ଚର୍ଚ୍ଚାରେ ରହିଆସୁଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ନିଜର ଏହି ଗୁଣ ପାଇଁ ଏବେ ପୁଣିଥରେ ବିବାଦ ଘେରକୁ ଟାଣିହୋଇ ଆସିଛନ୍ତି। ଏଥର ସେ ହିନ୍ଦୁ ଦେବଦେବୀଙ୍କ ସଂଖ୍ୟା ଏବଂ ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି ଯାହାକୁ ନେଇ ଏବେ ଏକ ନୂଆ ଚର୍ଚ୍ଚା ଜୋର ଧରିଛି। ଏକ କାର୍ଯ୍ୟକ୍ରମ ସମୟରେ ରେଡ୍ଡୀ ଏକ ବିବାଦୀୟ ମନ୍ତବ୍ୟ ଦେଇ କହିଛନ୍ତି ଯେ, "ହିନ୍ଦୁ ଧର୍ମରେ ଅଗଣିତ ଦେବତା ଅଛନ୍ତି। ଅବିବାହିତଙ୍କ ପାଇଁ ହନୁମାନ ଜୀ ଅଛନ୍ତି, ଯେତେବେଳେ ମଦ୍ୟପାନ କରୁଥିବା ଲୋକଙ୍କ ପାଇଁ ଆଉ ଜଣେ ଅଛନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ଏହି ମନ୍ତବ୍ୟ ରାଜନୈତିକ ଉଷ୍ମତାକୁ ଶୀର୍ଷରେ ପହଞ୍ଚାଇ ଦେଇଛି। ବିରୋଧୀ ଏହାକୁ କୋଟି କୋଟି ହିନ୍ଦୁଙ୍କ ବିଶ୍ୱାସ ଉପରେ ଆଘାତ ଏବଂ ଆକ୍ରମଣ ବୋଲି କହିଛନ୍ତି।"

ରେଡ୍ଡୀଙ୍କ ଏପ୍ରକାର ମନ୍ତବ୍ୟର ଭିଡିଓ ଭାଇରାଲ ହେବା ମାତ୍ରେ ବିଜେପି ଏବଂ ବିଆରଏସ୍ ତାଙ୍କୁ କଡ଼ା ସମାଲୋଚନା ଆରମ୍ଭ କରିଛନ୍ତି। ବିଜେପି ପକ୍ଷରୁ କୁହାଯାଇଛି, ଜଣେ ମୁଖ୍ୟମନ୍ତ୍ରୀ ଭାବେ ଏପ୍ରକାର ବୟାନ୍‌ବାଜି ଅତ୍ୟନ୍ତ ଦୁଃଖଦାୟକ। ରାଜ୍ୟରେ ଥିବା ପ୍ରତ୍ୟେକ ହିନ୍ଦୁଙ୍କୁ ଏହା କଷ୍ଟ ଦେଇଛି, ଅପମାନିତ କରିଛି। କଂଗ୍ରେସ ଏବଂ ରେବନ୍ତ ରେଡ୍ଡୀ ସେମାନଙ୍କର ତୁଷ୍ଟୀକରଣ ରାଜନୀତି ପାଇଁ ହିନ୍ଦୁ ଭାବନାକୁ



ଆଘାତ ଦେବାକୁ କୌଣସି ଦ୍ୱିଧା କରୁନାହାନ୍ତି। ସେହିପରି ବିଆରଏସ୍ ପକ୍ଷରୁ ଏହାକୁ ଏକ 'ଶସ୍ତା ଲୋକପ୍ରିୟତା' ରଣନୀତି କୁହାଯିବା ସହ ମୁଖ୍ୟମନ୍ତ୍ରୀ ତୁରନ୍ତ କ୍ଷମା ମାଗିବାକୁ ଦାବି କରାଯାଇଛି। ପ୍ରକାଶ, ଏହା ପ୍ରଥମ ଥର ନୁହେଁ ଯେତେବେଳେ ରେବନ୍ତ ରେଡ୍ଡୀ ହିନ୍ଦୁ ଦେବତାଙ୍କ ଉପରେ ମନ୍ତବ୍ୟ ଦେଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଏକାଧିକ ଥର ହିନ୍ଦୁ ଧର୍ମ, ହିନ୍ଦୁ ଦେବାଦେବୀଙ୍କ ପ୍ରତି ଏପ୍ରକାର ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ସମାଲୋଚିତ ହୋଇସାରିଛନ୍ତି।

## ପୁଟିନ୍‌ଙ୍କ ଚେତାବନୀ

# ଯଦି ୟୁରୋପ ଯୁଦ୍ଧ ଚାହୁଁଛି ତେବେ ରୁଷ୍ ବି ପ୍ରସ୍ତୁତ

**ମସ୍କୋ, ୨।୧୨/ଏଜେନ୍ସି:** ଯଦି ୟୁରୋପ ଯୁଦ୍ଧ ଚାହୁଁଛି ତେବେ ରୁଷ୍ ମଧ୍ୟ ଏଥିପାଇଁ 'ପ୍ରସ୍ତୁତ' ଅଛି।" ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଏପ୍ରକାର ଦୃଢ଼ୋକ୍ତି ଏପରି ଏକ ସମୟରେ ସାମ୍ନାକୁ ଆସିଛି ଯେତେବେଳେ କି, ୱାଶିଂଟନ୍ ୟୁକ୍ରେନ୍‌ରେ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ୨୮-ସୂତ୍ରୀ ଡ୍ରାଫ୍ଟ ଉପସ୍ଥାପନ କରିଛି। ଆମେରିକା ଏବେ ଏହା ଉପରେ ବ୍ୟାପକ ଆଲୋଚନା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପୁଟିନ୍ ଏପରି କିଛି ମନ୍ତବ୍ୟ ଦେଇ ପରିସ୍ଥିତିକୁ ଅଧିକ ସରଗରମ କରିଦେଇଛନ୍ତି। ସୂଚନାଯୋଗ୍ୟ, ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ ୱିଟକଫ୍ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁଶନର ୟୁକ୍ରେନ ସହ ରୁଷ୍‌ର ଯୁଦ୍ଧକୁ ସମାପ୍ତ କରିବା ଉଦ୍ଦେଶ୍ୟରେ ଉଚ୍ଚ-ପଦବୀସ୍ତରୀୟ ଆଲୋଚନା ପାଇଁ ମସ୍କୋରେ ଗସ୍ତରେ ଥିବାବେଳେ ତାଙ୍କୁ ଭେଟିବା ପୂର୍ବରୁ ହିଁ ପୁଟିନ୍‌ଙ୍କ ଏପ୍ରକାର ମନ୍ତବ୍ୟ ଏକ ନୂଆ ବିବାଦ ସୃଷ୍ଟି କରିଛି। ଅନ୍ୟପକ୍ଷେ ଆମେରିକୀୟ ରାଷ୍ଟ୍ରଦୂତଙ୍କ ସହ ସାକ୍ଷାତ କରିବା ପୂର୍ବରୁ ପୁଟିନ୍ ୟୁକ୍ରେନ ବିବାଦ ଉପରେ ଏକ ଭଲ ଚୁକ୍ତିକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ୟୁରୋପୀୟ ଦେଶଗୁଡ଼ିକ ଅଭିଯୋଗ



କରିଛନ୍ତି। ପ୍ରାୟ ସମସ୍ତ ୟୁରୋପୀୟ ଦେଶଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ପୁଟିନ୍ ହୁଏତ ୟୁକ୍ରେନ୍ ପ୍ରସଙ୍ଗରେ ଶାନ୍ତି ଚାହୁଁନାହାନ୍ତି। ପୁଟିନ୍ ମସ୍କୋରେ ସାମ୍ବାଦିକମାନଙ୍କୁ କହିଛନ୍ତି, ଆମେ ୟୁରୋପ ସହିତ ଯୁଦ୍ଧ କରିବାକୁ ଯୋଜନା କରୁନାହୁଁ, କିନ୍ତୁ ଯଦି ୟୁରୋପ ଚାହୁଁଛି ଏବଂ ଆରମ୍ଭ କରୁଛି, ତେବେ ଆମେ ଏବେ ପ୍ରସ୍ତୁତ। ସେମାନଙ୍କର କୌଣସି ଶାନ୍ତିପୂର୍ଣ୍ଣ ଏଜେଣ୍ଡା ନାହିଁ, ସେମାନେ ଯୁଦ୍ଧ ପକ୍ଷରେ ଅଛନ୍ତି। ୟୁରୋପୀୟ ନେତାମାନେ ୟୁକ୍ରେନରେ ଶାନ୍ତି ପାଇଁ ଆମେରିକାର ପ୍ରୟାସକୁ ବାଧା ଦେଉଛନ୍ତି ପୁଟିନ୍ ଦୋହରାଇଛନ୍ତି।

ଯୁଦ୍ଧ ସମାପ୍ତ କରିବା ପାଇଁ ଟ୍ରମ୍ପ୍‌ଙ୍କ ସଦ୍ୟତମ ଯୋଜନାରେ ୟୁରୋପୀୟ ପରିବର୍ତ୍ତନ 'କେବଳ ଗୋଟିଏ ଜିନିଷ ଉପରେ ଲକ୍ଷ୍ୟ ରଖିଛି - ସମ୍ପୂର୍ଣ୍ଣ ଶାନ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରିବା'। କିନ୍ତୁ ରୁଷ୍ ପାଇଁ ଏହା ଗ୍ରହଣୀୟ ନୁହେଁ। ପ୍ରକାଶ ୟୁରୋପୀୟ ଦେଶମାନେ ଭୟ କରୁଛନ୍ତି ଯେ, ରୁଷ୍, ୟୁକ୍ରେନ୍ ଠାରୁ କିଭ୍ କ୍ଷେତ୍ରକୁ ନେବା ପାଇଁ ଦାବି କରିବ। ଏହି କାରଣରୁ ଟ୍ରମ୍ପ୍‌ଙ୍କ ଦ୍ୱାରା ପ୍ରସ୍ତୁତ ୨୮ ସୂତ୍ରୀ ଡ୍ରାଫ୍ଟରେ ୟୁରୋପୀୟ ଦେଶ କେତେକ ପରିବର୍ତ୍ତନ କରିଛନ୍ତି ଯାହାକି ରୁଷ୍‌କୁ ଉତ୍‌କ୍ଷିପ୍ତ କରିଛି।

# ପାକିସ୍ତାନ ପାଇଁ ଆକାଶମାର୍ଗ ଖୋଲିଲା ଭାରତ

**ନୂଆଦିଲ୍ଲୀ,୨।୧୨/ଏଜେନ୍ସି:** ପାକିସ୍ତାନ ପାଇଁ ଆକାଶମାର୍ଗକୁ ଖୋଲିଛି ଭାରତ। ଅପରେସନ ସିନ୍ଦୂର ସମୟରେ ଭାରତ ପକ୍ଷରୁ ପାକିସ୍ତାନ ବିମାନଗୁଡ଼ିକ ପାଇଁ ଆକାଶମାର୍ଗକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ କରାଯାଇଥିଲା। କିନ୍ତୁ ସାମୁଦ୍ରିକ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଶ୍ରୀଲଙ୍କାକୁ ରିଲିଫ୍ ପଠାଇବା ଲାଗି ଆକାଶମାର୍ଗ ଅନୁମତି ପ୍ରଦାନ ପାଇଁ ପାକିସ୍ତାନ ଅନୁରୋଧ କରିଥିଲା। ମାନବତା ଦୃଷ୍ଟିରୁ ଭାରତ ପକ୍ଷରୁ ତୁରନ୍ତ ଏ ଦିଗରେ ନିଷ୍ପତ୍ତି ନେଇଥିଲା ଏବଂ ଆକାଶମାର୍ଗ ଖୋଲିବାକୁ ଅନୁମତି ଦେଇଥିଲା। ଫଳରେ ପାକିସ୍ତାନୀ ବିମାନ ରିଲିଫ ସାମଗ୍ରୀ ନେଇ ଶ୍ରୀଲଙ୍କାରେ ପହଞ୍ଚିଥିଲା। ଏହା ଭିନ୍ନ କଥା ଯେ ପାକିସ୍ତାନ ପକ୍ଷରୁ ଶ୍ରୀଲଙ୍କାକୁ ପଠାଯାଇଥିବା ଖାଦ୍ୟସାମଗ୍ରୀ, ଔଷଧୀୟ ସାମଗ୍ରୀ ଆଦି ଏକ୍ସପାୟାରୀ ହୋଇସାରିଥିବା ନେଇ ଅଭିଯୋଗ ହୋଇଛି, ଯାହାକୁ ନେଇ ଶ୍ରୀଲଙ୍କା ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ପ୍ରକାଶ, ସୋମବାର ଅପରାହ୍ନ ପ୍ରାୟ ୧ଟାରେ ପାକିସ୍ତାନ ପକ୍ଷରୁ ଆକାଶମାର୍ଗରେ ବିମାନ ଚଳାଚଳ ପାଇଁ ଅନୁମତି ଲୋଡ଼ାଯାଇ ଭାରତକୁ ଚିଠି କରାଯାଇଥିଲା। ଅପରାହ୍ନ ପ୍ରାୟ ୫ଟା ୩୦ରେ ଭାରତ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା। ଏହା ସତ୍ତ୍ୱେ ପାକିସ୍ତାନର କିଛି ଗଣମାଧ୍ୟମ ଭାରତ ବିରୋଧରେ ଅପପ୍ରଚାର କରିଛନ୍ତି। ଭାରତ ଆକାଶମାର୍ଗ ଅନୁମତି ଦେଇନଥିବା ମିଥ୍ୟା ପ୍ରଚାର କରିଛନ୍ତି।

ନିତିଦିନ NITIDIN



### ଚାଷୀଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇଲା ସମବାୟ ବିଭାଗ

# ସୋସାଇଟି ତାଲାବନ୍ଦ ଧାରଣା ୧୬ ଦିନ ପରେ ସ୍ଥଗିତ



**ଓଡ଼ଗାଁ,୨।୧୨/ଏନ୍ଏନ୍ଏସ୍:** ଓଡ଼ଗାଁ କୃଷି ସମବାୟ ସମିତିରେ ତାଲାବନ୍ଦ ଧାରଣାକୁ ୧୬ ଦିନ ବିତିବାପରେ ସମବାୟ ବିଭାଗର ନିଦଭାଙ୍ଗିଛି। ଶେଷରେ ଚାଷୀ ଓ ପରିଚାଳନା ପରିଷଦ ଜିଦ୍ଆଗରେ ମୁଣ୍ଡ ନୁଆଁଇଛି ବିଭାଗ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ୟାଙ୍କ ସଂପାଦକ ଅଜୟ ପଟ୍ଟନାୟକ ଚାଷୀ ଓ ପରିଚାଳନା ପରିଷଦ ନିକଟରେ ପହଞ୍ଚି ବୁଝାସୁଝା କରିବାପରେ ଧାରଣା ସ୍ଥଗିତ ଥିବା ଜଣାପଡ଼ିଛି। ଓଡ଼ଗାଁ ସମିତି ସଂପାଦକ ଦୀପକ କୁମାର ଚୌଧୁରୀଙ୍କ ସ୍ଥାନରେ ସୁନାମୁହିଁ ସମିତି ସଂପାଦକ ପ୍ରସନ୍ନ କୁମାର ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ଓଡ଼ଗାଁ ସୋସାଇଟ ସଂପାଦକଙ୍କ ମନମାନି ଓ ଅର୍ଥ ହେରଫେର ଅଭିଯୋଗରେ ପରିଚାଳନା ପରିଷଦ ଓ ଚାଷୀ ଜିଲ୍ଲାପାଳ,ସମବାୟ ଉପ ନିବନ୍ଧକ ଓ ସହକାରୀ ଉପ ନିବନ୍ଧକଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ୭ଦିନର କଣ୍ଟ ପୂରିଥିଲେ ମଧ୍ୟ କୌଣସି ତଦନ୍ତ ନହେବାରୁ ଚାଷୀ ଓ ପରିଚାଳନା ପରିଷଦ ତାଲାବନ୍ଦ ଧାରଣାକୁ ଓହ୍ଲାଇଥିଲେ। ତାଲାବନ୍ଦ ଧାରଣାକୁ ୧୬ ଦିନ ବିତିଯାଇଥିଲେ ମଧ୍ୟ ସମବାୟ ବିଭାଗ ନିଘୋଡ଼ ନିଦ୍ରାରେ ଥିବାବେଳେ ଆଜି ହଠାତ୍ ସୁନାମୁହିଁ ସମିତି ସଂପାଦକ ପ୍ରସନ୍ନ କୁମାର ପ୍ରଧାନଙ୍କୁ ଓଡ଼ଗାଁ ସୋସାଇଟ ଦାୟିତ୍ୱ ପ୍ରଦାନ କରାଯାଇଥିବା ଏଆର୍ସିଏସ୍ଙ୍କ ଚିଠିନଂ ୨୨୨୮ ଅନୁଯାୟୀ ଜଣାପଡ଼ିଛି। ଚିଠିରେ ଉଲ୍ଲେଖ କରାଯାଇଛି ଚଳିତମାସ ୨୯ତାରିଖରୁ ଧାନମଣ୍ଡିକୁ ଲକ୍ଷ୍ୟରଖି ସମବାୟ ବିଭାଗ ଏଭଳି ନିଷ୍ପତି ନେଇଛି। ଯେଭଳି ଧାନମଣ୍ଡି ବାଧାପ୍ରାପ୍ତ ନହୁଏ, ତେଣୁ ସୁନାମୁହିଁ ସମିତି ସଂପାଦକ ଶ୍ରୀ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ବଡ଼କଥା ହେଉଛି ସମବାୟ ବିଭାଗ ଏଠି ଚତୁରତା ଦେଖାଇଛି। ଆସନ୍ତାକାଲି ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ସ୍ଥାନାନ୍ତରିତ ହୋଇ ଉଦ୍ ?ଘାଟିତ ହେବାର କାର୍ଯ୍ୟକ୍ରମ ରହିଥିବାରୁ ଏଭଳି ପନ୍ଥା ଆପଣାଯାଇଛି। କାଳେ ଚାଷୀଯାଇ ହୋହାଲ୍ଲା କରିବେ, ଉପ ନିବନ୍ଧକ କିମ୍ବା ସହକାରୀ ନିବନ୍ଧକଙ୍କୁ ପଚରା ଉଚୁରା କରିବେ ସେହିଭୟ ଘାରିଛି। ତେଣୁ ତରବରିଆ ଭାବେ ଏଭଳି ଚିଠିକରି ମୁଣ୍ଡରୁ ଦୋଷ ଖସେଇ ଦେଇଥିବା କୁହାଯାଉଛି। ଆଜି କେନ୍ଦ୍ର ସମବାୟ ବ୍ୟାଙ୍କ ସଂପାଦକ ଅଜୟ ପଟ୍ଟନାୟକ ଓଡ଼ଗାଁ ସମିତିରେ ପହଞ୍ଚି ଚାଷୀ ଓ ପରିଚାଳନା ପରିଷଦ ସହିତ ଆଲୋଚନା କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ପାକ୍ସ ସଭାପତି ବିଭୂପ୍ରସାଦ ସାହୁ ସୂଚନା ଦେଇଛନ୍ତି।ସେ କହିଛନ୍ତି ସମିତି ଅର୍ଥ ହେରଫେର ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିଚାଳନା ପରିଷଦକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ଆଠଗଡ଼,୨।୧୨/ଏନ୍ଏନ୍ଏସ୍:** ରାଜ୍ୟ ପ୍ରାଥମିକ ଶିକ୍ଷକ (ଏନପିଏସ) ସଂଘ ପକ୍ଷରୁ ଦୁଇ ଦଫା ନେଇ ଦିଆଯାଇଥିବା ଆନ୍ଦୋଳନରେ ଡାକରାକୁ ଜିଲ୍ଲା ସଂଘର ସହମିତି ନିଷ୍ପତି କ୍ରମେ ଆଜି ଆଠଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ)ର ସଭାପତି ଚାରୁଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ବ୍ଲକ ସଂଘର ଏକ ପ୍ରତିନିଧି ଦଳ ବ୍ଲକଶିକ୍ଷା କାର୍ଯ୍ୟାଳୟକୁ ଯାଇ ଦୁଇ ଦଫା ସମ୍ବଳୀତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ଶଚିବ, ଓ ଗଣଶିକ୍ଷା ଶଚିବ ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଯାହାକି ପ୍ରାଥମିକ ଶିକ୍ଷକ ମାନଙ୍କର ମୁଳ ପୋଷ୍ଟକୁ ଅପଗ୍ରେଡ କରି ୪୨୦୦ ଗ୍ରେଡପେ ଅନୁଯାୟୀ ମୁଳ ବେତନକୁ ୩୫ ହାଜର ୪୦୦ ଟଙ୍କା ପ୍ରଦାନ କରିବା ଏବଂ ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୁଳ ଚାକିରିରେ ଗଣନା କରିବା ସହିତ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି ରଖାଯାଇଛି। ଏବେ ସରକାର ଗଠନର ଦେଢ଼ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରି ରାଜ୍ୟ ସଂଘ ପକ୍ଷରୁ ଆସନ୍ତା ୫ ତାରିଖ ଦିନ ଭୁବନେଶ୍ୱର ଗାନ୍ଧିମାର୍ଗ ଠାରେ ହେବାକୁ ଥିବା ଆନ୍ଦୋଳନର ଡାକରାରେ ସଂଘ ସାମିଲ ହେବ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଜିଲ୍ଲା କାର୍ଯ୍ୟକ୍ରମରେ ଥିବାରୁ ସହଶିକ୍ଷା ଅଧିକାରୀ ମୁରଲିଧର ସ୍ୱାହୁଙ୍କୁ ପ୍ରଦାନ କରିଛନ୍ତି ଅନ୍ୟମାନଙ୍କ ମଧ୍ୟର ସଂଘ କର୍ମକର୍ତ୍ତା ହରପ୍ରସାଦ ବେହେର, ଦିପ୍ତି ରଞ୍ଜନ ବେହେର. ରେଣୁବାଳ ପାଲ, ସଂଯୁକ୍ତା ପାଲ, ଅମିୟ କୁମାର ସାହ. ପ୍ରତାପ କୁମାର ସାହୁ ଓ କିଶୋର କୁମାର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଟିଗିରିଆ ବ୍ଲକ ଏନପିଏସ ସଂଘ ପକ୍ଷରୁ ଅନୁରୁପ ଭାବେ ଆବାହକ ଚନ୍ଦ୍ରକାନ୍ତ ମିଶ୍ରଙ୍କ ଆବାହକତ୍ୱରେ ଏକ ଦଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଯାଇ ଅନୁରୁପ ଭାବେ ବ୍ଲକ ସହଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେଓରୀଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନରେ ସଂଘର ବରିଷ୍ଠ କର୍ମକର୍ତ୍ତା କର୍ଣ୍ଣାର୍ଜ୍ଜୁନ ନାଏକ, ପ୍ରମୋଦ କୁମାର ଗୋଛି, ପ୍ରଭାତ କୁମାର ପଣ୍ଡା, ପ୍ରମୋଦ କୁମାର ବେହେରା, ଶଚ୍ଚିଦାନନ୍ଦ ରାଉଳ, ସତ୍ୟାନନ୍ଦ ମହାପାତ୍ର, ଉମାଶଙ୍କର ରାଉତ, ଦିବାକର ପ୍ରଧାନ, ପ୍ରଶାନ୍ତ କୁମାର ଘଡେଇ, ସଞ୍ଜୟ କୁମାର ରଣା ଏବଂ ଶ୍ରୀନିବାସ ବେହେରା ପ୍ରମୁଖ ଉପସ୍ତିତ ଥିଲେ।

# ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**କଣ୍ଟିଲୋ,୨।୧୨/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳମାଧବ ବିହାରର ୨୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ସମସ୍ତ ଛାତ୍ରୀ ଛାତ୍ର ମାନେ ସ୍ଥାନୀୟ ମାଧବ ଚୌଧୁରୀପାଟଣା ଖେଳପଡିଆରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଜଣାଯାଇଛି। ଏ ଅବସରରେ ସମସ୍ତ ଛାତ୍ରୀ ଛାତ୍ର, ଗୁରୁମା, ଗୁରୁଜୀ, ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା ଏବଂ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କର ପ୍ରମୁଖ ଗ୍ରାମ ପରିକ୍ରମା କରି ନୀଳମାଧବ ଜୀଉଙ୍କ ଠାରେ ପୂଜାର୍ଚ୍ଚନା କରି ଏକ ମଶାଲ ଶୋଭାଯାତ୍ରାରେ ସ୍ଥାନୀୟ ପଡିଆ ଆସିଥିଲେ । ପଡିଆ ଠାରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ଏହା ପରେ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ୧୦୦ ମିଟର, ୫୦ ମିଟର ଦୌଡ, ଅଖା ଦୌଡ, ବିଭିନ୍ନ ବିଭାଗତେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଆସନ୍ତା କାଲି ବୁଧବାର ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଧିର ସାଇକେଲ ଚାଳନା, ସଟପୁଟ୍, ଡ଼ିସ୍କ ଥ୍ରୋ, ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏ ଉତ୍ସବ ୨ଦିନ ଧରି ଚାଲିବ ବୋଲି ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା ସୂଚନା ଦେଇଛନ୍ତି।

# ଶ୍ରୀ ଶ୍ରୀ ଗୋକୁଳାନନ୍ଦ ଜିଉଙ୍କ ବ୍ୟଞ୍ଜନ ଦ୍ୱାଦଶୀ

**କଣ୍ଟିଲୋ,୨।୧୨/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳାସ୍ଥ ଶ୍ରୀଶ୍ରୀ ଗୋକୁଳାନନ୍ଦ ଜୀଉଙ୍କ ମଙ୍ଗଳବାର ବ୍ୟଞ୍ଜନ ଦ୍ୱାଦଶୀ ତିଥିରେ ୨୪ ପ୍ରକାର ଭୋଗ ପ୍ରସ୍ତୁତ କରାଯାଇ ଠାକୁରଙ୍କ ପାଖରେ ଲାଗି ହୋଇଥିଲା। ପ୍ରତିଦିନ ପରି ମଙ୍ଗଳଆଳତୀ, ବାଳଧୂପ ପରେ ବିଭିନ୍ନ ପ୍ରକାର ବ୍ୟଂଜନ ପ୍ରସ୍ତୁତ କରାଯାଇଥିଲା। ଠାକୁରଙ୍କ ପାଖରେ ଲାଗି ହୋଇଥିବା ଭୋଗ ପାଇବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ସାମାଗମ ହୋଇଥିଲା। ଲୋକ କଥାନୁସାରେ ମାର୍ଗଶୀର ଶୁକ୍ଳ ଦ୍ୱାଦଶୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଗୋପାଙ୍ଗନାଙ୍କ ସହ ବଣ ଭୋଜି କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଏହି ଲୀଳାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଥାଏ। ଏହି ଲୋକ କଥାନୁସାରେ ଏହି ଶୀତ ଋତୁରେ ବଣ ଭୋଜି କରାଯାଇଥାଏ। ଏହି ପାରମ୍ପରିକ ବ୍ୟଞ୍ଜନ ଦ୍ୱାଦଶୀ ଅବସରରେ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ନାମ ଯଜ୍ଞର ଆୟୋଜନ କରାଯାଇଥିଲା।

# ଖୋଲିଲା 'ମୋ ଖତ ବିକ୍ରୟ କେନ୍ଦ୍ର'



**ଓଡ଼ଗାଁ,୨।୧୨/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ପରିବା ମାର୍କେଟ ନିକଟସ୍ଥ ଗଣେଶ ବଜାର ଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ମୋ ଖତ ବିକ୍ରୟ କେନ୍ଦ୍ର'ର ଶୁଭାରମ୍ଭ ହୋଇଯାଇଛି। ଆଜି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଥିଲେ।ଚାଷୀମାନେ ଏବେ ରସାୟନିକ ସାର ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଫଳରେ ଫସଲ ଉପରେ କୁପ୍ରଭାବ ପଡୁଥିବାବେଳେ ମାଟିର ଉର୍ବରତା ନଷ୍ଟ ହେଉଛି। ବିଭିନ୍ନ କେମିକାଲ ଯୋଗୁ ପନିପରିବା ବ୍ୟବହାର କରି ଅନେକ ବ୍ୟକ୍ତି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ତେଣୁ ଏହି ଖତ ବିଭିନ୍ନ ପନି ପରିବାରେ ପକାଇ ମାଟିର ଉର୍ବରତା ବଢାଇବା ସହିତ ଫସଲରେ ଉନ୍ନତି ଆଣିବାକୁ ଏହି ମୋଖତ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଖତ କିଲୋଗ୍ରାମ ପିଛା ୧୦ ଟଙ୍କା ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଯନ୍ତ୍ରୀ ସତ୍ୟନାରାୟଣ ସାହୁ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମୋଖତ ଯୋଜନାର ଶୁଭାରମ୍ଭ କରିଥିବା ଜଣାପଡିଛି।

# ଯଦୁପୁରରେ ବଡ଼ ଧରଣର ଲୁଟ୍

**ନୟାଗଡ଼,୨।୧୧/ଏନ୍ଏନ୍ଏସ୍:** ନୟାଗଡ ସଦର ଥାନା ଅନ୍ତର୍ଗତ ଲକ୍ଷ୍ମୀ ପ୍ରସାଦ ପଞ୍ଚାୟତର ଯଦୁପୁରରେ ହୋଇଛି ଏକ ବଡ଼ ଧରଣର ଡକାୟତି। ପ୍ରାୟ ୮ଜଣ ଡକାୟତ ମନୋରଞ୍ଜନ ପାତ୍ର(କାଳିଆ)ଙ୍କ ଘରେ ପଶି ବନ୍ଧୁକ ଦେଖାଇ ୩ଲକ୍ଷରୁ ଅଧିକ ଟଙ୍କା ସହ ୭୦ଗ୍ରାମ ସୁନା ଏବଂ ଦେଢକେଜିରୁ ଅଧିକ ରୁପାଅଲଙ୍କାର ଲୁଟି ନେଇଛନ୍ତି। ଡକାୟତଙ୍କ ଆକ୍ରମଣରେ ମନୋରଞ୍ଜନ ଏବଂ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତି। ମନୋରଞ୍ଜନ ନୟାଗଡ ଖଣ୍ଡପଡା ରାସ୍ତାର ଯଦୁପୁର ପେଟ୍ରୋଲ ଟାଙ୍କି ନିକଟରେ ଥିବା ନିଜ ଘରେ ପରିବାର ସହ ରହୁଥିଲେ। ଗତକାଲି ରାତି ପ୍ରାୟ ୨ଟା ସମୟରେ ୮ଜଣ ଡକାୟତ ବାଡିପଟ ଗ୍ରିଲ୍ ଭାଙ୍ଗି ଘରେ ପଶିଥିଲେ। ଡକାୟତମାନେ ହାତରେ ବନ୍ଧୁକ ଏବଂ ଭୁଜାଲି ଆଦି ମାରଣାସ୍ତ୍ର ଦେଖାଇବା ସହ ମନୋରଞ୍ଜନ ଏବଂ ତାଙ୍କ ସ୍ତ୍ରୀଙ୍କୁ ଏକ ବାଉଁଶରେ ପ୍ରବଳ ମାଡ ମାରିଥିଲେ। ଡକାୟତଙ୍କ ମାଡ଼ରେ ଦମ୍ପତି ଗୁରୁତର ଭାବେ ଆହତ ହୋଇଥିଲେ। ପରେ ସେମାନେ ଆଲମିରା ଭାଙ୍ଗି ସେଥିରେ ଥିବା ନଗଦ ଟଙ୍କା, ସୁନା, ରୁପା ଓ ମୋବାଇଲ ଲୁଟି ନେଇଥିଲେ। ଖବର ପାଇ ସଦରଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଆର୍ଏମ୍ ସ୍କୁଲ୍ରେ ବିଜ୍ଞାନମେଳା




**ବୟାଳିଶମୌଜା,୨।୧୨/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ବୟାଳିଶମୌଜା ଅନ୍ତର୍ଗତ କୁଲସରିଚୁଆଁ ସ୍ଥିତ ଆର.ଏମ.ସ୍କୁଲ (ରେକୀ ମିଶନ ସ୍କୁଲ) ଠାରେ ଏକ ବିଜ୍ଞାନମେଳା ଅନୁଷ୍ଠିତ ହୋଇ ଯାଇଛି। ପୂଜ୍ୟ ବିଜ୍ଞାନିଗୁରୁ ଶ୍ରୀସନ୍ଥଙ୍କ ନିର୍ଦ୍ଦେଶରେ ତଥା ଉପାଧକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍କୁଲ ପରିସରରେ ଏହି ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ମୋଟ ୬୦ଜଣ ପ୍ରତିଯୋଗୀ ମେଳାରେ ଭାଗନେବା ସହ ଅନେକ ଗୁଡ଼ିଏ ଜ୍ଞାନ ବିଜ୍ଞାନର କଳାକୃତି ପ୍ରସ୍ତୁତ କରି ଉପସ୍ଥିତ ଅତିଥି ଓ ଅବିଭାବକମାନଙ୍କୁ ବୁଝାଇଥିଲେ। ଏହି ମେଳାରେ କୁଲସରିଚୁଆଁ ନୋଡାଲ ହାଇସ୍କୁଲ ସି.ବି. ଜେଡ୍ ବିଭାଗର ବିଜ୍ଞାନ ଶିକ୍ଷୟତ୍ରୀ ଶ୍ରୀମତୀ ମୋନାଲିସା ମହାପାତ୍ର ସମ୍ମାନୀୟା ଅତିଥି ରୂପେ ଯୋଗ ଦେଇ ପିଲାମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ ପ୍ରିୟତମା ସ୍ୱାଇଁ, ଅଲିଭା ଦଳାଇ, ବର୍ଷା ମୁଳିଆ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ତୃପ୍ତିମୟୀ ନାୟକ, ସ୍ମୃତିପ୍ରଜ୍ଞା ମହାପାତ୍ର, ସୁଜାତା ପ୍ରଧାନ ଓ କବିତା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିବାରେ ସହଯୋଗ କରିଥିଲେ।

XII-22

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

******

### ଅଧିସୂଚନା

No. RDM-LAB-GM-0026-2025-28838/R&DM Dated 02 Aug 2025

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲା ର ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା-ଗୋକର୍ଣ୍ଣମେରୀ, ଥାନା-ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୪.୨୮୫ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି।

ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧ (୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ - ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧିଗ୍ରହଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି)
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କର ପତ୍ର ସଂଖ୍ୟା-୩୩୭୫୬, ତାରିଖ ୦୧.୧୦.୨୦୨୪ ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନ ଖେମୁଣ୍ଡି | ଗୋକର୍ଣ୍ଣମେରୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୨.୩୨୫ | ଏ.୪.୨୮୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚିତ ପ୍ରକଳ୍ପ), ମହେନ୍ଦ୍ରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଅତିରିକ୍ତ ଶାସନ ସଚିବ**

**ଗୋକର୍ଣ୍ଣମେରୀ ଗ୍ରାମର ଜମିର ବିବରଣୀ**

ମୌଜା - ଗୋକର୍ଣ୍ଣମେରୀ, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକର ରେ) | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର ରେ) | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୩ | ୩୦୬ | ୦.୧୨୫ | ୦.୦୪୫ | ପଦର | ସିକାଲୁ ଆଜରାମ ଦୋରା, ସିକାଲୁ କୁଗୁଲୁ ଦୋରା, ପି: ସିକାଲୁ ନାରଣ ଦୋରା ଜା: ତେଲଙ୍ଗା, ବା: ନିଜଗାଁ | |
| ୪ | ୩୬୦ | ୦.୧୨୦ | ୦.୦୨୦ | ପଦର | ଉଲା ସାହୁ, ପି: ରଇବରି ସାହୁ, ଜା:ତେଲି, ବା: ତାଳପୁର | |
| ୧୭ | ୩୬୭ | ୦.୧୯୫ | ୦.୦୦୫ | ପଦର | କୋରା ଗଉଡ଼, ରାମହରି ଗଉଡ଼, ପି: ବୁଧିଆ ଗଉଡ଼, ରୁକୁଣୀ ଗଉଡ଼, ସ୍ୱା: ବୁଧିଆ ଗଉଡ଼, ଜା: ଗଉଡ଼, ବା: ନିଜଗାଁ | |
| ୧୮ | ୩୦୯ | ୦.୧୦୫ | ୦.୦୭୫ | ପଦର | ଘୁମୁଡ଼ି କୋରି ପାତ୍ର, ସ୍ୱା: ଘୁମୁଡ଼ି ଧନୁ ପାତ୍ର, ଜା: ଗୋଲା, ବା: ପେଣ୍ଟୁରା ଖାଳି | |
| ୧୯ | ୩୦୦ | ୦.୧୫୦ | ୦.୦୬୫ | ପଦର | କୋରା ଗୌଡ଼, ସୁରେନ୍ଦ୍ର ଗୌଡ଼, ଜୟ ଗୌଡ଼, ପି: ବୁଦ୍ଧିଆ ଗୌଡ଼, ଚନ୍ଦ୍ରମା ଗୌଡ଼, ପି: ଭାସ୍କର ଗୌଡ଼, ସିମାଞ୍ଚଳ ଗୌଡ଼, ପି:ଗୋବିନ୍ଦ ଗୌଡ଼, ଜା: ଗୌଡ଼, ବା ନିଜଗାଁ | |
| | ୩୦୧ | ୦.୨୭୦ | ୦.୧୧୫ | | | |
| | ୩୦୨ | ୦.୧୫୦ | ୦.୦୭୫ | | | |
| ୫୩ | ୩୧୪ | ୦.୧୬୦ | ୦.୦୭୫ | ପଦର | ଦଣ୍ଡିଆ ମଳିକ, ପି: ସିନ୍ଧୁ ମଳିକ, ଜା: କୁର୍ମି, ବା: ତାଳପୁର | |
| ୬୦ | ୩୦୭ | ୦.୧୫୦ | ୦.୦୫୦ | ପଦର | ଦେବରାଜ ଗଉଡ଼, ଶିବରାମ ଗଉଡ଼, ପି: ଉଲା ଗଉଡ଼, ସୁଲଭ ଗଉଡ଼, ସ୍ୱା: ଉଲା ଗଉଡ଼, ରାଜୁ ଗଉଡ଼, ଭାସ୍କର ଗଉଡ଼, ପି: ରଘୁ ଗଉଡ଼, ଜା: ଗଉଡ଼, ବା: ନିଜଗାଁ | |
| ୬୯ | ୬୧୪ | ୦.୮୮୦ | ୦.୨୧୦ | ବିଲ ଅଣଜଳ ସେଚିତ ଦୁଇ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି | |
| | ୬୧୯ | ୦.୭୫୦ | ୦.୨୫୦ | | | |
| ୭୦ | ୩୪୧ | ୦.୦୫୦ | ୦.୦୧୦ | ପଦର | ସିକାଲୁ ନିମେଇ ଦୋରା, ସିକାଲୁ ମଞ୍ଜୁ ଦୋରା, ସିକାଲୁ ସିନୁ ଦୋରା ପି: ସିକାଲୁ ଖଲି ଦୋରା, ସିକାଲୁ ଅର୍ଣ୍ଣପୂର୍ଣ୍ଣା ଦୋରା, ସ୍ୱା: ସିକାଲୁ ଖଲି ଦୋରା, ସିକାଲୁ କୃଷ୍ଣ ଦୋରା, ପି: ସିକାଲୁ ଭାଇଗ ଦୋରା, ସିକାଲୁ ପାଇଡ଼ି ଦୋରା, ସ୍ୱା: ସିକାଲୁ ଭାଇଗ ଦୋରା, ସିକାଲୁ ଅଦରମ ଦୋରା, ସିକାଲୁ ବଗୁଲୁ ଦୋରା, ପି: ସିକାଲୁ ନାରଣ ଦୋରା, ଜା: ତେଲଙ୍ଗା, ବା: ନିଜଗାଁ | |
| | ୩୪୪ | ୦.୦୫୦ | ୦.୦୧୫ | | | |
| | ୩୪୫ | ୦.୦୪୦ | ୦.୦୩୦ | | | |
| | ୩୪୬ | ୦.୦୪୫ | ୦.୦୩୫ | | | |
| ୭୧ | ୯୨ | ୦.୧୩୦ | ୦.୦୬୫ | ପଦର | ପରିକ୍ଷିତ ପ୍ରଧାନ, ପି: କୃଷ୍ଣ ପ୍ରଧାନ, ଜା: କୁର୍ମି, ବା: ନିଜଗାଁ | |
| ୭୮ | ୨୬ | ୦.୧୫୦ | ୦.୦୭୦ | ପଦର | ସିକାଲୁ ବାଉରି ଦୋରା, ପି: ସିକାଲୁ ମଣି ଦୋରା, ସିକାଲୁ ତ୍ରିନାଥ ଦୋରା, ପି: ସିକାଲୁ ସୁବୁଧି ଦୋରା, ଜା: ତେଲଙ୍ଗା ବା: ଖଣ୍ଡ ଦେଉଳି | |
| | ୨୯ | ୦.୧୬୫ | ୦.୦୬୦ | | | |
| | ୨୮ | ୦.୨୨୦ | ୦.୦୮୦ | | | |
| ୮୧ | ୩୦୩ | ୦.୧୪୦ | ୦.୦୬୦ | ପଦର | ବିପ୍ର ପ୍ରଧାନ, ଉତ୍କଳ ପ୍ରଧାନ, ପି: ଅର୍ଜ୍ଜୁନ ପ୍ରଧାନ, ଜା: କୁର୍ମି, ବା: ନିଜଗାଁ | |
| | ୩୦୪ | ୦.୦୭୦ | ୦.୦୨୫ | | | |
| | ୩୦୫ | ୦.୦୬୦ | ୦.୦୨୫ | | | |
| | ୩୧୮ | ୦.୩୯୦ | ୦.୦୭୫ | | | |
| | ୩୨୪ | ୦.୨୯୫ | ୦.୦୮୫ | | | |
| ୮୬ | ୪୩୧ | ୦.୧୫୦ | ୦.୦୪୦ | ବିଲ ଅଣଜଳ ସେଚିତ ଦୁଇ | ବୁଧିଆ ଗଉଡ଼, ପି: ପାଣ୍ଡୋ ଗଉଡ଼, ଜା: ଗଉଡ଼, ବା: ନିଜଗାଁ | |
| ୮୮ | ୩୦ | ୦.୫୮୫ | ୦.୨୦୦ | ପଦର | ବୁଧିଆ ଚୌଧୁରୀ, ପି: କନ୍ଧ ଚୌଧୁରୀ, ଜା: କୁର୍ମି, ବା: ନିଜଗାଁ | |
| ୯୨ | ୩୨୦ | ୦.୩୯୫ | ୦.୦୮୦ | ପଦର | ଭାସ୍କର ପ୍ରଧାନ ପି: ଭୀମ ପ୍ରଧାନ, ଜା: କୁର୍ମି ବା: ତାଳପୁର | |
| ୯୯ | ୩୬୧ | ୦.୧୩୦ | ୦.୦୨୦ | ପଦର | ରଘୁନାଥ ଗଉଡ଼, ପି: ଡମ୍ବରୁ ଗଉଡ଼, ଜା: ଗଉଡ଼, ବା: ନିଜଗାଁ | |
| ୧୦୬ | ୯୪ | ୦.୧୮୦ | ୦.୦୭୦ | ପଦର | ରାମଚନ୍ଦ୍ର ପ୍ରଧାନ, ପ୍ରଦିପ ପ୍ରଧାନ ପି: ରଘୁ ପ୍ରଧାନ, ବିଜୟ ପ୍ରଧାନ, ପ୍ରତାପ ପ୍ରଧାନ, ପି: ଦୟାନିଧି ପ୍ରଧାନ, ଅଭିରାମ ପ୍ରଧାନ, ପି: ହାଡୁ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| | ୯୫ | ୦.୧୮୫ | ୦.୦୫୦ | | | |
| | ୯୬ | ୦.୦୪୦ | ୦.୦୨୫ | | | |
| | ୯୭ | ୦.୨୩୦ | ୦.୦୬୫ | | | |
| | ୩୪୮ | ୦.୦୨୦ | ୦.୦୨୦ | | | |
| ୧୧୯ | ୩୪୮ | ୦.୦୨୦ | ୦.୦୨୦ | ପଦର | ଶତ୍ରୁଘନ ପ୍ରଧାନ, ପି: ଭାଇଗ ପ୍ରଧାନ, କମଳା ପ୍ରଧାନ, ସ୍ୱା: ଭାଇଗ ପ୍ରଧାନ, ରାମ ପ୍ରଧାନ, ଗୌରା ପ୍ରଧାନ, ଭଗବାନ ପ୍ରଧାନ, ପାଣ୍ଡବ ପ୍ରଧାନ, ବିଚିତ୍ର ପ୍ରଧାନ, ପି: ରଘୁ ପ୍ରଧାନ, କଉ ପ୍ରଧାନ, ସ୍ୱା: ରଘୁ ପ୍ରଧାନ, ଜା: କୁର୍ମି ବା: ନିଜଗାଁ | |
| | ୩୪୯ | ୦.୦୩୦ | ୦.୦୧୦ | | | |
| ୧୨୨ | ୨୩ | ୦.୧୧୦ | ୦.୦୪୦ | ପଦର | ସାହେବ ସାହୁ, ପି: କୃଷ୍ଣ ସାହୁ, ଜା: ତେଲି, ବା: ତାଳପୁର | |
| | ୨୫ | ୦.୩୨୦ | ୦.୧୧୫ | | | |
| | ୨୭ | ୦.୦୬୦ | ୦.୦୦୫ | | | |
| | ୩୪୦ | ୦.୦୯୦ | ୦.୦୧୫ | | | |
| | ୩୪୭ | ୦.୦୭୦ | ୦.୦୬୦ | | | |
| ୧୨୪ | ୩୨୫ | ୦.୧୦୦ | ୦.୦୪୦ | ପଦର | ଶ୍ରୀଧର ଡ଼ାକୁଆ, ପି: ବାଉରି ଡ଼ାକୁଆ, ଜା: ଭଣ୍ଡାରି, ବା: ପେଣ୍ଟୁରା ଖାଳି | |
| | ୩୨୬ | ୦.୧୦୦ | ୦.୦୪୦ | | | |
| ୧୩୧ | ୪୫୮ | ୦.୬୪୦ | ୦.୩୪୦ | ବିଲ ଅଣଜଳ ସେଚିତ ଦୁଇ | ହରି ବେହେରା, ପି: ବାଲାଜି ବେହେରା, ଜା: କେଉଟ, ବା: ପେଣ୍ଟୁରା ଖାଳି | |
| ୧୩୪/ ୭୬ | ୧୨ | ୦.୨୦୦ | ୦.୦୬୦ | ପଦର | ଶୋଭା ପ୍ରଧାନ, ସ୍ୱା: ପାଣ୍ଡବ ପ୍ରଧାନ, ଜା: କୁରୁମ, ବା: ଗୋକର୍ଣ୍ଣମେରି | |
| | ୧୩ | ୦.୩୪୦ | ୦.୨୦୫ | | | |
| | ୧୪ | ୦.୩୭୫ | ୦.୧୦୫ | | | |
| | ୧୭ | ୦.୫୬୫ | ୦.୧୬୫ | | | |
| | ୧୯ | ୦.୧୭୫ | ୦.୦୯୦ | | | |
| | ୨୦ | ୦.୦୮୦ | ୦.୦୦୫ | | | |
| | ୨୪ | ୦.୦୨୫ | ୦.୦୨୦ | | | |
| ୧୩୪/ ୧୧୪ | ୭୫ | ୧.୧୨୫ | ୦.୩୭୦ | ପଦର | ପ୍ରଦୀପ କୁମାର ପ୍ରଧାନ, ପି: ରଘୁ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୧୩୪/ ୧୧୫ | ୮୭ | ୦.୩୨୦ | ୦.୧୩୦ | ପଦର | ପ୍ରଦୀପ କୁମାର ପ୍ରଧାନ, ପି: ରଘୁନାଥ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୧୩୪/ ୧୮୬ | ୧ | ୦.୫୮୫ | ୦.୧୮୦ | ପଦର | ଉମାକାନ୍ତ ପ୍ରଧାନ, ପି: ଲକ୍ଷ୍ମଣ ପ୍ରଧାନ, ଜା: କୁରୁମ, ବା: ଫାସିଗୁଡ଼ା, କୃଷ୍ଣଚନ୍ଦ୍ର ନାୟକ, ପି: ତ୍ରିନାଥ ନାୟକ, ଜା: କୁରୁମ, ବା: ଫାସିଗୁଡ଼ା | |
| | ୨ | ୦.୦୨୫ | ୦.୦୨୫ | | | |
| | ୩ | ୦.୦୬୦ | ୦.୦୫୦ | | | |
| | ୪ | ୦.୦୮୫ | ୦.୦୨୦ | | | |
| | ୫ | ୦.୦୭୦ | ୦.୦୦୫ | | | |

ମୋଟ - ୪.୨୮୫ ଏକର

OIPR-24001/14/0217/2526

**Spl. L.A. Cum-R & R.O. (M.I.P), Mahendragada, (Gajapati)**

**ନିତି ଭାରତୀ** | ମନକୁ ଶାନ୍ତ ରଖିଲେ ପୃଥିବୀର ପ୍ରବହମାନତାର ନାଦକୁ ଶୁଣିହେବ। ଏହାର ଛନ୍ଦକୁ ବୁଝିହେବ। - **ଗୌତମ ବୁଦ୍ଧ**

NITIDIN
ନିତିଦିନ
ବୁଧବାର,୩ ଡିସେମ୍ବର, ୨୦୨୫

# ଭିନ୍ନକ୍ଷମତା-ସମାବେଶୀ ସମାଜ: ସମସ୍ତଙ୍କ ଦାୟିତ୍ୱ



କସ୍ତୁରୀ ମହାପାତ୍ର

ଭିନ୍ନକ୍ଷମଙ୍କ ଅଧିକାର ଏବଂ ସମବେଶୀକରଣ ଏକ ସଶକ୍ତ ସମାଜ ଗଠନ ପାଇଁ ଅବିଚ୍ଛେଦ୍ୟ, ଯାହା ବିବିଧତାକୁ ମୂଲ୍ୟ ଦିଏ ଏବଂ ସମସ୍ତ ବ୍ୟକ୍ତିଙ୍କ ମର୍ଯ୍ୟାଦାକୁ ସମ୍ମାନ ଦିଏ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅନ୍ତର୍ଭୁକ୍ତି କେବଳ ସାମାଜିକ ନ୍ୟାୟର ଏକ କାର୍ଯ୍ୟ ନୁହେଁ, ବରଂ ସ୍ଥାୟୀ ବିକାଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

୧୯୯୨ ମସିହାରୁ ପ୍ରତି ବର୍ଷ ଡିସେମ୍ବର ମାସ ୩ ତାରିଖରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଭିନ୍ନ ଭିନ୍ନ ପ୍ରଭାବପୂର୍ଣ୍ଣ ପ୍ରସଙ୍ଗକୁ ଆଧାର କରି ସାରା ବିଶ୍ୱରେ ପାଳିତ ହୋଇ ଆସୁଛି। ଏହି ବିଶ୍ୱସ୍ତରୀୟ ପାଳନ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର, ମର୍ଯ୍ୟାଦା ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରେ ଏବଂ ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନରେ ସେମାନଙ୍କର ଅଂଶଗ୍ରହଣ ବିଷୟରେ ସଚେତନତା ସୃଷ୍ଟି କରେ।

୨୦୨୫ ମସିହାର ଆନ୍ତର୍ଜାତିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଦିବସ ପାଳନର ବିଷୟବସ୍ତୁ ହେଉଛି, ସାମାଜିକ ପ୍ରଗତିକୁ ଆଗକୁ ବଢ଼ାଇବା ପାଇଁ ଭିନ୍ନକ୍ଷମତା-ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା। ଏହା ସତ ଯେ ଭିନ୍ନକ୍ଷମତାସମ୍ପନ୍ନ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ ନକରି କୌଣସି ସ୍ଥାୟୀ ବିକାଶ ହୋଇ ପାରିବ ନାହିଁ। ଏହି ବିଷୟବସ୍ତୁ ସମାଜର ସମସ୍ତ ଦିଗରେ ଭିନ୍ନକ୍ଷମତା ଥିବା ବ୍ୟକ୍ତିମାନଙ୍କର ପୂର୍ଣ୍ଣ ଏବଂ ସମାନ ଅଂଶଗ୍ରହଣକୁ ସମର୍ଥନ କରିବା ପାଇଁ ଅନ୍ତର୍ଭୁକ୍ତିମୂଳକ ବ୍ୟବସ୍ଥା ଏବଂ ସମ୍ପ୍ରଦାୟ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରେ। ଏହା ସାମାଜିକ ବିକାଶ ଲକ୍ଷ୍ୟ, ଯେପରିକି ଦାରିଦ୍ର୍ୟ ହ୍ରାସ, ପୂର୍ଣ୍ଣ ଏବଂ ଉତ୍ପାଦନଶୀଳ ନିଯୁକ୍ତି ଏବଂ ମର୍ଯ୍ୟାଦାଜନକ କାର୍ଯ୍ୟ ଏବଂ ସାମାଜିକ ସଂହତି ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାର ଆବଶ୍ୟକତାକୁ ମଧ୍ୟ ଆଲୋକିତ କରେ।

ଭାରତରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସାମାଜିକ ପ୍ରଗତିକୁ ପ୍ରୋତ୍ସାହିତ କରିବା ପାଇଁ ସମାବେଶୀ ସମାଜ ଗଠନ ଅତ୍ୟନ୍ତ ଜରୁରୀ, କାରଣ ସେମାନେ ବିଭିନ୍ନ ନୀତି ଏବଂ ପଦକ୍ଷେପ ମାଧ୍ୟମରେ ସମାନ ସୁଯୋଗ, ସୁଗମତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବେ ଏବଂ ଯେଉଁଠାରେ ସମସ୍ତ ବ୍ୟକ୍ତି ସେମାନଙ୍କର କ୍ଷମତା ନିର୍ବିଶେଷରେ ସମାଜରେ ପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରି ପାରିବେ। ଏହି ସମନ୍ୱୟ ସାମାଜିକ ପ୍ରଗତି ହାସଲ କରିବା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜରେ ଯୋଗଦାନ ଦେବା ଏବଂ ସମ୍ମାନର ସହିତ ଜୀବନ ନିର୍ବାହ କରିବାର ଅଧିକାରକୁ ସୁନିଶ୍ଚିତ କରିଥାଏ।

ଭାରତବର୍ଷ ଭିନ୍ନକ୍ଷମମାନଙ୍କ ଅଧିକାରର ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ ୨୦୦୭ ଆନ୍ତର୍ଜାତିକ ସମ୍ମିଳନୀରେ ଚୁକ୍ତିବଦ୍ଧ ହେବା ପରେ ତାକୁ ଅନୁପାଳନ କରି ୨୦୧୬ ମସିହାରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଆଇନ ପ୍ରଣୟନ କଲେ, ଯେଉଁଥିରେ ଭିନ୍ନକ୍ଷମତାର ପରିଭାଷାକୁ ବିସ୍ତାର କରିବା ସହିତ ଭିନ୍ନକ୍ଷମଙ୍କ ବର୍ଗ ୭ରୁ ୨୧କୁ ବୃଦ୍ଧି କରାଯାଇଛି। ଭେଦଭାବ ବିରୁଦ୍ଧରେ ଆଇନଗତ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଇଛି, ଯାହାକି ଭିନ୍ନକ୍ଷମ ସମାବେଶୀ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଉପରେ ଜାତିସଂଘ ସମ୍ମିଳନୀର ଧାରା ୩ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଆଇନର ପ୍ରସ୍ତାବନାରେ ଅଧିକ ମହତ୍ତ୍ୱପୂର୍ଣ୍ଣ ଆଠଟି ନୀତିକୁ ଚିହ୍ନଟ କରେ। ଏଗୁଡ଼ିକ ହେଉଛି: ୧) ଅନ୍ତର୍ନିହିତ ମର୍ଯ୍ୟାଦା ପ୍ରତି ସମ୍ମାନ, ବ୍ୟକ୍ତିଗତ ସ୍ୱାୟତ୍ତତା ସହିତ ନିଜ ପସନ୍ଦ କରିବାର ସ୍ୱାଧୀନତା ଏବଂ ବ୍ୟକ୍ତିର ସ୍ୱାଧୀନତା; ୨) ପକ୍ଷପାତହୀନ ଜୀବନର ଅଧିକାର; ୩) ସମାଜରେ ପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଅଂଶଗ୍ରହଣ ଏବଂ ଅନ୍ତର୍ଭୁକ୍ତି; ୪) ମାନବ ବିବିଧତା ଏବଂ ମାନବତାର ଅଂଶ ଭାବରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ପାର୍ଥକ୍ୟ ଏବଂ ଗ୍ରହଣୀୟତା ପ୍ରତି ସମ୍ମାନ; ୫) ସୁଯୋଗର ସମାନତା; ୬) ପ୍ରବେଶଯୋଗ୍ୟତା; ୭) ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ସମାନତା; ଏବଂ ୮) ଭିନ୍ନକ୍ଷମ ପିଲାମାନଙ୍କର ବିକଶିତ କ୍ଷମତା ପ୍ରତି ସମ୍ମାନ ଏବଂ ଭିନ୍ନକ୍ଷମ ପିଲାମାନଙ୍କର ସେମାନଙ୍କର ପରିଚୟ ସଂରକ୍ଷଣ କରିବାର ଅଧିକାର ପ୍ରତି ସମ୍ମାନ।

ଆଜି ଗବେଷଣା, ମାନବିକ ମୂଲ୍ୟବୋଧ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାର ବିକାଶକୁ ନେଇ ଭିନ୍ନକ୍ଷମତାର ବୁଝାମଣା ଅତୀତର ଦୃଷ୍ଟିକୋଣଠାରୁ ବହୁ ଦୂରକୁ ବିସ୍ତାରିତ ହୋଇଛି। ଆଧୁନିକ ଦୃଷ୍ଟିକୋଣ ସ୍ୱୀକାର କରେ ଯେ ଅକ୍ଷମତା କେବଳ ଜଣେ ବ୍ୟକ୍ତିଙ୍କ ଶାରୀରିକ କିମ୍ବା ମାନସିକ ଅବସ୍ଥା ଦ୍ୱାରା ସୃଷ୍ଟି ହୁଏ ନାହିଁ, ବରଂ ସମାଜରେ ଅନେକ ପ୍ରତିବନ୍ଧକ, ଯେପରିକି ଅପହଞ୍ଚ ଭିତ୍ତିଭୂମି, ପକ୍ଷପାତପୂର୍ଣ୍ଣ ଆଚରଣ, ସୀମିତ ସୁଯୋଗ ଏବଂ ସଚେତନତାର ଅଭାବ ଅସମାନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ ଆନ୍ତର୍ଜାତିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଏହି ଦିବସ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସାମାଜିକ, ଆର୍ଥିକ, ସାଂସ୍କୃତିକ ଏବଂ ରାଜନୈତିକ ଜୀବନରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବା ପାଇଁ ସଶକ୍ତ କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥାଏ।

ଅଧିକାଂଶ ସମାଜରେ ତଥାକଥିତ ସାଧାରଣ ବ୍ୟକ୍ତିଙ୍କଠାରୁ ସାମାନ୍ୟ ବିଭିନ୍ନତା ଥିବା ବ୍ୟକ୍ତିଙ୍କ ପ୍ରତି ଏକ ଅସୂୟା ମନୋଭାବକୁ ପ୍ରଶ୍ରୟ ଦିଆଯାଏ ଓ ଏହା ଥଟ୍ଟା ପରିହାସଠାରୁ ଆରମ୍ଭ କରି ଅମାନବୀୟ ଅତ୍ୟାଚାର ମଧ୍ୟ ହୋଇପାରେ। ଏକବିଂଶ ଶତାବ୍ଦୀରେ ପାଦ ଦେଇ ମଧ୍ୟ ମଣିଷ ସମାଜରେ ଏହା ସମ୍ପୂର୍ଣ୍ଣ ଅଗ୍ରହଣୀୟ। ସବୁ ମଣିଷଙ୍କର ଆତ୍ମସମ୍ମାନର ସହ ଜୀବନ ଏକ ଜନ୍ମଗତ ମାନବିକ ଅଧିକାର। ପ୍ରତ୍ୟେକ ଜୀବନର ଅନ୍ତର୍ନିହିତ ମୂଲ୍ୟ ରହିଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଅନ୍ୟମାନଙ୍କ ପରି ମଧ୍ୟ ସମାନ ଅଧିକାର ଏବଂ ସ୍ୱାଧୀନତା ରହିଛି ଏବଂ ଭିନ୍ନକ୍ଷମତା ଉପରେ ଆଧାରିତ ଯେ କୌଣସି ପ୍ରକାରର ଭେଦଭାବ ସେମାନଙ୍କର ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ। ବିଶ୍ୱବ୍ୟାପି ପ୍ରତିଶ୍ରୁତି ସତ୍ତ୍ୱେ ଭିନ୍ନକ୍ଷମ ବ୍ୟକ୍ତିମାନେ ଏବେ ବି ଅଧିକାଂଶ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି ଓ ତାହା ହିଁ ଲଜ୍ଜାଜନକ ଓ ନିରାକରଣୀୟ।

ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ସ୍କୁଲ, କର୍ମକ୍ଷେତ୍ର ଏବଂ ନ୍ୟାୟ ପାଇବା, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପାଇବା ଏବଂ ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଅଧିକାର ଅଛି। ତଥାପି ବିଶ୍ୱ ସ୍ତରରେ ଅକ୍ଷମତା ସହିତ ବଞ୍ଚୁଥିବା ଶହେ କୋଟିରୁ ଅଧିକ ଲୋକଙ୍କ ପାଇଁ ଭିନ୍ନକ୍ଷମତା ସହିତ ଜଡ଼ିତ ଗଭୀର ସାମାଜିକ ପକ୍ଷପାତ ଏବଂ କଳଙ୍କ ଯୋଗୁଁ ସମାନ ସମ୍ମାନ ଏବଂ ମର୍ଯ୍ୟାଦା ପାଇବା ପ୍ରାୟତଃ ସମ୍ଭବ ହୋଇ ପାରୁନାହିଁ। ସେମାନେ ଶିକ୍ଷା ପାଇଁ ସୀମିତ ପ୍ରବେଶ, ସାର୍ବଜନୀନ ସ୍ଥାନରେ ପ୍ରତିବନ୍ଧକ, କର୍ମନିଯୁକ୍ତି ସୁଯୋଗ, ଅପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା, ସାମାଜିକ ବହିଷ୍କାର, ନିଷ୍ପତ୍ତି ଗ୍ରହଣରେ କମ୍ ପ୍ରତିନିଧିତ୍ୱ ପରି ପ୍ରମୁଖ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଛନ୍ତି। ଆଇନ ଦ୍ୱାରା ସୁରକ୍ଷିତ ଥିବା ସତ୍ତ୍ୱେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ସ୍ୱର ସାଧାରଣତଃ ଶୁଣାଯାଏ ନାହିଁ ଏବଂ ସେମାନଙ୍କର ଆବଶ୍ୟକତା ପ୍ରାୟତଃ ପୂରଣ ହୁଏ ନାହିଁ। ଅସହିଷ୍ଣୁତା, ଭୁଲ୍ ଧାରଣା ଏବଂ ଅବହେଳା ସମାଜରେ ସେମାନଙ୍କର ପୂର୍ଣ୍ଣ ଅଂଶଗ୍ରହଣକୁ ନିଶ୍ଚିତ କରିବାରେ ବାଧା ସୃଷ୍ଟି କରେ।

ଭାରତୀୟ ସମ୍ବିଧାନ ଏହାର ଧାରା ୧୪ରୁ ୧୮ ମାଧ୍ୟମରେ ନିଶ୍ଚିତ କରେ ଯେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆଇନ ଅନୁଯାୟୀ ସମାନ ଭାବରେ ବ୍ୟବହାର ପ୍ରଦର୍ଶନ କରାଯିବ। ଏହି ଧାରାଗୁଡ଼ିକ ସେମାନଙ୍କର ଭିନ୍ନକ୍ଷମତା ଆଧାରରେ ବ୍ୟକ୍ତିମାନଙ୍କ ପ୍ରତି ଭେଦଭାବକୁ ନିଷେଧ କରେ ଏବଂ ସାର୍ବଜନୀନ ନିଯୁକ୍ତିରେ ସମାନ ସୁଯୋଗ ପ୍ରଦାନ କରେ। ଏହା ନିଶ୍ଚିତ ଭାବରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ସେମାନଙ୍କର ଅନ୍ୟ ନାଗରିକଙ୍କ ପରି ସମାନ ଆଇନଗତ ଅଧିକାର ଏବଂ ସୁରକ୍ଷାକୁ ନିଶ୍ଚିତ କରେ। ସମାନତା କେବଳ ବ୍ୟକ୍ତିମାନଙ୍କ ପ୍ରତି ବ୍ୟବହାର ନୁହେଁ, ବରଂ ସମାଜରେ ପଦ୍ଧତିଗତ ଏବଂ ସଂରଚନିକ ପରିବର୍ତ୍ତନ ସହିତ ଜଡ଼ିତ। ସମାନତା ରୂପାନ୍ତର ପାଇଁ କେବଳ ପ୍ରତିବନ୍ଧକ ଦୂରୀକରଣ ନୁହେଁ, ବରଂ ପରିବର୍ତ୍ତନ ଆଣିବା ପାଇଁ ସକାରାତ୍ମକ ପଦକ୍ଷେପ ନେବା ଆବଶ୍ୟକ। ଏକ ନିରପେକ୍ଷ ଆଉ ନ୍ୟାୟପୂର୍ଣ୍ଣ ସମାଜ ଲିଙ୍ଗ, ସମାନତା, ଅନ୍ତର୍ଭୁକ୍ତି ଏବଂ ବିବିଧତାର ନୀତିଗୁଡ଼ିକର ପ୍ରୟୋଗ ଏବଂ ପାଳନକୁ ସୁନିଶ୍ଚିତ କରିବା ଉଚିତ।

ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ଅନ୍ତର୍ଭୁକ୍ତି ଏବଂ ସୁଗମ କର୍ମକ୍ଷେତ୍ର ସୃଷ୍ଟି କରିବା କେବଳ ଆଇନଗତ ମାନଦଣ୍ଡ ପାଳନ କରିବା ଅପେକ୍ଷା ଅଧିକ। ଏଥିରେ ବିବିଧତାକୁ ଗ୍ରହଣ କରିବା, ସମ୍ବେଦନଶୀଳତାକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବା ଅନ୍ତର୍ଭୁକ୍ତ। ଏହାକୁ ହାସଲ କରିବା ପାଇଁ ବ୍ୟବହାରିକ ରଣନୀତି, ସହାନୁଭୂତିଶୀଳ ଯୋଗାଯୋଗ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନକୁ ମୂଲ୍ୟ ଦେଉଥିବା ଆଉ ସମ୍ମାନ ଦେଉଥିବା ଏକ ସମାଜର ଆବଶ୍ୟକ।

୨୦୧୬ରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଆଇନ ପ୍ରଣୟନ ହେବା ପରଠାରୁ ଭିନ୍ନକ୍ଷମତା ଅନ୍ତର୍ଭୁକ୍ତିକରଣ ପାଇଁ ଭାରତର ପ୍ରତିବଦ୍ଧତା ଏକ କଲ୍ୟାଣ-ଭିତ୍ତିକରୁ ଏକ ଅଧିକାର-ଭିତ୍ତିକ ଉଦାହରଣକୁ ସ୍ଥାନାନ୍ତରିତ ହୋଇଛି, ଯାହା ସ୍ୱୀକୃତିପ୍ରାପ୍ତ ଅକ୍ଷମତାକୁ ବୃଦ୍ଧି କରିବା ସହିତ ଅନ୍ତର୍ଭୁକ୍ତିମୂଳକ ଭିତ୍ତିଭୂମି, ଶିକ୍ଷା ଏବଂ ନିଯୁକ୍ତିକୁ ବାଧ୍ୟତାମୂଳକ କରିଛି। ତଥାପି ସୀମିତ ସମ୍ବଳ, କମ୍ ଜ୍ଞାନ ଏବଂ ଭିତ୍ତିଭୂମି ସୀମାବଦ୍ଧତା ଯୋଗୁଁ ବିଶେଷକରି ଗ୍ରାମାଞ୍ଚଳରେ କାର୍ଯ୍ୟାନ୍ୱୟନ ବ୍ୟବଧାନ ଜାରି ରହିଛି। ପ୍ରବେଶଯୋଗ୍ୟ ଭାରତ ଅଭିଯାନ ଏବଂ ସହାୟକ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ ଭଳି ପଦକ୍ଷେପ ବିକାଶକୁ ତ୍ୱରାନ୍ୱିତ କରିଛି, କିନ୍ତୁ ଏବେ ବି ପ୍ରବେଶଯୋଗ୍ୟତାରେ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି।

ସମଗ୍ର ଶିକ୍ଷା ଅଭିଯାନ ଏବଂ ସହାୟକ/ ଉପକରଣ କ୍ରୟ/ ଫିଟିଂ ପାଇଁ ଅକ୍ଷମ ବ୍ୟକ୍ତିମାନଙ୍କୁ ସହାୟତା ଭଳି କାର୍ଯ୍ୟକ୍ରମ ଦ୍ୱାରା ସମର୍ଥିତ ଅକ୍ଷମତା ଥିବା ଲୋକମାନଙ୍କ ପାଇଁ ଆର୍ଥିକ ଅଂଶଗ୍ରହଣକୁ ସକ୍ଷମ କରିବା ପାଇଁ ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ଏବଂ ଦକ୍ଷତା ବିକାଶ ଗୁରୁତ୍ୱପୂର୍ଣ୍ଣ। ତଥାପି ତଥ୍ୟ ବ୍ୟବଧାନ, ଅଣତାଲିମପ୍ରାପ୍ତ କର୍ମଚାରୀ ଏବଂ ସ୍ୱଳ୍ପ ଡିଜିଟାଲ୍ ପ୍ରବେଶଯୋଗ୍ୟତା ଦୀର୍ଘକାଳୀନ ଫଳାଫଳକୁ ବାଧା ଦେଉଛି। ଅନେକ ନିଆ ଯାଇଥିବା ପଦକ୍ଷେପ ପ୍ରତିଶ୍ରୁତିପୂର୍ଣ୍ଣ ଅଟେ, କିନ୍ତୁ ପ୍ରାୟତଃ ତାହା ପ୍ରକଳ୍ପ-ଭିତ୍ତିକ ହୋଇ ରହିଛି; ବ୍ୟବସ୍ଥା-ବ୍ୟାପି ନୁହେଁ, ଯାହା ଦୃଢ଼ ସାଂସ୍ଥାଗତିକୀକରଣ ଏବଂ ସ୍ଥାୟୀ ସମ୍ବଳର ଆବଶ୍ୟକତାକୁ ନିର୍ଦ୍ଦେଶ କରେ। ଭିନ୍ନକ୍ଷମ ଲୋକଙ୍କର ଆର୍ଥିକ ଅଂଶଗ୍ରହଣ, ଆୟ ସୁରକ୍ଷା ଏବଂ ସାମାଜିକ ସମନ୍ୱୟ ଦିଗରେ ସକାରାତ୍ମକ ଫଳାଫଳ ପ୍ରଦାନ କରିବା ପାଇଁ ଅର୍ଥନୀତିରେ ଭିନ୍ନକ୍ଷମମାନଙ୍କୁ କିପରି ଅନ୍ତର୍ଭୁକ୍ତ କରାଯିବ, ତାହା ବୁଝିବା ଆବଶ୍ୟକ। ଗବେଷଣା ସୂଚାଇଛି ଯେ ସୀମିତ ଡିଜିଟାଲ୍ ଚ୍ୟାନେଲ୍ ପ୍ରବେଶ, ଦୁର୍ବଳ ନିୟମ ଏବଂ ଆର୍ଥିକ ସାକ୍ଷରତାର ନିମ୍ନ ସ୍ତର ବିଶେଷ ବାଧକ ସାଜିଛନ୍ତି।

ଏକ ଅଧିକ ଅନ୍ତର୍ଭୁକ୍ତିମୂଳକ ବିଶ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ସାମାଜିକ କଳଙ୍କ ବିରୋଧରେ ଲଢ଼ିବା, ସୁଗମ ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏବଂ ସାମାଜିକ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା ସମେତ ଭିନ୍ନକ୍ଷମ ବ୍ୟକ୍ତିମାନେ ସମ୍ମୁଖୀନ ହେଉଥିବା ଦୃଶ୍ୟମାନ ଏବଂ ଅଦୃଶ୍ୟ ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରିବା ଅତ୍ୟନ୍ତ ଜରୁରୀ। କେବଳ ଶାରୀରିକ ଏବଂ ଭାବପ୍ରବଣ ଅନ୍ତର୍ଭୁକ୍ତି ନିଶ୍ଚିତ କରି ଆମେ ଏକ ସମାଜ ସୃଷ୍ଟି କରି ପାରିବା, ଯେଉଁଠାରେ ଭିନ୍ନକ୍ଷମ ବ୍ୟକ୍ତିମାନେ ସମ୍ମାନ, ମର୍ଯ୍ୟାଦା, ସମାନତା, ସ୍ୱାଧୀନତା, ସ୍ୱାୟତ୍ତତା ଏବଂ ପୂର୍ଣ୍ଣ ଅଂଶଗ୍ରହଣ ସହିତ ବଞ୍ଚି ପାରିବେ। ସେମାନଙ୍କ ଅଧିକାରକୁ ପ୍ରଭାବଶାଳୀ ଭାବରେ ସମର୍ଥନ କରିବାକୁ ନିଶ୍ଚିତ କରିବା ପାଇଁ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧାକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଭିନ୍ନକ୍ଷମ ବ୍ୟକ୍ତିଙ୍କର ସଶକ୍ତିକରଣ, ଅନ୍ତର୍ଭୁକ୍ତିକରଣ ଓ ସମାନତା ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ, ଯାହାକି ସମ୍ବିଧାନ ପ୍ରଦତ୍ତ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଅଧିକାର ସହିତ ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ଅଧିକାର ପ୍ରତି ସମ୍ମାନ ଏବଂ ପ୍ରତିବଦ୍ଧତା ଜଣାଇବା ଆବଶ୍ୟକ। ଆଗାମୀ ଦିନରେ କିଏ ଯେ ଭିନ୍ନକ୍ଷମ ଗୋଷ୍ଠୀ ଅନ୍ତର୍ଭୁକ୍ତ ନହେବ, ତାହା କେହି କହି ପାରିବେ ନାହିଁ। ସମସ୍ତଙ୍କୁ ନେଇ ହିଁ ସମାଜ ଆଗେଇ ପାରିବ; ୧୫ ପ୍ରତିଶତ ବ୍ୟକ୍ତିଙ୍କୁ ଅଣଦେଖା, ଅବହେଳା ବା ଅବଜ୍ଞା କରି କେବେହେଲେ ନୁହେଁ। ଏକ ସ୍ପନ୍ଦନଶୀଳ ଭାରତର ସ୍ୱପ୍ନ ହାସଲ କରିବା ପାଇଁ କେବଳ ଭଲ ଆଇନ ନୁହେଁ; ଏହା କାର୍ଯ୍ୟ ଏବଂ ବାସ୍ତବ ଉଦ୍ଦେଶ୍ୟର ଭାବନା ଆବଶ୍ୟକ କରେ। ଭାରତୀୟ ସମ୍ବିଧାନ ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ନୀତିଗୁଡ଼ିକୁ ପ୍ରତିପାଦନ କରେ, ଯାହା ଏକ ନ୍ୟାୟପୂର୍ଣ୍ଣ ଏବଂ ସମାବେଶୀ ସମାଜ ଗଠନ ପାଇଁ ଅତ୍ୟାବଶ୍ୟକ।

ସମ୍ବିଧାନ ଆଇନ ସମ୍ମୁଖରେ ସମାନତା ସୁନିଶ୍ଚିତ କରେ ଏବଂ ଧର୍ମ, ଜାତି, ଲିଙ୍ଗ କିମ୍ବା ଜନ୍ମସ୍ଥାନ ଉପରେ ଆଧାରିତ ଭେଦଭାବକୁ ନିଷେଧ କରେ; ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରେ ଏବଂ ଅସମାନତାକୁ ଦୂର କରେ। ଏହି ଆଦର୍ଶଗୁଡ଼ିକ ମାନବ ମର୍ଯ୍ୟାଦା ବଜାୟ ରଖିବା ଏବଂ ଏକ ସମାଜକୁ ପ୍ରୋତ୍ସାହିତ କରିବା ପାଇଁ ରାଷ୍ଟ୍ରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯେଉଁଠାରେ ସମସ୍ତ ବ୍ୟକ୍ତିଙ୍କୁ ସମ୍ମାନ କରାଯାଏ ଏବଂ ଅଭିବୃଦ୍ଧି ଓ ପରିପୂର୍ଣ୍ଣତା ପାଇଁ ସମାନ ସୁଯୋଗ ପ୍ରଦାନ କରାଯାଏ। ସମାବେଶୀ ସମାଜଗୁଡ଼ିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ପ୍ରତିଭା, ନବସୃଜନ ଏବଂ ନେତୃତ୍ୱରୁ ଉପକୃତ ହୁଅନ୍ତି। ସୁଗମ ଭିତ୍ତିଭୂମି, ସହାୟତା ସେବା ଏବଂ ଅକ୍ଷମତା ଅନ୍ତର୍ଭୁକ୍ତି ନୀତିଗୁଡ଼ିକରେ ବିନିଯୋଗ ଏକ ନୈତିକ ଦାୟିତ୍ୱ ଏବଂ ଏକ ବୁଦ୍ଧିମାନ ବିକାଶ ପଦ୍ଧତି।

ଆଜିର ପ୍ରସଙ୍ଗରେ ଭବିଷ୍ୟତ ପାଇଁ ଆହ୍ୱାନ ହେଉଛି ଦେଶର ତଥା ପୃଥିବୀର ପ୍ରଗତି ପାଇଁ ଭିନ୍ନକ୍ଷମତା ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା ଓ ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରତ୍ୟେକ ଦିନ ଅନୁଷ୍ଠାନ, ସମ୍ପ୍ରଦାୟ, ଏବଂ ସରକାରର ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକ୍ରିୟାରେ ଅଂଶଗ୍ରହଣ, ଅବଦାନ ଏବଂ ଉନ୍ନତି କରିବାର ସୁଯୋଗ ମାଧ୍ୟମରେ ସାମାଜିକ, ଅର୍ଥନୀତିକ ତଥା ରାଜନୈତିକ ନ୍ୟାୟ ଦେବାରେ ଆମେ ସଫଳ ହୋଇ ପାରିବା।■

ମୋ: ୯୪୩୭୦୦୧୯୭୯

# ଏସ୍‌ଆଇଆର୍ ଓ ଇସି

ବିହାର ପରେ ବର୍ତ୍ତମାନ ଦେଶର ନଅ ଗୋଟି ରାଜ୍ୟ ଏବଂ ତିନି ଗୋଟି କେନ୍ଦ୍ରଶାସିତ ଅଞ୍ଚଳରେ ଚାଲୁ ରହିଛି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)। ନିକଟରେ ଏହିସବୁ ଅଞ୍ଚଳରେ ଉପରୋକ୍ତ କାର୍ଯ୍ୟ ଶେଷ କରିବାର ଅବଧିକୁ ଆଉ ଏକ ସପ୍ତାହ ପର୍ଯ୍ୟନ୍ତ ବଢ଼ାଇବାକୁ ନିର୍ବାଚନ କମିଶନ (ଇସି) ନିଷ୍ପତ୍ତି ନେଇଛନ୍ତି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ- ଏଇ ଦୃଷ୍ଟିରୁ ଯେ ଏହି କାର୍ଯ୍ୟ ସମ୍ପର୍କରେ ହିତାଧିକାରୀମାନେ ଯେଉଁ ଦାବିଗୁଡ଼ିକ ଉଠାଇଛନ୍ତି, ସେଥି ପ୍ରତି ଇସି ଶେଷରେ କିଛିଟା ସମ୍ବେଦନଶୀଳତା ପ୍ରଦର୍ଶନ କରିଛନ୍ତି। ରିପୋର୍ଟଗୁଡ଼ିକ ମୁତାବକ, କମିଶନ 'ସମ୍ପୂର୍ଣ୍ଣ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଏବଂ ବୁଥ୍‌ସ୍ତରୀୟ ଏଜେଣ୍ଟ୍ (ବିଏଲ୍‌ଏ)ମାନଙ୍କ ଦ୍ୱାରା ଚିଠା ତାଲିକାଗୁଡ଼ିକ ପ୍ରସ୍ତୁତ ହେବା ପୂର୍ବରୁ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଏବଂ ନକଲି ଭୋଟରମାନଙ୍କ ସମ୍ପର୍କରେ ବିସ୍ତୃତ ବିବରଣୀ ଆବଣ୍ଟିତ କରିବା ଉଦ୍ଦେଶ୍ୟରେ' ସେମାନଙ୍କୁ ଅଧିକ ଗୋଟିଏ ସପ୍ତାହର ସମୟ ପ୍ରଦାନ କରିଛନ୍ତି। ସଂକ୍ଷେପରେ କହିଲେ, ବିଏଲ୍‌ଓମାନେ ସେମାନଙ୍କ ପାଇଁ ଧାର୍ଯ୍ୟ କରା ଯାଇଥିବା ସମୟ ସୀମାରେ ଏକ ସପ୍ତାହର ବୃଦ୍ଧି ପାଇଛନ୍ତି। ଅଦ୍ୟାବଧି ଏହି କାର୍ଯ୍ୟର ପରିସମାପ୍ତି ନିମନ୍ତେ ଏକ କୋହଳ ସମୟ ସୀମା ପ୍ରଦାନ କରିବା କ୍ଷେତ୍ରରେ ବିଭିନ୍ନ ପ୍ରକାର ହିତାଧିକାରୀଙ୍କ ଦ୍ୱାରା କରାଯାଇଥିବା ଦାବି ପ୍ରତି ନିର୍ବାଚନ କମିଶନ ଅତ୍ୟଧିକ ପରିମାଣରେ ଉଦାସୀନ ରହି ଆସିଛନ୍ତି। ଭୋଟର ତାଲିକା ହେଉଛି ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ଏକ ମୂଳଭିତ୍ତି, ଯାହାକି ଏକ କାର୍ଯ୍ୟକାରୀ ଗଣତନ୍ତ୍ରର ଅତ୍ୟାବଶ୍ୟକ ଉପାଦାନ। ନିର୍ବାଚନଗୁଡ଼ିକ ନିଷ୍ପକ୍ଷ ଏବଂ ଅବାଧ ହେବା ପାଇଁ ସମ୍ବିଧାନ ନିର୍ବାଚନ କମିଶନଙ୍କ ଉପରେ କ୍ଷମତା ଏବଂ ଦାୟିତ୍ୱ ଅର୍ପଣ କରି ଏହାଙ୍କୁ ସଶକ୍ତ କରିଛି। ନିଜର ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ପାଇଁ ନିର୍ବାଚନ କମିଶନ ସେହିସବୁ କ୍ଷମତାକୁ ଉପଯୋଗ କରିବା ସହିତ ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ଅଂଶ ଭାବରେ କେବଳ ଯୋଗ୍ୟ ଭୋଟରମାନେ ହିଁ ସେମାନଙ୍କ ମତଦାନ କରିବାର ସୁଯୋଗ ଲାଭ କରିଛନ୍ତି, ତାହା ସୁନିଶ୍ଚିତ କରିବା ତାଙ୍କ ଉପରେ ନିର୍ଭର କରେ।

ନିର୍ବାଚନ କମିଶନ ଏହି କାର୍ଯ୍ୟକୁ ପରୀକ୍ଷାମୂଳକ ଭାବରେ ବିହାରରେ ସେଠାକାର ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବା ପୂର୍ବରୁ ସମାପନ କରି ସାରିଛନ୍ତି, ଯେଉଁ କ୍ଷେତ୍ରରେ କଠୋର ସମୟ ସୀମା ଏବଂ ଅସମ୍ଭବ ସର୍ତ୍ତାବଳୀଗୁଡ଼ିକ ଯୋଗୁଁ ଏହା ବିରୋଧୀମାନଙ୍କ ରୋଷକୁ ଆକର୍ଷିତ କରିଥିଲେ। ସେତେବେଳେ ନିର୍ବାଚନ କମିଶନଙ୍କୁ ଏହି ରୋଷର କାରଣଗୁଡ଼ିକ ଦର୍ଶାଇବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କୁ ନିର୍ଣ୍ଣାୟକ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଭୋଟର ତାଲିକାରେ ନିଜର ନାମକୁ ବଜାୟ ରଖିବା ପାଇଁ ଜଣେ ଯୋଗ୍ୟ ଭୋଟର ନିଜର ଆଧାର କାର୍ଡକୁ ମଧ୍ୟ ଏକ ଦସ୍ତାବିଜ ଭାବରେ ଉପସ୍ଥାପନ କରି ପାରିବେ ବୋଲି କୋର୍ଟଙ୍କ ଦ୍ୱାରା ପ୍ରଦତ୍ତ ଆଦେଶକୁ ଏହା ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଏହା ମଧ୍ୟ ତାଲିକାରୁ କଟା ଯାଇଥିବା ନାମଗୁଡ଼ିକୁ ପ୍ରକାଶ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଦିଆ ଯାଇଥିବା ଆଦେଶକୁ ପାଳନ କରିବା ପାଇଁ ରାଜି ହୋଇଥିଲେ। କୋର୍ଟଙ୍କର ଏହି ହସ୍ତକ୍ଷେପ ସମ୍ପୃକ୍ତ କାର୍ଯ୍ୟର ଏକ ମୌଳିକ ପରିସରକୁ ସ୍ୱୀକାର କରିନେବା ପାଇଁ ଇସି ଅଗ୍ରାହ୍ୟ କରିବାରୁ ବାଧ୍ୟ ହୋଇ କରାଯାଇଥିଲା ଯେ ଏହା ଏକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟ ଏବଂ ବହିଷ୍କରଣ କାର୍ଯ୍ୟ ନୁହେଁ। ଯେ କୌଣସି କାରଣରୁ ହେଉ ନା କାହିଁକି, ଯଦି ସିଦ୍ଧାନ୍ତମୂଳକ ତାଲିକାରେ ଜଣେ ଯୋଗ୍ୟ ଭୋଟରଙ୍କ ନାମ ସ୍ଥାନିତ ନହୁଏ, ତା'ହେଲେ ତାହା ଏକ ଅକ୍ଷମଣୀୟ ଅନ୍ୟାୟ ବୋଲି କୁହାଯିବ। ସାମ୍ପ୍ରତିକ ସମୟରେ ଇସି ଯେଉଁ ଭଳି ତରବରିଆ ଭାବରେ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ଯାଇ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ଉପରେ ଏତେ ହେୟ ମନୋଭାବ ପ୍ରଦର୍ଶନ କରୁଛନ୍ତି, ତାହା ଅତୀତରେ କେବେହେଲେ ହୋଇନାହିଁ। ଏକ ସମ୍ପ୍ରସାରିତ ସମୟ ସୀମା ନିମନ୍ତେ ଅନେକ ସଂଖ୍ୟକ ରାଜ୍ୟ ବେଶ୍ କେତେକ ଗ୍ରହଣୀୟ କାରଣମାନ ଦର୍ଶାଇ ଥିଲେ। ଏହାର ଏକ ଉଦାହରଣ ଭାବରେ ନିଆଯାଇପାରେ କେରଳକୁ, ଯେଉଁଠି ଡିସେମ୍ବର ୯ ଓ ୧୧ ତାରିଖରେ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ଯେତେବେଳେ କି ଏସ୍‌ଆଇଆର୍ କାର୍ଯ୍ୟ ଡିସେମ୍ବର ୪ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ବାଚନ କାମରେ ଯେଉଁ ବ୍ୟକ୍ତିମାନେ ସମ୍ପୃକ୍ତ ରହିବେ, ସେଇମାନେ ହିଁ ନିର୍ବାଚନ ପରବର୍ତ୍ତୀ ସମୟରେ ବିଏଲ୍‌ଏ ଭାବରେ କାର୍ଯ୍ୟ କରିବେ। ତେଣୁ ଏଭଳି ମିଶ୍ରଣ ଅବଶ୍ୟ ସମଗ୍ର ପ୍ରକ୍ରିୟାକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିବାର ସମ୍ଭାବନା ବହନ କରେ।

ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାର ଅତି କମ୍ ସମୟ ସୀମା କାର୍ଯ୍ୟ ଚାଲୁ ରହିଥିବା ଅନେକ ରାଜ୍ୟରେ ବିଏଲ୍‌ଓମାନଙ୍କ ପାଇଁ ଘୋର ମୁଣ୍ଡବିନ୍ଧାର କାରଣ ପାଲଟିଛି, ସେମାନଙ୍କ ମଧ୍ୟରୁ ବେଶ୍ କିଛି ସଂଖ୍ୟକ ଉପର ସ୍ତରରୁ ପଡୁଥିବା ଅସହ୍ୟ ଚାପ ବିରୋଧରେ ଅଭିଯୋଗ କରିଛନ୍ତି। କେତେକ ରାଜ୍ୟରୁ ଏହି କାର୍ଯ୍ୟର ଚାପ ଯୋଗୁଁ ବିଏଲ୍‌ଓମାନେ ଆତ୍ମହତ୍ୟା କରିବାର ଖବର ମଧ୍ୟ ମିଳିଛି। ତେବେ ଇସି ଏହିସବୁ ଘଟଣାଗୁଡ଼ିକ ପ୍ରତି ଉଦାସୀନ ରହି ଯେ ପର୍ଯ୍ୟନ୍ତ ମୁଖ୍ୟ ନିର୍ବାଚନ ଅଧିକାରୀମାନେ ତୃଣମୂଳ ସ୍ତରର ବାସ୍ତବତାକୁ ସମ୍ମୁଖକୁ ନ ଆଣିଛନ୍ତି, ସେ ପର୍ଯ୍ୟନ୍ତ ଉପରୋକ୍ତ ପ୍ରକ୍ରିୟାକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତ ଆଜି ପର୍ଯ୍ୟନ୍ତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଅଗ୍ରସର କରିବା ପଛରେ ଯେଉଁ ବ୍ୟକ୍ତିମାନଙ୍କର ହାତ ରହିଛି ତଥା ସେଥିପାଇଁ ଯେଉଁମାନେ ପ୍ରଶଂସାର ହକ୍‌ଦାର, ସେମାନେ ହେଉଛନ୍ତି ତଳ ସ୍ତରରୁ ଲୋକମାନଙ୍କର ଦାବିକୁ ସମ୍ମୁଖ ଭାଗକୁ ଆଣୁଥିବା ଶାସନ କଳର ପରିଚାଳନାକାରୀ ବ୍ୟକ୍ତିବୃନ୍ଦ। ନିର୍ବାଚନ କମିଶନ କିନ୍ତୁ ନିଜ ପାଇଁ ଧାର୍ଯ୍ୟ କରିଥିବା ସମୟ ସୀମାକୁ ପୂରଣ କରିବାକୁ ଯାଇ ସେହି ପରମ୍ପରାକୁ ଭଙ୍ଗ କରୁଛନ୍ତି, ଯାହାର କାରଣଗୁଡ଼ିକୁ କେବଳ ସେହି ହିଁ ବର୍ଣ୍ଣନା କରି ପାରିବେ। ତେବେ ବର୍ତ୍ତମାନ ହେଉ କି ସବୁ ବେଳ ପାଇଁ ନିର୍ବାଚନ କମିଶନ ଯଦି ତୃଣମୂଳ ସ୍ତରର ଲୋକମାନଙ୍କ ସ୍ୱରକୁ ଶୁଣନ୍ତି, ତା'ହେଲେ ତାହା ଗଣତନ୍ତ୍ର ପାଇଁ ଅଧିକ ମଙ୍ଗଳକାରକ ହେବ।■

# ରମାଦେବୀ: ଓଡ଼ିଶାର ମହିଳା ଜାଗରଣର ପ୍ରଥମ ପ୍ରେରଣା



ତପନ ବିହାରୀ ଭଞ୍ଜ

ଭାରତର ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ ଓ ସୁଭାଷ ବୋଷଙ୍କ ନାମ ଉଜ୍ଜ୍ୱଳତାରେ ଯେପରି ଜାଜ୍ଜ୍ୱଲ୍ୟମାନ, ଓଡ଼ିଶାର ଇତିହାସରେ ଦୀପ୍ତିମାନ ସଂଗ୍ରାମୀ ସେନାନୀଙ୍କ ମଧ୍ୟରେ ରମା ଦେବୀ ହେଉଛନ୍ତି ଏକ ଉଜ୍ଜ୍ୱଳ ଆଲୋକ ବର୍ତ୍ତିକା। ମହିଳା ଜାଗରଣ ଓ ସଶକ୍ତିକରଣର ମାର୍ଗକୁ ସେ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ଓଡ଼ିଶାରେ ସାମୂହିକ ଜନ ଜାଗରଣ, ସଚେତନତା ଓ ସେବାର ଆଦର୍ଶକୁ ସେ ଶକ୍ତି ପ୍ରଦାନ କରିଥିଲେ। ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଇତିହାସରେ ରମାଦେବୀ ନାମ ଉଚ୍ଚାରଣ କଲେ, ତାହା ସ୍ୱତଃ ପ୍ରେରଣାର ଦୃଢ଼ ସ୍ପନ୍ଦନ ଓ ନିରନ୍ତର ନିରବ ସୃଜନଶୀଳ ବିଦ୍ରୋହର ଭାବ ବ୍ୟକ୍ତ କରେ।

ଶାନ୍ତ ସ୍ୱଭାବରେ ଦୃଢ଼ ମନୋବଳ: ରମାଦେବୀ ଥିଲେ ସାଧାରଣ ଘରୋଇ ପରିବେଶରେ ଗଢ଼ା ଯାଇଥିବା ଜଣେ ନାରୀ। କିନ୍ତୁ ସେଇ ସାଧାରଣତା ମଧ୍ୟରେ ଲୁଚିଥିଲା ଅସାଧାରଣ ଦୃଢ଼ତା। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ଘରର ଚୌକାଠ ଅତିକ୍ରମ କରି ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ଯେଉଁ ସମୟର ଓଡ଼ିଆ ସମାଜରେ ମହିଳାମାନଙ୍କର ବାହାରକୁ ଯାତାୟାତ ମଧ୍ୟ ପ୍ରତିବନ୍ଧିତ ଥିଲା, ସେହି ସମୟରେ ରାଜନୀତିକ ଆନ୍ଦୋଳନରେ ଜଣେ ନାରୀର ଯୋଗଦାନ ଥିଲା ଆଶ୍ଚର୍ଯ୍ୟକର। କିନ୍ତୁ ରମାଦେବୀଙ୍କ ନିର୍ଭୀକ ଇଚ୍ଛାଶକ୍ତି ଏହି ସମସ୍ତ ବାଧାକୁ ପ୍ରତିହତ କରି ଆଗକୁ ବଢ଼ି ଚାଲିଲା। ଜନ୍ମରୁ ଶାନ୍ତ, ସହଜ ସ୍ୱଭାବର ଏହି ନାରୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ସଙ୍ଗରେ ପଦଯାତ୍ରା କରିବା ପର୍ଯ୍ୟନ୍ତ ଦୃଢ଼ତା ଏବଂ ସାହସର ନୂତନ ଅର୍ଥ ଲେଖିଥିଲେ। ବ୍ରିଟିଶ ଶାସକଙ୍କ ନିର୍ଦ୍ଦୟ ଦମନକୁ ଭ୍ରୂକ୍ଷେପ ନ କରି ସେ ମହିଳାମାନଙ୍କୁ ବାହାରକୁ ଆସି ସମାଜ ଓ ଦେଶ ପାଇଁ ଜୀବନ ଉତ୍ସର୍ଗ କରିବାକୁ ପ୍ରେରିତ କରିଥିଲେ।

ସ୍ୱାଧୀନତା ସଂଗ୍ରାମରେ ଯାତ୍ରାପଥ: ସତ୍ୟାଗ୍ରହ, ଖଦି ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ପର୍ଯ୍ୟନ୍ତ- ରମାଦେବୀଙ୍କ ଅବଦାନ ଅତୁଳନୀୟ। ବ୍ରିଟିଶ ଶାସକଙ୍କ ନିର୍ଦ୍ଦୟ ଦମନରେ ଭୟଭୀତ ନହୋଇ ସେ ଅଗ୍ରଣୀ ହୋଇ ଓଡ଼ିଶାର ମହିଳାଙ୍କୁ ସଚେତନ କରି ସତ୍ୟାଗ୍ରହର ରାସ୍ତାକୁ ଆଣିଥିଲେ। ଅସ୍ତ୍ର ବିହୀନ ଏକ ସୂକ୍ଷ୍ମ ଶକ୍ତି ଦ୍ୱାରା କିପରି ଦେଶକୁ ଚାଳିତ କରାଯାଇପାରେ, ରମାଦେବୀ ତାହାର ଜୀବନ୍ତ ଦୃଷ୍ଟାନ୍ତ। କେବଳ ରାଜନୀତିକ ଆନ୍ଦୋଳନରେ ନୁହେଁ, ମହିଳା ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାବଲମ୍ବନତା କ୍ଷେତ୍ରରେ ତାଙ୍କର ପ୍ରେରଣା ଓଡ଼ିଶାର ମହିଳାଙ୍କ ସ୍ୱାଭିମାନକୁ ନୂତନ ଦିଗ ଦେଇଛି। ସେ ସଂସ୍ଥାପିତ କରିଥିବା 'ଅନାଥ ଆଶ୍ରମ', 'ସେବାଗ୍ରାମ' ପରବର୍ତ୍ତୀ ପିଢ଼ି ପାଇଁ ସେବା, ସ୍ନେହ ଓ ଶୁଶ୍ରୁଷାର ଅନନ୍ୟ ଅନୁଷ୍ଠାନ ପାଲଟିଛି।

ମହିଳା ସଶକ୍ତିକରଣର ପଥ ପ୍ରଦର୍ଶିକା: ଓଡ଼ିଶାର ମହିଳାମାନେ ଯେତେବେଳେ ଘରର ଚୌକାଠକୁ ଅତିକ୍ରମ କରି ସମାଜ ଓ ଦେଶ ପାଇଁ କାର୍ଯ୍ୟ କରିବାକୁ ଆରମ୍ଭ କଲେ, ସେହି ପରିବର୍ତ୍ତନର ପଛରେ ଥିଲା ରମା ଦେବୀଙ୍କ ଦୀର୍ଘମିଆଦି ପ୍ରୟାସ। ସେ ବୁଝିଥିଲେ- ମହିଳାଙ୍କୁ ଶକ୍ତିଶାଳୀ କରିବା ମାନେ କେବଳ ଶିକ୍ଷାରେ ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, ନୈତିକ ମୂଲ୍ୟବୋଧ, ଆର୍ଥିକ ସ୍ୱାବଲମ୍ବନଶୀଳତା- ସବୁ କ୍ଷେତ୍ରରେ ମହିଳାମାନଙ୍କର ଅଗ୍ରଗତି ହେବା ଆବଶ୍ୟକ। ସେ ଗଢ଼ିଥିବା 'ସେବାଗ୍ରାମ' ଓ 'ଅନାଥ ଆଶ୍ରମ' ଓଡ଼ିଶାର ସାମାଜିକ ପରିବର୍ତ୍ତନର ନୂତନ ପାଠଶାଳା ହୋଇ ଯାଇଥିଲା। ଅନେକ ଅନାଥ, ଦୁର୍ବଳ ଓ ଅବହେଳିତ ଶିଶୁ ମାତୃ ଶକ୍ତିର ସ୍ପର୍ଶରେ ନୂତନ ଜୀବନ ପାଇଲେ। ରମାଦେବୀଙ୍କ ପ୍ରେରଣାରେ ଶିଖିଥିବା ଅନେକ ଯୁବତୀ ପରେ ପରେ ଗାଁ ଗାଁ ଯାଇ ଶିକ୍ଷା, ସ୍ୱାସ୍ଥ୍ୟ ସଚେତନତା, ଖଦି ବ୍ୟବହାର ଓ ସ୍ୱାବଲମ୍ବନର ପଥକୁ ପ୍ରଚାର କରୁଥିଲେ। ସେ 'ଉତ୍କଳ ନାରୀସଭା' ଗଠନ କରି ଗାଁର ଅନ୍ଧକାରକୁ ଶିକ୍ଷା ଓ ସଂସ୍କାରର ଆଲୋକରେ ଆଲୋକିତ କରିଥିଲେ।

ନିରାଶ୍ରୟଙ୍କ ଆଶ୍ରୟ-ରମାଦେବୀ: ରମା ଦେବୀଙ୍କ ସ୍ନେହ, ସହାନୁଭୂତି ଓ ସେବା ଗୁଣ ତାଙ୍କୁ କେବଳ ସଂଗ୍ରାମୀ ନୁହେଁ, ଏକ ଆଦର୍ଶ ମାତାର ରୂପ ଦେଇଥିଲା। ତାଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଦୁଃଖୀ ମଣିଷ ପାଇଁ ସେ ଥିଲେ ଆଶ୍ୱାସନା, ମାତୃସ୍ନେହ ଓ ନୂତନ ଆଶା। ଦଳିତ, ଅବହେଳିତ- ସମାଜର ସମସ୍ତ ଶ୍ରେଣୀ ମଧ୍ୟରେ ସେ ଏକ ସମାନ ସମ୍ମାନ ଓ ସ୍ନେହ ବଢ଼ାଇ ଥିଲେ। ରମା ଦେବୀଙ୍କ ପାଇଁ ସେବା କେବଳ ଦାୟିତ୍ୱ ନୁହେଁ; ଏହା ତାଙ୍କ ଦୈନନ୍ଦିନ ପୂଜା ଥିଲା।

ଆଦର୍ଶ ଓ ମୂଲ୍ୟବୋଧର ଆଲୋକ: ରମାଦେବୀ କେବଳ ଏକ ଆନ୍ଦୋଳନକାରୀ ନୁହନ୍ତି; ସେ ଥିଲେ ଜଣେ ଶିକ୍ଷିକା- ଜୀବନର ମୂଲ୍ୟବୋଧ ଶିଖାଇ ଥିବା ଜଣେ ପଥପ୍ରଦର୍ଶିକା। ସତ୍ୟ, ଅହିଂସା, ସରଳତା, ସହାନୁଭୂତି- ଏହିସବୁ ମୂଲ୍ୟବୋଧକୁ ସେ ନିଜ ଆଚରଣରେ



ଜନ୍ମବାର୍ଷିକୀ ଉପଲକ୍ଷେ

ପ୍ରତିପାଦନ କରିଥିଲେ। ତାଙ୍କ ଜୀବନରେ କୌଣସି ଅହଙ୍କାର ଭାବ, କୌଣସି ରାଜନୀତିର ଆଡ଼ମ୍ବର ନଥିଲା; ଥିଲା କେବଳ ସେବା ଓ ମାନବତାର ଆଦର୍ଶ।

ଓଡ଼ିଶାର ମହିଳା ଜାଗରଣର ପ୍ରଥମ ଅଗ୍ରଦୂତ: ଆଜି ଯେତେବେଳେ ଓଡ଼ିଶାର ମହିଳାମାନେ ଶିକ୍ଷା, ରାଜନୀତି, ପ୍ରଶାସନ, ବ୍ୟବସାୟ, ସାହିତ୍ୟ, କଳା ଓ ସମାଜ ସେବାରେ ଅଗ୍ରଗତି କରୁଛନ୍ତି, ସେହି ପଥର ମୂଳରେ ରମା ଦେବୀଙ୍କର ପ୍ରୟାସ ରହିଛି। ତାଙ୍କ ଜୀବନ ସୂଚାଇଛି ଯେ ନାରୀ କେବଳ ଘରର ରକ୍ଷାଦାତ୍ରୀ ନୁହେଁ; ସେ ଦେଶର ଆଗୁଆ, ସମାଜର ବିକଶିତ ଓ ମାନବତାର ଆଧାର।

ସେ ଲବଣ ସତ୍ୟାଗ୍ରହ, ବିଦ୍ୟାଳୟ ଗଠନ ଆନ୍ଦୋଳନ ଓ ଭାରତ ଛାଡ଼ ଆନ୍ଦୋଳନରେ ଅନେକ ଥର ଜେଲ୍ ଯାଇଥିଲେ। ରମା ଦେବୀଙ୍କ ଜୀବନ ଥିଲା ସେବା ଓ ତ୍ୟାଗର ପ୍ରତୀକ। ସେ ଓଡ଼ିଶାର ନାରୀମାନଙ୍କ ମଧ୍ୟରେ ସ୍ୱାଭିମାନ, ଶିକ୍ଷା ଓ ସାହସର ଜାଗ୍ରତ ପ୍ରହରୀ ଥିଲେ। ତାଙ୍କ ପ୍ରେରଣାରେ ଅନେକ ନାରୀ ସ୍ୱାଧୀନତା ଯୋଦ୍ଧା ହୋଇଥିଲେ। ରମା ଦେବୀଙ୍କ ଆତ୍ମାଲୋକ ହେଉଛି ଓଡ଼ିଶାର ମହିଳା ଜାଗରଣର ପ୍ରଥମପ୍ର ଦୀପ- ଯେଉଁ ଆଲୋକ ଆଜି ପର୍ଯ୍ୟନ୍ତ ନିର୍ମଳ ଭାବେ ପ୍ରଜ୍ୱଳିତ। ସେ କେବଳ ଗତକାଲିର ନାୟିକା ନୁହନ୍ତି; ସେ ଆଜିର ଓ ଆଗାମୀ ପିଢ଼ିର ପ୍ରେରଣା। ସେ ଦେଇଥିବା ଆଦର୍ଶ ଓ ମୂଲ୍ୟବୋଧ ଆଗାମୀ ଦିନର ଓଡ଼ିଆ ମହିଳାଙ୍କୁ ଅଧିକ ସଶକ୍ତ, ସଚେତନ ଓ ସମର୍ଥ ମାନବୀ ଭାବରେ ଗଢ଼ିବ।

ତେଣୁ ରମାଦେବୀଙ୍କ ସ୍ମୃତି କେବଳ ଇତିହାସ ନୁହେଁ, ଏହା ଗୋଟିଏ ଆଲୋକମୟ ଚେତନା, ଯାହା ଓଡ଼ିଶାର ନାରୀ ଶକ୍ତିକୁ ଦିଗ ନିର୍ଦ୍ଦେଶ କରାଉଛି। ତାଙ୍କ ଜୀବନ ଆମକୁ ବୁଝାଇ ଥାଏ- ଯଦି ଇଚ୍ଛା, ଦୟା ଓ ସେବାର ଭାବନା ଜୀବନର ପଥକୁ ଆଲୋକିତ କରେ, ତେବେ ଆମେ ନିଜକୁ ଏବଂ ସମାଜକୁ ବଦଳାଇ ପାରିବା।

ସେହିପରି ରମା ଦେବୀ ଥିଲେ ଓଡ଼ିଶାରେ ନାରୀ ଜାଗରଣର ପ୍ରଥମ ପ୍ରଦୀପ। ଏବେ ମଧ୍ୟ ସେ ଏହି କ୍ଷେତ୍ରରେ ଏକ ଅନନ୍ତ ଆଲୋକମୟ ପଥପ୍ରଦର୍ଶିକା ଭାବେ ରହିଛନ୍ତି। ସେ ନାରୀଙ୍କୁ କେବଳ ଘରର ଦାୟିତ୍ୱରେ ନୁହେଁ, ଜାତି ଗଠନର ଅଭିନ୍ନ ଅଂଶ ଭାବେ ଦେଖିଥିଲେ। ରମାଦେବୀଙ୍କ ଜୀବନ ହେଉଛି ନାରୀ ଜାଗରଣ, ସେବା ଓ ଜାତୀୟତାବୋଧର ଜୀବନ୍ତ ପ୍ରତୀକ। ସେ ଏକ ସତ୍ୟ 'ମା', ଯିଏକି ଓଡ଼ିଶାକୁ ନୈତିକ ଶିକ୍ଷା, ସେବା ଓ ସାହସ ଦିଗରେ ଆଗେଇ ନେଇଥିଲେ। ତାଙ୍କ ସଂଘର୍ଷ ଓ ସଂସ୍କାର ଆଜି ମଧ୍ୟ ଓଡ଼ିଆ ନାରୀମାନଙ୍କ ହୃଦୟରେ ପ୍ରେରଣା ଜଗାଇ ଚାଲିଛି।

ତାଙ୍କ ସ୍ମୃତିରେ ସ୍ଥାପିତ 'ରମା ଦେବୀ ମହିଳା ମହାବିଦ୍ୟାଳୟ' (ବର୍ତ୍ତମାନ ରମାଦେବୀ ବିଶ୍ୱବିଦ୍ୟାଳୟ) ଓଡ଼ିଶାର ନାରୀ ଶିକ୍ଷା ଓ ସଶକ୍ତିକରଣର ପ୍ରତୀକ ହୋଇ ରହିଛି। ରମାଦେବୀ ଆମକୁ ଶିଖାଇଛନ୍ତି, 'ସେବା ହିଁ ଜୀବନର ଧର୍ମ।'■

ସମ୍ପାଦକ, ଜାତୀୟ ଚେତନା
ଭୁବନେଶ୍ୱର, ମୋ: ୯୪୩୯୮୬୩୮୪୨

# ସାଧକ ଓ ସିଦ୍ଧ

ସାଧନା ପଥରେ ପାଦ ଥାପିଥିବା ମଣିଷକୁ ସାଧକ କୁହାଯାଏ। ସାଧକ ସାଧନାର ପଥକୁ ଅତିକ୍ରମ କରିଗଲେ ସେ ସିଦ୍ଧ ହୋଇଯାଏ। ସାଧକ କଞ୍ଚା ମାଟିହାଣ୍ଡି ଭଳି। ସିଦ୍ଧ ପୋଡ଼ା ମାଟିହାଣ୍ଡି। କାମିନୀ- କାଞ୍ଚନ ପାଣି ସଦୃଶ। କଞ୍ଚା ହାଣ୍ଡିରେ ପାଣି ରଖିଲେ ହାଣ୍ଡି ଭିଜିଯିବ। କାଦୁଅ ଅବସ୍ଥାକୁ ଫେରି ଆସିବ। ପୋଡ଼ା ହାଣ୍ଡିରେ ପାଣି ରଖ କି ପାଣି ଗରମ କର, ତା'ର କିଛି ପରିବର୍ତ୍ତନ ହୁଏନା। ସାଧକଙ୍କୁ କାମିନୀ କାଞ୍ଚନ ଟଳେଇ ଦେଇପାରେ। ମାତ୍ର ସିଦ୍ଧଙ୍କୁ ପାରେନା। ବେଳେବେଳେ କିଛି ଲୋକ ସାଧନା ପଥରେ ଥାଇ ନିଜକୁ ସିଦ୍ଧ ମନେ କରନ୍ତି। କାମିନୀ, କାଞ୍ଚନ, ପଦ, ପ୍ରତିଷ୍ଠାରେ ମାତି ଯାଆନ୍ତି। ଆଧ୍ୟାତ୍ମିକତାକୁ ବୁଝି ନଥିବା ଲୋକେ ତାଙ୍କୁ ଗୁରୁ ଭାବି ପୂଜା କରନ୍ତି। ଫଳରେ ସାଧକଙ୍କର ଅଧଃପତନ ହୁଏ। କିନ୍ତୁ ସିଦ୍ଧମାନଙ୍କ କଥା ଅଲଗା। ତାଙ୍କ ଉପରେ କାମିନୀ, କାଞ୍ଚନ ପ୍ରଭାବ ବିସ୍ତାର କରି ପାରନ୍ତିନି। ଏ ନେଇ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଜୀବନୀରୁ ଘଟଣାଟିଏ।

ସେତେବେଳେ ରାମକୃଷ୍ଣ ପରମହଂସଙ୍କ ବୟସ ପାଖାପାଖି ଚବିଶ-ପଚିଶ ବର୍ଷ ହେବ। ଜଣେ ସିଦ୍ଧ ପୁରୁଷ ଭାବରେ ତାଙ୍କର ଖ୍ୟାତି ଚାରିଆଡ଼େ ବ୍ୟାପି ଯାଇଥିଲା। ସେତେବେଳେ ଶ୍ରୀ ଶ୍ରୀ ରାମକୃଷ୍ଣଙ୍କ ପାଖକୁ ଅନେକ ଝିଅ-ବୋହୂ ମଧ୍ୟ ଆସୁଥିଲେ। ସାଧକ ଏବଂ ସିଦ୍ଧମାନଙ୍କୁ ଦେବତାମାନେ ତ ପରୀକ୍ଷା କରନ୍ତି। ସାଧାରଣ ମଣିଷ ଛାଡ଼ିବ କାହିଁକି ? ସେ ବି ସନ୍ଦେହ ଆଖିରେ ଦେଖେ। ଆଉ ପରୀକ୍ଷା କରିବାକୁ ଆଗେଇ ଆସେ। ଦିନକର କଥା। ମାଥୁରବାବୁ (ରାଣୀ ରାସମଣୀଙ୍କ ଜ୍ୱାଇଁ) ପରମହଂସଙ୍କୁ ଲକ୍ଷ୍ମୀ ବାଈଙ୍କ ଘରକୁ ନେଇଗଲେ। ସେ ସମୟରେ ଶ୍ରୀ ରାମକୃଷ୍ଣ ପରମହଂସ ପ୍ରାୟତଃ ଦେହଭାବ ଭୁଲି ସମାଧି ଅବସ୍ଥାରେ ରହୁଥିଲେ। ସମାଧିସ୍ଥ ଅବସ୍ଥାରେ ମଣିଷର ସ୍ଥୂଳ ଜଗତ ସହିତ କିଛି ସମ୍ପର୍କ ନଥାଏ। ସବୁଆଡ଼େ ସେ ଚିନ୍ମୟ ସତ୍ତାକୁ ଅନୁଭବ କରେ। ଶ୍ରୀ ଶ୍ରୀ ଠାକୁରଙ୍କର ବି ସେହି ଦଶା ଥିଲା। ଶ୍ରୀ ରାମକୃଷ୍ଣ କେବଳ ଚଦର ଖଣ୍ଡେ ଘୋଡ଼େଇ ହେଉଥିଲେ। ଅନେକ ସମୟ ଘର ଭିତରେ ଥାଆନ୍ତି। ଲକ୍ଷ୍ମୀ ବାଈ ନାମକ ଜଣେ ନାରୀ ପନ୍ଦର ଷୋହଳ ଜଣ ନଗ୍ନ ବାରାଙ୍ଗନାଙ୍କୁ ସେହି କୋଠରୀରେ ଛାଡ଼ିଦେଇ କବାଟ ବନ୍ଦ କରିଦେଲେ।

ଲୋକମାନେ ବାହାରେ ଅପେକ୍ଷା କରିଥିଲେ ପରିଣତି ବିଷୟରେ ଜାଣିବାକୁ। କିଛି ସମୟ ପରେ ବାରାଙ୍ଗନାମାନେ ଶ୍ରୀ ରାମକୃଷ୍ଣଙ୍କ ଚାରିପାଖରେ ଘେରିଗଲେ। ସେମାନଙ୍କୁ ମାଆ ମାଆ, ଜଗଦ୍ଧାତ୍ରୀ, ଆନନ୍ଦମୟୀ କହି କହି ଶ୍ରୀ ରାମକୃଷ୍ଣ ସମାଧି ଅବସ୍ଥା ପ୍ରାପ୍ତ ହେଲେ। ଦେହ ଜ୍ଞାନ ରହିଲାନି। ପଥର ମୂର୍ତ୍ତି ପରି ବସି ରହିଲେ। ବାରାଙ୍ଗନାମାନେ ନିଜ କୃତକର୍ମ ପାଇଁ ଭାବିଲେ ବାବାଜୀଙ୍କ ଅଭିଶାପ ପଡ଼ିବ। ସେମାନେ ମଧ୍ୟ ଭୟଭୀତ ହୋଇଗଲେ। ଶ୍ରୀ ଶ୍ରୀ ଠାକୁରଙ୍କର ସମାଧି ଭାଙ୍ଗିବା ପରେ ମାଥୁରବାବୁ ଆସି ତାଙ୍କ ପାଦ ତଳେ ଲମ୍ବ ହୋଇ ପଡ଼ିଗଲେ। ଯାହା ପାଖରେ କାମ ଓ ରାମ ଏକାକାର, ଶରୀର ଓ ପଥର ଏକା ଭଳି, ତାଙ୍କୁ ଟଳେଇବ କିଏ ? କଞ୍ଚା ହାଣ୍ଡି ଭାଙ୍ଗିଗଲେ କାଦୁଅ ହୋଇପାରେ, ମାତ୍ର ପୋଡ଼ା ହାଣ୍ଡି ଭାଙ୍ଗିଗଲେ ଖପରା ହୁଏ। ସେମିତି ସାଧକଙ୍କୁ ସିନା ଟଳେଇ ହୁଏ କିନ୍ତୁ ସିଦ୍ଧଙ୍କୁ ନୁହେଁ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

## ବିଦ୍ୟାଳୟରେ ମୀନାବଜାର

**ବୟାଳିଶମୌଜା,୨।୧୨/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଦଧିବାମନପୁର ସ୍ଥିତ ଲବକୁଶ ବିଦ୍ୟାମନ୍ଦିରରେ ମୀନାବଜାର ଅନୁଷ୍ଠିତ ହୋଇଯାଇଛି। ଏହି ମୀନାବଜାରରେ ମୁଖ୍ୟ ବିଚାରକ ଭାବରେ ବିଦ୍ୟା ବିକାଶ ସମିତିର ଉପ ସଭାପତି ଅଶୋକ କୁମାର ପଣ୍ଡା, ଏକ୍ଜିକ୍ୟୁଟିଭ୍ ମେମ୍ବର, ୪୨ମୌଜାର ବୟୋଜ୍ୟେଷ୍ଠ ସମାଜସେବୀ ଚନ୍ଦ୍ରମଣି ଦେବତା ଯୋଗଦେଇ କୁନି କୁନି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସଭାପତି ମଣିରାଜ ସାହୁ, ପ୍ରଧାନ ଆଚାର୍ଯ୍ୟା ଓ ସମସ୍ତ ଗୁରୁମା ସାହାଯ୍ୟ କରିଥିଲେ। ଉକ୍ତ ମୀନାବଜାରରେ ୩୨ଜଣ ପିଲା ୩୨ପ୍ରକାର ଖାଦ୍ୟ ସାମଗ୍ରୀ ଆଣି ବିକ୍ରି କରିଥିଲେ।



# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ସୁଭଦ୍ରା ଶକ୍ତି ମେଳା




**ପୁରୀ,କୋଣାର୍କ,୨।୧୨/ଏନ୍ଏନ୍ଏସ୍:** କୋଣାର୍କ ଚନ୍ଦ୍ରଭାଗା ଠାରେ ଗତକାଲି ଅର୍ଥାତ ଡିସେମ୍ବର ୧ ତାରିଖ ଠାରୁ ଆରମ୍ଭ ହୋଇଛି ସୁଭଦ୍ରା ଶକ୍ତି ମେଳା। ଏହି ମେଳା ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ପୁରୀ ଜିଲ୍ଲାର ସମସ୍ତ ବିଧାୟକ ମାନଙ୍କ ଉପସ୍ଥିତି ରେ ମେଳାର ଉଦଘାଟନ ହୋଇଥିଲା। ମେଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତ ରୁ ଆସିଥିବା ୧୫୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ ସହ ୫୦ରୁ ଉର୍ଦ୍ଧ୍ୱ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଷ୍ଟଲ ଲଗାଯାଇଛି। ଏଥିରେ ବିଭିନ୍ନ ଗୃହ ବ୍ୟବହାର ଉପଯୋଗୀ ସାମଗ୍ରୀ ସହ ଘର ସଜା ସାମଗ୍ରୀ ଫୁଡ ଷ୍ଟଲର ବ୍ୟବସ୍ଥା କରାଯାଇଛି। ଦର୍ଶକ, ପର୍ଯ୍ୟଟକମାନେ ମନ ପସନ୍ଦର ସାମଗ୍ରୀ କ୍ରୟ ସହ ଖାଦ୍ୟ ମେଳାର ଆନନ୍ଦ ନେଉଛନ୍ତି। ସମସ୍ତ ଷ୍ଟଲରେ ମନ ଲାଖି ଆକର୍ଷଣୀୟ ସାମଗ୍ରୀ ରହିଛି ବୋଲି କହିଛନ୍ତି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ। କେନ୍ଦୁଝରରୁ ଆସିଥିବା ପ୍ରଗତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସୁନ୍ଦରଗଡର ଦିବ୍ୟଜ୍ୟୋତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପୁରୀ ର ବିଶ୍ୱକର୍ମା ହ୍ୟାଣ୍ଡିକ୍ରାଫ୍ଟ, କନ୍ଧମାଳର ମା' ହସ୍ତଶିଳ୍ପ ପ୍ରଡ୍ୟୁସର ଗ୍ରୁପ ମାର୍କେଟିଂ ସଦସ୍ୟ ମାନେ ସେମାନଙ୍କ ଷ୍ଟଲ ପାଇଁ ବହୁତ ଖୁସି ବୋଲି କହିଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ନିଜେ ସମସ୍ତ କାର୍ଯ୍ୟର ତଦାରଖ କରିବା ସହ ଷ୍ଟଲ ନେଇ ଆସିଥିବା କୌଣସି ମା' ମାନଙ୍କର ଯେଭଳି ସମସ୍ୟା ନ ରହେ ସେଥିପ୍ରତି ଯତ୍ନବାନ ହେବାକୁ ଦାୟିତ୍ୱରେ ଥିବା ଅଧିକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତ ବ୍ୟବସ୍ଥାକୁ ପରିଚାଳନା ପାଇଁ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ଏହି ମେଳା ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ।

## କୃତୀ ପ୍ରକଳ୍ପଧାରୀଙ୍କୁ ସମ୍ବର୍ଦ୍ଧନା



**କଣାସ,୨।୧୨/ଏନ୍ଏନ୍ଏସ୍:** କଣାସ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ବିଜ୍ଞାନମେଳାରେ କୃତିତ୍ୱ ହାସଲ କରି ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ବିଜ୍ଞାନ ମେଳା ପାଇଁ କୃତିତ୍ୱ ହାସଲ କରିଥିବା ଏହି ବ୍ଲକ୍ ଅନ୍ତର୍ଗତ ଗଡ଼ ସାନପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ବିଦୁସ୍ମିତା ମଙ୍ଗରାଜଙ୍କୁ ଆଜି ବିଦ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଯୋଗଦେଇ କୁନି ବୈଜ୍ଞାନିକ ବିଦୁସ୍ମିତାଙ୍କ ପ୍ରତିଭାରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେବାସହ ବିଜ୍ଞାନମେଳାରେ ଅଂଶଗ୍ରହଣ ଭବିଷ୍ୟତରେ ବହୁ କୃତୀ ବୈଜ୍ଞାନିକ ସୃଷ୍ଟି ହୋଇ ଦେଶ ପାଇଁ ସୁନାମ ଆଣିପାରିବେ ବୋଲି ଆଶା ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ବେହେରା କୃତୀ ପ୍ରକଳ୍ପ, ପ୍ରକଳ୍ପଧାରୀ ଓ ଗାଇଡ ଶିକ୍ଷକ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବେଳେ ଜିଲ୍ଲାସ୍ତରରେ ସେମାନେ କୃତିତ୍ୱ ହାସଲକରି ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଅଂଶଗ୍ରହଣ କରିବା ପାଇଁ ମିଳିତ ପଚେଷ୍ଟା କରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀ ବିଦୁସ୍ମିତା, ସହଯୋଗୀ ଅନୁଜଙ୍କୁ ପ୍ରମାଣପତ୍ର ଓ ସିଲ୍ ପ୍ରଦାନ କରାଯାଇଥିଲା। ଶିକ୍ଷକ ବିଦ୍ୟାଧର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାଧାକାନ୍ତ ଦେବ ମଠରେ ବ୍ୟଞ୍ଜନ ଦ୍ୱାଦଶୀ

**ଡେଲାଙ୍ଗ,୨।୧୨/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ଘୋରଡିଆ ଗ୍ରାମର ଆରାଧ୍ୟ ଶ୍ରୀଶ୍ରୀ ରାଧାକାନ୍ତ ଦେବ ମଠରେ ମଙ୍ଗଳବାର ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ପାଳିତ ହୋଇଯାଇଛି। ମହାପ୍ରଭୁଙ୍କ ନିକଟରେ ୬୪ ପ୍ରକାର ନିରାମିଷ, ସ୍ୱାଦିଷ୍ଟ ବ୍ୟଞ୍ଜନ ପୂଜା କରାଯାଇଥିଲା। ଏଥିରେ ଅନ୍ନ, ଡାଲି, ଘିଅଅର୍ଣ୍ଣ, ଭଜା, ଖଟା, ସାଗ, ଖିରୀ, ବେସର ତରକାରୀ, ଦେଶୀ ପରିବାରେ ଭଜା ପ୍ରଭୃତି ହୋଇଥିବା ବେଳେ ବିଭିନ୍ନ ପ୍ରକାର ଫଳମୂଳ, ବିରିବରା, ବୁଟୋଶଲା, ଡାଲିମ୍ବ, ଚୁଡାଘସା ପ୍ରସ୍ତୁତ ୬୪ପ୍ରକାର ବ୍ୟଞ୍ଜନ ଲାଗି ହୋଇଥିଲା। ମଠ ମାଳିକ ଦେବଜ୍ୟୋତି ପଟ୍ଟନାୟକ ଓ ପରିଚାଳକ ଦୁଃଶାସନ ମଙ୍ଗରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମଠର ମୁଖ୍ୟ ପୁରୋହିତ ତିବିକ୍ରମ ମିଶ୍ର, ବଡପଣ୍ଡା ଅଶୋକ କୁମାର ପଣ୍ଡା, ପୂଜକ ସର୍ବେଶ୍ୱର ମିଶ୍ର ପ୍ରମୁଖ ଠାକୁରଙ୍କ ନୀତିକାନ୍ତି ଓ ବିଧିବିଧାନରେ ପୂଜାର୍ଚ୍ଚନା କରିଥିଲେ। ସାମାଜିକକର୍ମୀ ଶଶିଶେଖର ରାୟ, ବିଭୂତିଭୂଷଣ ହରିଚନ୍ଦନ, ସୋମନାଥ ମଙ୍ଗରାଜ ପ୍ରମୁଖ ପର୍ବପାଳନରେ ସହଯୋଗ କରିଥିଲେ। ବର୍ଷୀୟାନ ସମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଦିଲିପ ଧାଉଡିଆ, ବିଜୟ କୁମାର ମହାପାତ୍ର, ଚିତ୍ତରଞ୍ଜନ ଜେନା, ଚନ୍ଦ୍ରଶେଖର ବିଶ୍ୱାଳ, ଅରୁଣ ରାଉତ, ପ୍ରତାପ ବାରିକ୍, ତ୍ରିନାଥ ମଲ୍ଲିକ୍‌ଙ୍କ ସମେତ ବ୍ଲକ ଓ ତହସିଲ କାର୍ଯ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମଠ ପରିସରରେ ନାମସଙ୍କୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟିହୋଇଥିଲା।

## ବାଲିଦଣ୍ଡା ଛକରେ ବଢୁଛି ମଦ, ଗଞ୍ଜେଇ କାରବାର

**ନୟାହାଟ,୨।୧୨/ଏନ୍ଏନ୍ଏସ୍:** ଗ୍ରାମାଞ୍ଚଳ ମାନଙ୍କରେ ମଦ ଗଞ୍ଜେଇ ଅବାଧରେ କାରବାର ହେଉଥିଲେ ମଧ ଅବକାରୀ ବିଭାଗ ସବୁଜାଣି ସେମାନଙ୍କୁ ନଧରିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଗ୍ରାମାଞ୍ଚଳରେ ଯୁବପିଢି ନିଶା ପ୍ରତି ଆସକ୍ତି ହେଉଥିବା ବେଳେ କମ୍ ବୟସର ପିଲା ଗଞ୍ଜେଇ ମଦ ଖାଇବଦ୍ୱାରା ଗାଁ ଗହଳିରେ ଛୋଟ ମୋଟ ଚୋରି ମଧ ବୃଦ୍ଧି ପାଉଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଲିଦଣ୍ଡା ଓ ଶାସନ ଛକରେ କେତେକ ଦୋକାନୀ ଖୋଲା ଖୋଲି ନକଲି ବିଦେଶୀ ଓ ଦେଶୀ ମଦ ଅବାଧ କାରବାର ହେବା ଫଳରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କେତେବେଳେ କେମିତି ଚଢ଼ାଉ ହେଉଥିଲେ ମଧ ମଦ ଗଞ୍ଜେଇ କାରବାର ସେଠାରୁ କମି ନାହିଁ। ନିଶା ଖାଉଥିବା ବ୍ୟକ୍ତିମାନେ ଅଶ୍ଳୀଳ ଭାଷାରେ ଗାଳି ମନ୍ଦ ଯୋଗୁଁ ଝିଅ ବୋହୂମାନେ ସନ୍ଧ୍ୟାରେ ବଜାର ଘାଟକୁ ଯିବା ଆସିବା କରିବା ନିଜକୁ ନିରାପଦ ମଣୁନାହାନ୍ତି। ଛୋଟପିଲା ଆଉ ଯୁବ ଗୋଷ୍ଠୀ ମଦ ଗଞ୍ଜେଇ ପିଇବା ପାଇଁ ଆକୃଷ୍ଟ ହେଉଥିବା ବେଳେ ସମାଜ ପ୍ରତି କୁପ୍ରଭାବ ପଡୁଛି। ମଦ ଗଞ୍ଜେଇ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାନଯିବା ଫଳରେ ଚୋରା ମଦ ଗଞ୍ଜେଇ ଛକମାନଙ୍କରେ ବିକ୍ରି ବଢ଼ି ଚାଲିଛି। ଅବକାରୀ ବିଭାଗ ଛତ୍ରଛାୟା ତଳେ ନିଶା ବେପାରୀ ରହୁଥିବାରୁ ନିର୍ଭୟରେ କାରବାର ଚଳାଇଛନ୍ତି। ଏ ଦିଗରେ ପୁରୀ ଅବକାରୀ ଏସ୍‌ପିଙ୍କୁ ଦୃଷ୍ଟିଦେବାକୁ ଦାବି ହେଉଛି।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଚୌଦ୍ୱାର,୨।୧୨/ଏନ୍ଏନ୍ଏସ୍:** ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୩ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସୀତାରାମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁଷାର କୁମାର ବେଉରା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଉପସଭାପତି ବିଜୟ କୁମାର ଜେନା ଯୋଗ ଦେଇ ଶରୀର ପାଇଁ କ୍ରୀଡ଼ାର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ସେହିପରି ଉଦ୍‌ଯାପନୀ ଉତ୍ସବରେ ମହାନଦୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ବେହେରା ମୁଖ୍ୟଅତିଥି ଓ ସର୍ବଭାରତୀୟ ଶିକ୍ଷକନେତା ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ କିଶୋର ମହାପାତ୍ର, ଉପସଭାପତି ବିଜୟ କୁମାର ଜେନା ଯୋଗ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ଶାରୀରିକ ପ୍ରମୁଖ ରୁକ୍ମିଣୀ ପତ୍ରୀ ଓ କଲ୍ୟାଣୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ା ଉତ୍ସବ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ କ୍ଷୀରୋଦ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ତ୍ରିଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶରଣକୁଳ ଓ ଗୋଡିସାହିରେ ଏଲ୍‌ଆର୍‌ଆଇ ଯାତ୍ରା



**ଓଡ଼ଗାଁ,୨।୧୨/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ଓ ଗୋଡିସାହିରେ ଏଲ୍ ଆର୍ ଆଇ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରିଛନ୍ତି। ମୋଟ ୧୨ ପ୍ରକାରର ଚାଷ କ୍ଷେତ୍ରରେ ଚାଷୀଙ୍କୁ ସାମିଲକରି ସହାୟତା ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି। ଏହାସହିତ ଚାଷୀ କିଭଳି ଲାଭବାନ୍ ହୋଇପାରିବେ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଯୋଜନା ମାଧ୍ୟମରେ ଚାଷୀମାନେ ବିଭିନ୍ନ ପ୍ରକାର କାର୍ଯ୍ୟକରି ରୋଜଗାରକ୍ଷମ ହୋଇପାରିବେ। ଭୁବନେଶ୍ୱର ଓ ନୟାଗଡ଼ ବିଜ୍ଞାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକମାନେ ଏହି ଏଲ୍ ଆର୍ ଆଇ କାର୍ଯ୍ୟକ୍ରମରେ ଯୋଗଦେଇ ଉର୍ବରତା ମାଟିରେ କିପ୍ରକାର ଚାଷ କରିବାକୁ ହେବ ଓ ସାଧାରଣ ମାଟିରେ କିପ୍ରକାର ଫସଲ କରିବାକୁ ପଡିବ ତାହା ବୁଝାଇଥିଲେ। ଗୋଡିସାହି ପଞ୍ଚାୟତ ରାଜୀବଗାନ୍ଧି ସେବାକେନ୍ଦ୍ର ପରିସରରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳିଚରଣ ବେହେରାଙ୍କ ସଭାପତିତ୍ୱରେ ସରପଞ୍ଚ ଦିପ୍ତିରଞ୍ଜନ ପରିଡ଼ା, ସମିତିସଭ୍ୟା ରୁନୁ ପରିଡ଼ା, ଓୟୁଏଟିର ଆସିଷ୍ଟାଣ୍ଟ ପ୍ରଫେସର ଡ଼. ବିଶ୍ୱଜିତ ସିହ୍ନା, କେଭିକେ ମୁଖ୍ୟ ଡ଼. ଅନିଲ କୁମାର ସ୍ୱାଇଁ, ଓଡ଼ଗାଁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ବେହେରା, ନୟାଗଡ଼ ସହକାରୀ କୃଷିଯନ୍ତ୍ରୀ ଇଂ ବିରଭଦ୍ର ରାଉତ, ଓଭରସିୟର ଦୀପକ କୁମାର ସାହୁ, ଡ଼ବ୍ଲୁଏମ୍ ଟି ଦୀପକ କୁମାର ଜେନା ଉପସ୍ଥିତଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଶରଣକୁଳ କଲ୍ୟାଣମଣ୍ଡପ ଠାରେ ଏଲ୍ ଆରଆଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଷୀମାନେ ନୂତନ ପଦ୍ଧତିରେ ଚାଷକରି ରୋଜଗାରକ୍ଷମ ହେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଥମକରି କଟରାଝରୀ ଠାରେ ଏକ ସେଚ କୂପର ଉଦ୍‌ଘାଟନ କରାଯାଇଛି। ଚାଷୀମାନଙ୍କୁ ପୋଖରୀ ଖନନ, ଛେଳି, ମାଛ, କୁକୁଡ଼ା ପାଳନ କରିବା ସହିତ ବିଭିନ୍ନ ପନିପରିବା ଚାଷକରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଲୋକମାନେ କାମଧନ୍ଦା ନପାଇ ଦାଦନ ନଯାଇ ସରକାରଙ୍କ ଲାଭଜନକ ଯୋଜନା ଆପଣାଇବାକୁ ଅଧିକାରୀମାନେ ଚାଷୀମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଜିଲ୍ଲାପରିଷଦ ସଭ୍ୟା ବିନ୍ଦ୍ରୟୀ ଦାଶ, ସମାଜସେବୀ ପ୍ରମୋଦ ପ୍ରଧାନ ଓ ୩ଶହରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିବା ଜଣାପଡ଼ିଛି।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା: ନ୍ୟାୟ ପାଇଁ ଏସ୍‌ପି ଅଫିସ୍ ଆଗରେ ଧାରଣା



**ନୟାଗଡ଼,୨।୧୨/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଭାପୁର ସାମ୍ବାଦିକ ପ୍ରଭାତ କୁମାର ବରାଡ଼ଙ୍କୁ ଆକ୍ରମଣ ଘଟଣାରେ ପୁଲିସର ନୀରବତା ଓ ପକ୍ଷପାତିତାକୁ ନେଇ ଆଜି ସାମ୍ବାଦିକମାନେ ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଗତ ୨୦ ତାରିଖ ସନ୍ଧ୍ୟାରେ ଏକ ଦୁର୍ଘଟଣା ଜନିତ ଖବର ସଂଗ୍ରହ ସମୟରେ ଭାପୁର ବ୍ଲକ ବିଜିପୁରଠାରେ ନିକଟସ୍ଥ ଲହଙ୍ଗାପଲ୍ଲୀ ଗ୍ରାମର ଲକ୍ଷ୍ମୀଧର ନାୟକ ସାମ୍ବାଦିକ ପ୍ରଭାତଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଘଟଣାକୁ ନେଇ ପ୍ରଭାତ ଫତେଗଡ଼ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୁଲିସ ଏକ ମାମଲା ରୁଜୁକରି ଚୁପ ବସିଛି। ଜାଣିଶୁଣି ଅଭିଯୁକ୍ତ ବିରୁଦ୍ଧରେ କୋହଳ ଦଫା ଲଗା ଯାଇଛି। ଏହା ସହିତ ଅଭିଯୁକ୍ତ ଏତଲା ଆଧାରରେ ସାମ୍ବାଦିକଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯାଇଛି। ଏ ନେଇ ଖଣ୍ଡପଡ଼ା ବ୍ଲକ ଜନଶୁଣାଣିରେ ନୟାଗଡ଼ ଜିଲ୍ଲାପାଳଙ୍କୁ ସାମ୍ବାଦିକମାନେ ସାକ୍ଷାତ କରି ଦାବି ଜଣାଇଥିଲେ। ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଏସ୍‌ପି ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ଭେଟି ଆଲୋଚନା କରିଥିଲେ। କୌଣସି ସୁଫଳ ନମିଳିବାରୁ ଆଜି ସାମ୍ବାଦିକମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାମ୍ବାଦିକଙ୍କ ସହ ଆଲୋଚନା କରିଥିବା ବେଳେ ଦାବି ପୂରଣା ନେଇ କୌଣସି ପ୍ରତିଶ୍ରୁତି ମିଳିପାରିନଥିଲା। ଯାହାକୁ ନେଇ ଆସନ୍ତାକାଲି ଧାରଣାକୁ ଜୋରଦାର କରିବାକୁ ସଂଘ ପକ୍ଷରୁ ସ୍ଥିର କରାଯାଇଛି। ଆଜିର ଧାରଣାରେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ, ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଭାପୁର ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଗୀତିକାନ୍ତ ପଣ୍ଡାଙ୍କ ସମେତ ବହୁ ସାମ୍ବାଦିକ ସାମିଲ ରହିଥିଲେ।

## ଶିକ୍ଷକ ନିଯୁକ୍ତି ଦାବିକରି ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଛାତ୍ରଛାତ୍ରୀ



**କଣାସ,୨।୧୨/ଏନ୍ଏନ୍ଏସ୍:** କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତର ଜାଗୁଲାଇପଦର ଗ୍ରାମରେ ସ୍ଥାପିତ ଜଗୁଲାଇ ପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ହନ୍ଦୀ ଶିକ୍ଷକ ଦୀର୍ଘ ଦିନ ହେଲା ନଥିବାରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଗଣିତ ଓ ହିନ୍ଦୀ ପଢିବାରୁ ବଞ୍ଚିତ ହେଉଛନ୍ତି। ଛାତ୍ରଛାତ୍ରୀ ଓ ଛାତ୍ରଅଭିଭାବକମାନେ ଖାଲିଥିବା ଗଣିତ ଓ ହିନ୍ଦୀ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ବାରମ୍ବାର କଣାସ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆବେଦନ କରି ନିରାଶ ହେବା ପରେ ଆଜି ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକରେ ତାଲି ପକାଇ ବସିରହିଥିଲେ। ଛାତ୍ରଛାତ୍ରୀ କୁହନ୍ତି ଦଶମ ପରୀକ୍ଷା ପଖାଇେ ଆସୁଥିବାରୁ ଗଣିତ ଓ ହିନ୍ଦୀ ଶିକ୍ଷକ ନଥିବାରୁ ପାଠପଢାରେ ବହୁ ଅସୁବିଧା ହେଉଛି। ଖବର ନେବାରେ ଜଣାପଡିଛି ପ୍ରଥମ ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ସେଥିରେ ୩୬୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଯାହାକି କଣାସ ବ୍ଲକରେ ଉକ୍ତ ବିଦ୍ୟଅଳୟରେ ସର୍ବାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଜଣାପଡୁଛି। ବିଦ୍ୟାଳୟ ଫାଟକରେ ଛାତ୍ରଛାତ୍ରୀମାନେ ତାଲା ପକାଇ ବସିଥିବା ଖବର ପାଇବା ପରେ କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ସହ ଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା ଘଟଣା ସ୍ଥଳକୁ ଯାଇ ବୁଝାସୁଝା କରିବା ସହିତ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଗୋପୀନାଥ ଉଚ୍ଚ ବିଦ୍ୟାଳୟ ଗଡିଶାଗୋଦାରେ ଥିବା ଜଣେ ଗଣିତ ଶିକ୍ଷକଙ୍କୁ ସଙ୍ଗେ ସଙ୍ଗେ ଜାଗୁଲାଇପଦର ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରିବାରୁ ଛାତ୍ରଛାତ୍ରୀମାନେ ଫାଟକରୁ ତାଲା ଖୋଲିବା ସହିତ ଧାରଣାରୁ ଉଠିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନୟାଗଡ଼,୨।୧୨/ଏନ୍ଏନ୍ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରପଲ୍ଲୀର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଆଚାର୍ଯ୍ୟଙ୍କୁ ରବିବାର ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି କ୍ଷ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବକୁ ନୟାଗଡ଼ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ଉଦଘାଟନ କରିଥିବା ବେଳେ ଓଡ଼ିଆ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ସୁଧାକର ପଣ୍ଡା ମୁଖ୍ୟ ବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଧ୍ୟପକ କୃପାସିନ୍ଧୁ ସ୍ୱାଇଁ, ବନବାସୀ ସଂସ୍କୃତ କଲେଜ ଦଶପଲ୍ଲା ଅଧ୍ୟାପକ ସରୋଜ ପ୍ରଧାନ, ଶିକ୍ଷକ ନେତା ଜ୍ୟୋତି ରଞ୍ଜନ ଦାଶ, ଗଣେଶ ଚନ୍ଦ୍ର ଦାଶ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଆଚାର୍ଯ୍ୟଙ୍କର କର୍ତ୍ତବ୍ୟ ପରାୟଣତା, କର୍ମନିଷ୍ଠା ଓ ଶିକ୍ଷାଦାନ ଶୈଳୀର ଉଚ୍ଚପ୍ରଂଶସା କରିଥିଲେ। ରାମଚନ୍ଦ୍ର ସଂସ୍କୃତ ସଂସ୍କୃତି ସଂଗଠନ ସଭାପତି ବିଜୟ କୁମାର ରଥ ସ୍ୱାଗତ ଭାଷଣ ଦେବା ପରେ ପରେ ଅଭିନନ୍ଦନ ଗ୍ରନ୍ଥ 'ବିଜୟଶ୍ରୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅବସର ନେଇଥିବା ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉପଢୌକନ, ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସୁକୃତି ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ଧ୍ୟାରାଣୀ ଶତପଥୀ, ପୁଷ୍ପଲତା ମହାପାତ୍ର, ପ୍ରଭାସିନୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ୫ ବିଦେଶୀ ବାଲୁକା ଶିଳ୍ପୀ

**କୋଣାର୍କ,୨।୧୨/ଏନ୍ଏନ୍ଏସ୍:** ମଙ୍ଗଳବାର କୋଣାର୍କ ଚନ୍ଦ୍ରଭାଗା ବେଳାମାର୍ଗ ରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ହେଉଥିବା ୧୫ ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ର ଦ୍ୱିତୀୟ ସନ୍ଧ୍ୟାରେ, ସ୍ପେନ, ରୁଷିଆ, ପର୍ତ୍ତୁଗାଲ, ଜାପାନ, ଶ୍ରୀଲଙ୍କା ପରି ୫ଟି ଦେଶର ୫ ଜଣ ବିଦେଶୀ ବାଲୁକା ଶିଳ୍ପୀ ସମେତ ଓଡିଶା ସମେତ ବିଭିନ୍ନ ରାଜ୍ୟରୁ ଭାଗ ନେଇଥିବା ୧୪୦ ଜଣ ବାଲୁକା ଶିଳ୍ପୀମାନଙ୍କ ମଧ୍ୟରୁ ଆଜି ମହିଳା ବାଲୁକା ଶିଳ୍ପୀମାନେ ପରିବେଶ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ବିଭିନ୍ନ ବାଲୁକା କଳା ଅତିସୂକ୍ଷ୍ମ ଭାବେ ନିର୍ମାଣ କରି ସଚେତନତା ବାର୍ତ୍ତା ଦେଇଥିଲା ବେଳେ ପୁରୁଷ ବାଲୁକା ଶିଳ୍ପୀମାନେ ବନ୍ୟଜନ୍ତୁ ଓ ପରିବେଶ ଭିତ୍ତିକ ପର୍ଯ୍ୟଟନକୁ ନେଇ ବାଲୁକା କଳାକୃତି ପଦର୍ଶନ କରିଥିଲେ। ଆଜିର ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନ କଳାକୃତି ଗୁଡିକ ବାଲୁକାକଳା ଶିଳ୍ପୀଙ୍କ କଳାକୃତି ଅତ୍ୟନ୍ତ ଉଚ୍ଚ କୋଟିର ଥିଲା। ବାଲୁକା କଳା ନିକଟରେ ପର୍ଯ୍ୟଟକଙ୍କ ପାଇଁ ଥିବା ବାଲୁକା କଳ ର ବିଭିନ୍ନ ଫଟୋ ଗ୍ୟାଲେରୀରେ ପର୍ଯ୍ୟଟକଙ୍କ ନାହିଁ ନଥିବା ଭିଡ ଜମୁଥିବା ପରିଲକ୍ଷିତ ହେବା ସହିତ ଅନେକ ପର୍ଯ୍ୟଟକ ଏହି ମନୋରମ ଦୃଶ୍ୟକୁ ନିଜ କ୍ୟାମେରାରେ ଧରି ରଖିବା ପାଇଁ ସେଲ୍ଫି ନେବାରେ ଲାଗିଥିବା ଦେଖିବାକୁ ମିଳିଥିଲା।

## କ୍ଷୀରେଶ୍ୱର ବିଦ୍ୟାପୀଠରୁ ଏମ୍‌ଡିଏମ୍ ଅର୍ଥ ଲୁଟ୍ ଘଟଣା: ବିଇଓଙ୍କ କୋହଳ ମନୋଭାବକୁ ନେଇ ଚର୍ଚ୍ଚା

**ଟାଙ୍ଗୀ,୨।୧୨/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ କ୍ଷୀରେଶ୍ୱର ବିଦ୍ୟାପୀଠକୁ ସରକାରଙ୍କ ତରଫରୁ ଆସୁଥିବା ଏମ୍‌ଡିଏମ୍ ଟଙ୍କା ପୂର୍ବତନ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ପ୍ରଦିପ କୁମାର ରଥ ଚଞ୍ଚକତା କରି ଉଠାଇବା ଜଣାପଡିବା ପରେ ବର୍ତ୍ତମାନ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଦିଲ୍ଲିପ କୁମାର ରାଉତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକଙ୍କୁ ଚିଠି କରି ଜଣାଇଥିଲେ। ହେଲେ ବ୍ଲକ ଶିକ୍ଷା ଅଧିକାରୀ ସବୁ ଜାଣି ନ ଜାଣିବା ଭଳିଆ ହେବା ଓ କୋହଳ ମନୋଭାବ ଦେଖାଇବା ପଦାକୁ ଆସିବା ସହ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଅଞ୍ଚଳରେ ଚର୍ଚ୍ଚା ବିଷୟ ପଲଟିଛି। ସୂଚନା ମୁତାବକ ଶ୍ରୀ ରଥ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଇଥିଲେ। ପ୍ରତି ମାସରେ ପିଲାମାନଙ୍କ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଏମ୍‌ଡିଏମ୍ ଟଙ୍କାରୁ ୧୦ରୁ ୧୨ହଜାର ମଧ୍ୟରେ ଖର୍ଚ୍ଚ ହେଉଥିବା ବେଳେ ଶ୍ରୀ ରଥ ଦାୟିତ୍ୱ ନେବାର ପ୍ରଥମ ମାସରେ ୬୨ହଜାର ୯୬୩ଟଙ୍କା, ପରେ ୨୯ହଜାର ୫୫୬ଟଙ୍କା ଉଠାଯାଇଥିବା ବେଳେ ୧୧ମାସ ମଧ୍ୟରେ ଦୁଇ ଲକ୍ଷ ଟଙ୍କା ପାଖାପାଖି ଟଙ୍କା ଉଠାଯାଇଥିବା ଜଣାପଡ଼ିଛି। ଏମ୍‌ଡିଏମ୍ ଟଙ୍କା ଯାଞ୍ଚ ସମୟରେ ଏଭଳି କେଳେଙ୍କାରୀ ପଦାକୁ ଆସିବା ସହ ବର୍ତ୍ତମାନ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଦିଲ୍ଲିପ କୁମାର ରାଉତ ବିଇଓଙ୍କୁ ଏକ ମାସ ହେବ ଏ ବିଷୟରେ ଅବଗତ କରିଥିଲେ। ହେଲେ ଶିକ୍ଷାଧିକାରୀ ଦିନ ପରେ ଦିନ ଗଡ଼ାଇ ଘଟଣାକୁ ଚାପିବାକୁ ଉଦ୍ୟମ କରୁଥିବା ଅଭିଯୋଗ ଆସିବା ସହ କର୍ତ୍ତବ୍ୟରେ ହେଳା କରୁଛନ୍ତି ବୋଲି କୋଉଠି ନା କୋଉଠି ଆଙ୍ଗୁଠି ଉଠିବା ସହ ଅଭିଭାବକ ଓ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯଦି ବିଇଓ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତାହାହେଲେ ଜିଲ୍ଲା ଶିକ୍ଷାଧିକାରୀ ଓ ମୁଖ୍ୟମନ୍ତ୍ରୀ ଜନଶୁଣାଣିରେ ଅଭିଯୋଗ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ସମ୍ବର୍ଦ୍ଧନା ପରିବାର ପକ୍ଷରୁ କବି ସମ୍ମିଳନୀ




**ଓଡ଼ଗାଁ,୨।୧୨/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ନିକଟସ୍ଥ ହରିହରପୁର ଗ୍ରୀନ୍ କ୍ଲବ୍‌ଠାରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଭାଷା ସାହିତ୍ୟର ବଣ୍ଟାଢ଼ ଉତ୍ସବ ପ୍ରତିଷ୍ଠାତା ସଦସ୍ୟ ଏମ୍.ଦିନବନ୍ଧୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସମ୍ବର୍ଦ୍ଧନା ପରିବାର ସ୍ଥାୟୀ ସଭାପତି ନିରାକାର ସ୍ୱାଇଁଙ୍କ ପୌରୋହିତରେ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଦୂରଦର୍ଶନ ନିର୍ଦ୍ଦେଶକ ଓ ଆକାଶବାଣୀ କଟକର ନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଭବାନିପାଟଣା ସରକାରୀ ମହାବିଦ୍ୟାଳୟର ଡକ୍ଟର ଯଦୁନାଥ ପ୍ରଧାନ ଓ ସମ୍ବର୍ଦ୍ଧନା ପରିବାରର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଗୋଦାବରୀ ବସନ୍ତିଆ ମଞ୍ଚାସିନ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପୁଷ୍ପ ଧୂପ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବରେ ଉତ୍ସବର ଉଦ୍ଘାଟନ କରିଥିବା ବେଳେ ଅନୁଷ୍ଠାନର ଉପ ସଭାପତି ଅଧ୍ୟାପିକା ନିଳୀମା ନନ୍ଦ ବେଦପାଠ କରିଥିଲେ। ଅନୁଷ୍ଠାନ ତରଫରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ମାନପତ୍ର ସହିତ ମୋମେଟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।ଅନୁଷ୍ଠାନର ସମ୍ପାଦିକା ହରପ୍ରିୟା ଦ୍ୱିବେଦୀ ବିବରଣୀ ପଠନ କରିଥିଲେ। ଏହି ରାଜ୍ୟସ୍ତରୀୟ ଉତ୍ସବକୁ ଓଡ଼ିଶାର କନ୍ଧମାଳ, ଗଞ୍ଜାମ, ଝାରସୁଗୁଡ଼ା, ଦେବଗଡ଼, ଭବାନିପାଟଣା, କଳାହାଣ୍ଡି, କଟକ,ଖୋର୍ଦ୍ଧା, ନୟାଗଡ଼ ପ୍ରଭୃତି ୮ଟି ଜିଲ୍ଲାର ପ୍ରାୟ ୯୩ ଜଣକବି ଓ କବୟିତ୍ରି ଯୋଗଦେଇ କବିତା ପଠନ କରିଥିଲେ। ପ୍ରତି କବି ଓ କବୟିତ୍ରି ମାନଙ୍କୁ ଉତ୍ତରୀୟ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସାହିତ୍ୟ, ସେବା, ଧର୍ମ, କଳା, ଶିକ୍ଷା,ସଂଗଠନ ଓ ସମ୍ବାଦଦାତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୪ ଜଣ କୃତି ପ୍ରତିଭାଙ୍କୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପରିବାରର ରାଜେଶ୍ କୁମାର ଷଡଙ୍ଗୀ, ସାଂସ୍କୃତିକ ସମ୍ପାଦକ ନୀଳମାଧବ ମିଶ୍ର, ସହ ସମ୍ପାଦକ ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ

### ଅନ୍ୱେଷା ଯୋଜନା ବନ୍ଦ ...

ପିଲାଙ୍କୁ ସମ୍ବିଧାନ ଅଧିକାର ଦେଇଛି । କେହି ତାଙ୍କ ଉପରେ ଦୟା କରୁନାହାନ୍ତି । କିନ୍ତୁ ସରକାର ରାବଣ ହୋଇ ଆଦିବାସୀଙ୍କ ଉପରେ ଜୁଲମ କରୁଛନ୍ତି । ପିଲାଙ୍କ ଖାଇବା, ରହିବା ଓ ଯାତାୟାତରେ କେବେ ସଠିକ୍ ବ୍ୟବସ୍ଥା କରିନାହାନ୍ତି ସରକାର, ଯାହାଦ୍ୱାରା ସରକାର ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛନ୍ତି । ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ, ବିଭାଗୀୟ ମନ୍ତ୍ରୀ ନିଜେ ଉତ୍ତର ରଖିଛନ୍ତି ଯେ ଆସନ୍ତା ୫ ବର୍ଷ ଯାଏ ଅନ୍ୱେସା ଯୋଜନା ଜାରି ରଖିବାକୁ ପ୍ରସ୍ତାବ ସରକାର ଙ୍କ ବିଚାରାଧୀନ ଅଛି । ଏଥିରୁ ସ୍ପଷ୍ଟ ଯେ, ସରକାର ଷଡ଼ଯନ୍ତ୍ର କରୁଛନ୍ତି । ବିଭାଗୀୟ ମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟର । ଅନ୍ୱେଷା ଯୋଜନା ପାଇଁ ଡ୍ରପ୍ ଆଉଟ ହାର ୩୩ ରୁ ୧୮ ପ୍ରତିଶତକୁ ଖସି ଥିଲା । କିନ୍ତୁ ସେ ଯୋଜନାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଉଛନ୍ତି । ଏହା ଦୁର୍ଭାଗ୍ୟର କଥା । ଅନୁସୂଚୀତ ଜାତି ଓ ଜନଜାତି ବିକାଶ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖି କହିଛନ୍ତି, ୧୧ଟା ଜିଲ୍ଲାର ୧୬୩ଟି ଶିକ୍ଷାନୁଷ୍ଠାନରେ ପ୍ରାୟ ୨୦ ହଜାର ଆଦିବାସୀ ଓ ଦଳିତ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି ଅନ୍ୱେସା ଯୋଜନାରେ । ୨୦୨୫-୨୬ ବର୍ଷରେ ୧୫୮ କୋଟି ୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଯାବତ ଜିଲ୍ଲା ପ୍ରଶାସନ କୁ ୧୦୫ କୋଟି ୧୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଆଗାମୀ ୫ ବର୍ଷ ପାଇଁ ଅନ୍ୱେସା ଯୋଜନା ଚାଲୁ ରଖିବାକୁ ବିଭାଗ ପାଖରେ ପ୍ରସ୍ତାବ ବିଚାରଧୀନ ରହିଚି ବୋଲି ମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି ।

### ବିଜେପି ସରକାରରେ ...

କରାଯିବା ଏକ ସାଙ୍ଘାତିକ ଘଟଣା । ଏହି ହଷ୍ଟେଲରେ ରହୁଥିବା ଛାତ୍ର ଛାତ୍ରୀ ମାନେ ଗୁରୁତର ଅବହେଳାର ଶିକାର ହେଉଛନ୍ତି । ହଷ୍ଟେଲରେ ଥିବା ବେଳେ, ଛାତ୍ରଛାତ୍ରୀ ମାନେ ଅସୁସ୍ଥ ହେଲେ, ସେମାନଙ୍କୁ ଚିକିତ୍ସା ପ୍ରଦାନରେ ଅବହେଳା କରାଯାଉଛି । ଅସୁସ୍ଥ ପିଲାମାନଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ଯୋଗାଇ ଦିଆ ଯାଇପାରୁ ନାହିଁ । ଗତ ତିନି ମାସରେ, ହଷ୍ଟେଲରେ ଥିବା ସମୟରେ ଅସୁସ୍ଥ ହୋଇ ଛଅ ଜଣ ଛାତ୍ର ଛାତ୍ରୀ ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣ ହରାଇଛନ୍ତି । ଏମାନେ ଗୁରୁତର ହେବା ପରେ, ଅଧିକାରୀ ମାନେ ହସ୍ପିଟାଲକୁ ଅଟୋରେ ନେଉଛନ୍ତି । ମୃତ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ, ପ୍ରାୟ ତିନି ଜଣ ଅଧା ରାସ୍ତାରେ ପ୍ରାଣ ହରାଇଛନ୍ତି । ଡ. ପ୍ରିୟବ୍ରତ ମାଝୀ କହିଥିଲେ, ଆଦିବାସୀ ଓ ଦଳିତ ବର୍ଗର ଛାତ୍ର ଛାତ୍ରୀ ମାନଙ୍କ ପ୍ରତି ଏପରି ଅବହେଳାକୁ ବିଜୁ ଜନତା ଦଳ ବରଦାସ୍ତ କରିବ ନାହିଁ । ରାଜ୍ୟ ବିଜେପି ସରକାରଙ୍କୁ ଆମେ ଚେତାବନୀ ଦେଉଛୁ, ଯଦି ପରିସ୍ଥିତିରେ ତୁରନ୍ତ ସୁଧାର ନଆସେ, ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ।

### ଜିଲ୍ଲା ଖଣିଜ ପ୍ରତିଷ୍ଠାନ ...

ସେହି ସ୍ଥାନର ମୌଳିକ ଆବଶ୍ୟକତା ଯଥା - ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଯୋଗାଣ, ଗମନାଗମନ ଆଦି ବ୍ୟବସ୍ଥାରେ ଖର୍ଚ୍ଚ କରିବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଖଣି ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନ ଗୁଡ଼ିକରେ ଲୋକଙ୍କୁ ସମ୍ପୂର୍ଣ୍ଣ ମୌଳିକ ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବୈଠକରୁ ଜଣାଯାଇଛି ଯେ ଡିଏମ୍ଏଫ୍ ଟ୍ରଷ୍ଟବୋର୍ଡ ବୈଠକ ଡକାଯାଇ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯିବ । ଡିଏମ୍ଏଫ୍ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ଗ୍ରାମଗୁଡ଼ିକୁ ଚିହ୍ନଟ କରାଯିବ । ଖଣି ଅଂଚଳର ପାର୍ଶ୍ୱବର୍ତ୍ତୀ ଜାଗାଗୁଡିକରେ ଥିବା ଜନବସତିରେ ହେଉଥିବା ପ୍ରଦୂଷଣକୁ ରୋକିବା ପାଇଁ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଜିଲ୍ଲାଗୁଡ଼ିକରେ ବାର୍ଷିକ ଡିଏମ୍ଏଫ୍ ପାଣ୍ଠି ୧୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ସଂଗ୍ରହ ହେଉଛି, ସେମାନେ ଏକ ଏଣ୍ଡାଓମେଣ୍ଟ ପାଣ୍ଠି ଗଠନ କରିବେ । ଏହି ଏଣ୍ଡାଓମେଣ୍ଟ ପାଣ୍ଠିକୁ ସରକାରୀ ସିକ୍ୟୁରିଟି କିମ୍ବା ଅନୁସୂଚିତ ବ୍ୟାଙ୍କଗୁଡ଼ିକର ବଣ୍ଡ ଏବଂ ଏଫ୍‌ଡିରେ ବିନିଯୋଗ କରାଯିବ । ଖଣିଜ ପଦାର୍ଥ ଶେଷ ହେବା ପରେ କିମ୍ବା କୌଣସି କାରଣରୁ ଖଣି କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିବା ଅଞ୍ଚଳରେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଜୀବିକା ସୃଷ୍ଟି ପାଇଁ ଏହି ପାଣ୍ଠି ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ୬୫ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ...

ଖବର ପାଇ ସେମାନଙ୍କୁ ଧରିବା ଲାଗି ଖୋର୍ଦ୍ଧା ଏସ୍ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଏ ସମ୍ପର୍କରେ ସୂଚନା ପାଇ ତିକ୍ଷ୍ଣ ନଜର ରଖିଥିଲେ । ଅଭିଜିତ୍ ଓ ଦେବାଶିଷ ଉପରେ ପୁଲିସ ନଜର ରଖିଥିବାବେଳେ କାଲି ରାତିରେ ବ୍ରାଉନସୁଗର ବିକ୍ରି କରିବାକୁ ଯୋଜନା କରିଥିବା ପୁଲିସ ଖବର ପାଇଥିଲା । ସେମାନଙ୍କୁ ଧରିବାକୁ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏସ୍ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ଟିମ୍ ଓ ପୁଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ ସହ ଚଢଉ କରିଥିଲା । ଚଢଉ ବେଳେ ମା ଓ ପୁଅକୁ ଗିରଫ କରିବା ସହ ସେମାନଙ୍କ ଠାରୁ ବ୍ରାଉନସୁଗର ଓ ଅନ୍ୟ ସାମଗ୍ରୀ ଜବତ କରିଥିଲା । ତାଙ୍କ ବୟାନ ମୁତାବକ ଦେବାଶିଷ କୁ ଗିରଫ କରିଥିଲା । ଏତେ ପରିମାଣର ବ୍ରାଉନସୁଗାର କେଉଁଠୁ ଆସିଛି ସେ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଡିଆଇଜି କହିଛନ୍ତି ।

### ପଦଯାତ୍ରାର ଅନୁଭୂତି ...

ଭଗବାନ ବିର୍ସାମୁଣ୍ଡା ଓ ସର୍ଦ୍ଦାର ପଟେଲଙ୍କ ୧୫୦ ବର୍ଷ ଜୟନ୍ତୀ ଆମେ ପାଳନ କରୁଛୁ । ଏହା ଆମ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଓ ପ୍ରେରଣା ଭରିଦେଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୪୭ ବିକଶିତ ଭାରତ ଓ ୨୦୩୬ ବିକଶିତ ଓଡ଼ିଶା ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଥିରେ ଯୁବପିଢ଼ୀଙ୍କ ପ୍ରମୁଖ ଯୋଗଦାନ ରହିବ । ଏହି ପଦଯାତ୍ରାରେ ସେମାନେ ଯୋଗଦେଇ ଯେଉଁ ଅନୁଭବ ସାଉଁଟିଛନ୍ତି ତାହାକୁ ଆଧାର କରି ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଯୁବପିଢ଼ୀଙ୍କୁ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ । ଏହି ଅବସରରେ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି କହିଛନ୍ତି ଯେ, କରମସଦରେ ହୋଇଥିବା ପଦଯାତ୍ରାରେ ଓଡ଼ିଶାରୁ ଯୋଗଦେଇଥିବା ୭୪ ପଦଯାତ୍ରୀଙ୍କ ଏହି ଅନୁଭୂତି ସେମାନଙ୍କ ମନରେ ରୋମାଂଚ ଭରିବା ସହ ସାରାଜୀବନ ପାଇଁ ମନେ ରହିବ । ଓଡ଼ିଶାରେ ସର୍ଦ୍ଦାର ପଟେଲ ଉପଲକ୍ଷେ ୬୪ଟି ସ୍ଥାନରେ ପଦଯାତ୍ରା ଆୟୋଜନ କରାଯାଇଥିଲା । ଏଠାରେ ସମୁଦାୟ ୪୪୮ କିଲୋମିଟର ଯାତ୍ରା ହୋଇଥିଲା । ଓଡ଼ିଶାରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ । ଭାରତର ସ୍ୱାଧୀନତା ପରବର୍ତ୍ତୀ ଇତିହାସକୁ ମନେ ପକାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । କିଭଳି ଭାବେ ଦେଶ, ମାତୃକାର ସେବା ପାଇଁ ଆମ ମହାପୁରୁଷମାନେ ବଳିଦାନ ଦେଇଥିଲେ ତାହାକୁ ସ୍ମରଣ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ବରିଷ୍ଠ ନେତା ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ଯେ, ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ପଦଯାତ୍ରାରେ ଓଡ଼ିଶାର ପ୍ରତ୍ୟେକ ବର୍ଗର ପ୍ରତିନିଧିତ୍ୱ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ କରମସଦରେ ହୋଇଥିବା ପଦଯାତ୍ରାରେ ଓଡ଼ିଶାରୁ ଯୋଗଦେଇଥିବା ୭୪ ପଦଯାତ୍ରୀ ନିଜ ଅନୁଭୂତିକୁ ନିଜ ଦୈନନ୍ଦିନ କାର୍ଯ୍ୟରେ ଲଗାଇବା ସହ ଅନ୍ୟମାନଙ୍କ ସହ ବାଂଟି ବିକଶିତ ଓଡ଼ିଶା ଗଠନରେ ସହଭାଗୀ ହୁଅନ୍ତୁ । ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅଭିଲାଷ ପଣ୍ଡା କହିଛନ୍ତି ଯେ, ସର୍ଦ୍ଦାର ପଟେଲଙ୍କ ଜନ୍ମସ୍ଥାନରେ ହୋଇଥିବା ପଦଯାତ୍ରାରେ ଯୋଗଦେଇଥିବା ଯୁବ ପଦଯାତ୍ରୀଙ୍କ ପାଇଁ ଏହି ଅନୁଭୂତି ସାରାଜୀବନ ପାଇଁ ମନେ ରହିବ । ଏଥିରେ ଯୋଗଦେଇଥିବା ସମସ୍ତ କାର୍ଯ୍ୟକର୍ତ୍ତା ଏକତା ଆମ୍ବାଷଡର ଭାବେ ଦେଶର ଏକତାକୁ ବଜାୟ ରଖିବା ପାଇଁ ନିଜ ନିଜ ଅଂଚଳରେ କାମ କରିବେ । ଏହି ସମ୍ବର୍ଦ୍ଧନା ସଭାରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା କାର୍ଯ୍ୟକ୍ରମର ସଂଯୋଜକ ପ୍ରଶାନ୍ତ ପାଇକରାଏ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ୯ ହଜାରକୁ ବୃଦ୍ଧି ପାଇବ ...

ସମ୍ପର୍କରେ ଆଲୋଚନା ଆରମ୍ଭ ହୋଇଛି । ଦେଶର କିଛି ବରିଷ୍ଠ ଅର୍ଥନୀତିଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ, ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି ଯୋଜନା ଆରମ୍ଭ ହେବା ଅର୍ଥାତ୍ ୧ ଡିସେମ୍ବର ୨୦୧୮ ପରଠାରୁ, ଏଥିରେ କୌଣସି ପ୍ରକାରେ ବୃଦ୍ଧି ହୋଇନାହିଁ । ଏପରି ପରିସ୍ଥିତିରେ, କେନ୍ଦ୍ରରେ କ୍ଷମତାସୀନ ମୋଦୀ ସରକାର ଫେବୃଆରୀରେ ଉପସ୍ଥାପିତ ହେବାକୁ ଥିବା କେନ୍ଦ୍ରୀୟ ବଜେଟ୍‌ରେ କିସ୍ତି ପରିମାଣ ବୃଦ୍ଧି କରିବା ପୂର୍ବକ ଏଥର ଚାଷୀମାନଙ୍କୁ ଏକ ବଡ଼ ଉପହାର ଦେଇପାରନ୍ତି । ସୂଚନାଯୋଗ୍ୟ, ଗତ ବଜେଟ୍ ସମୟରେ ମଧ୍ୟ ଆଲୋଚନା ଜୋର ଧରିଥିଲା ଯେ ସରକାର ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ପରିମାଣ ବୃଦ୍ଧି କରିପାରନ୍ତି, କିନ୍ତୁ ଏପରି କିଛି ହୋଇନଥିଲା । ସମ୍ବିଧାନର ଧାରା ୧୧୨ ଅନୁଯାୟୀ, କେନ୍ଦ୍ର ବଜେଟ୍ ହେଉଛି ସରକାରଙ୍କ ବାର୍ଷିକ ଆର୍ଥିକ ବିବୃତ୍ତି ଯେଉଁଥିରେ ରାଜସ୍ୱ ଏବଂ ଖର୍ଚ୍ଚର ବିବରଣୀ ଦିଆଯାଇଛି । ଏହା ବର୍ଷର ଆର୍ଥିକ ଦିଗ ସ୍ଥିର କରେ ଏବଂ ନୀତିଗତ ପ୍ରାଥମିକତା ଏବଂ ଖର୍ଚ୍ଚ ପ୍ରତିଶ୍ରୁତିକୁ ରୂପରେଖା ଦିଏ । ବଜେଟ୍ ମଧ୍ୟ ନିର୍ଣ୍ଣୟ କରେ ଯେ ସରକାର ବର୍ଷସାରା କେଉଁଠି ଏବଂ କେତେ ଖର୍ଚ୍ଚ କରିବେ । ଏହି ବର୍ଷ, ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ସମୟରେ ପ୍ରାପ୍ତ ପରାମର୍ଶ ଏବଂ ବର୍ଦ୍ଧିତ ସମୟସୀମା ସିଧାସଳଖ ଚାଷୀମାନଙ୍କୁ ଲାଭ ପହଞ୍ଚାଇପାରିବ ବୋଲି କୁହାଯାଉଛି ।

## କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# କୁଚିପୁଡ଼ିରେ 'ସମୁଦ୍ର ମନ୍ଥନ', ଓଡ଼ିଶୀରେ 'ମହାଲକ୍ଷ୍ମୀ ସ୍ତୋତ୍ରମ୍' ମନମୋହିଲା

**କୋଣାର୍କ,୨।୧୨/ଏନ୍ଏନ୍ଏସ୍:** ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ୩୬ ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ-୨୦୨୫ ର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା । ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ପୁରୀ ଜିଲ୍ଲାପାଳ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ; ଅଧିକ୍ଷକ ପ୍ରତ୍ନତତ୍ତ୍ୱବିତ୍, ଏଏସଆଇ ପୁରୀ ସର୍କଲ ଡକ୍ଟର ଡିବି.ଗଡନାୟକ; ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ; ଓଡିଶା ସଙ୍ଗୀତ ନାଟକ ଏକାଡେମିର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଓ ପୁରୀ ଜିଲ୍ଲା ପରିଷଦର ସିଡିଓ ତଥା ଇଓ ପ୍ରିୟାରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ରସମୟ କରିବା ପାଇଁ ପ୍ରଥମ ଚରଣରେ ମଞ୍ଚ ପ୍ରବେଶ କରିଥିଲେ ବଙ୍ଗାଲୁରର ସମ୍ଭାବି ସ୍କୁଲ ଅଫ ଡ୍ୟାନ୍ସ ର ସୁବିଖ୍ୟାତ ଗୁରୁ ବୈଜୟନ୍ତୀକାଶୀ ଓ ସାଥିଙ୍କ ଦ୍ୱାର କୁଚୁପୁଡି ପ୍ରଥମ ପ୍ରସ୍ତୁତିରେ 'କୁଚୁପୁଡି ନୃତ୍ୟରେ 'ସାଗର ମନ୍ଥନ' ଓ ଅମୃତ ପ୍ରାପ୍ତିପାଇଁ ଦେବ ଦାନବଙ୍କ ବିବାଦ ଓ ଧର୍ମର ଜୟ କୁ ନେଇ ଅତି ନିଖୁଣ ପୁରାଣ ଆଧାରିତ ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କ କର ତାଳିରେ କମ୍ପିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶୀର ରାଗ-ରସ-ରଙ୍ଗର ପସରା ଧରି ମଞ୍ଚକୁ ଆସିଥିଲେ କୋଲକତାର ଓଡ଼ିଶୀ ଭିଜନ ଆଣ୍ଡ ମୁଭମେଣ୍ଟ ସେଣ୍ଟର ଗୁରୁ ଶର୍ମିଳା ବିଶ୍ୱାସ ଓ ସାଥୀଙ୍କ ଦ୍ୱାରା ଅତି ନିଖୁଣ ଭାବେ ଓଡିଶୀ ନୃତ୍ୟର ତାଳେ ତାଳେ ନୃତ୍ୟ ଶିଳ୍ପୀମାନେ 'ମହଲକ୍ଷ୍ମୀସ୍ତ୍ରୋତମ' ସୃଷ୍ଟି ତତ୍ତ୍ୱକୁ ନେଇ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଆଜିର ଏହି ନୃତ୍ୟ ଉତ୍ସବ କାର୍ଯ୍ୟକ୍ରମକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ ସଂଯୋଜନା କରିଥିଲା ବେଳେ ଡକ୍ଟର ସଂଗୀତା ଗୋସାଇଁ ପରିଚାଳନରେ ସହଯୋଗ କରିଥିଲେ ।



## ମକରପଦା ଗ୍ରାମ ଜମିକୁ ଆଇଟିଆଇ କେନ୍ଦ୍ର ଦଖଲ କରିଥିବା ଅଭିଯୋଗ

# ତହସିଲ୍ ଅଫିସ୍ ଘେରିଲେ ଗ୍ରାମବାସୀ



**ଓଡ଼ଗାଁ,୨।୧୨/ଏନ୍ଏନ୍ଏସ୍:** ଓଡଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ପଞ୍ଚାୟତ ମକରପଦା ଠାରେ ଥିବା ଶ୍ରୀପଲିଟେକେନିକ୍,ଆଇଟିଆଇ ଏବଂ ସଚ୍ଚିଦାନନ୍ଦ ସେବାଶ୍ରମ ଦ୍ୱାରା ବହୁ ମୂଲ୍ୟବାନ ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ଆଣି ସ୍ଥାନୀୟ ଗ୍ରାମବାସୀ ଗତମାସ ୩ତାରିଖରେ ଓଡ଼ଗାଁ ତହସିଲଦାରଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ । ଏହିସବୁ ସଂସ୍ଥାର ମାଲିକ ଶ୍ରୀନିବାସ ସୁବୁଦ୍ଧି ଅନେକ ସରକାରୀ ଜମିକୁ ସର୍ବସାଧାରଣଙ୍କ ଅଧିକାର ଓ ସୁବିଧାରୁ ବଞ୍ଚିତକରି ନିଜ ଅନୁଷ୍ଠାନ ଗଢ଼ିଛନ୍ତି ।ଯୁବଗୋଷ୍ଠୀଙ୍କ ପାଇଁ ଉଦିଷ୍ଟ ଖେଳପଡିଆ,ଗ୍ରାମ୍ୟ ଶ୍ମଶାନ ଭୂମିକୁ ଦଖଲ କରିବାସହ ରାଜ୍ୟରାଜପଥର ମଧ୍ୟ ଭାଗରୁ ୩୫ଫୁଟ ଫରକ ନରଖି ରାଜପଥ ସରହଦରେ ନିଜ ଅନୁଷ୍ଠାନର ପ୍ରାଚୀର ନିର୍ମାଣ କରିଛନ୍ତି । ସରକାରୀ ଜଳାଶୟ ଓ ଆମ୍ବତୋଟା ପଞ୍ଚାୟତ ଅଧୀନରେ ଥିଲେ ମଧ୍ୟ ସେଠାକୁ ଯିବାପାଇଁ ଥିବାରାସ୍ତାକୁ ଶ୍ରୀ ସୁବୁଦ୍ଧି ନିଜଦଖଲରେ ରଖିଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇବାପରେ ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ ଏହି ଜାଗାକୁ ମାପ ଚିହ୍ନଟ କରି ସମାଧାନ କରିବାପାଇଁ ଆଜି ସକାଳ ୧୦ଟା ବେଳକୁ ସମୟ ଧାର୍ଯ୍ୟ କରିଥିଲେ । ସକାଳ ୧୦ଟା ସମୟରୁ ଗ୍ରାମବାସୀ ମାନେ ଏହି ଜାଗାଉପରେ ଉପସ୍ଥିତ ଥିଲେ ମଧ୍ୟ ଦିନ ୧୨ଟା ପର୍ଯ୍ୟନ୍ତ କୌଣସି ଅଧିକାରୀ ନପହଞ୍ଚିବାରୁ ଗ୍ରାମ୍ୟସଭାପତି ମଦନ ଡୋରାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ । ତହସିଲଦାର ଡ଼. ଭୋଇ ଆନ୍ଦୋଳନକାରୀଙ୍କ ପାଖରେ ପହଞ୍ଚି ଶ୍ରୀସୁବୁଦ୍ଧି କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବାରୁ ଉପସ୍ଥିତ ରହିପାରିବେନିବୋଲି ଲିଖିତ ଭାବରେ ଜଣାଇଥିବାର ଦର୍ଶାଇ ଥିଲେ । ପରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନାକରି ଆସନ୍ତା ୧୦ ତାରିଖ ସକାଳ ୧୦ଟା ସମୟରେ ମାପଚୁପ କରାଯିବବୋଲି ନୂତନ ନିର୍ଦ୍ଦେଶନାମା ଜାରି କରିବାପରେ ଆନ୍ଦୋଳନ ସ୍ଥଗିତ ରହିଥିବା ଜଣାପଡ଼ିଛି ।

# ପାଣିରେ ବୁଡ଼ି ଜଣେ ମୃତ

**ମୁଣ୍ଡମୁହାଣ,୨।୧୨/ଏନ୍ଏନ୍ଏସ୍:** ଇନଫୋଭ୍ୟାଲି ଥାନା ଦେଉଳିଆପାଟଣା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ୧୦ ଟା ବେଳେ ପାଣିରେ ବୁଡି ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ହେଲେ ଭଗବାନ ସାହୁ (୭୦) । ଅପରାହ୍ନରେ ଗ୍ରାମର କିଛି ଲୋକ ଦେଖି ପରିବାର ଲୋକଙ୍କୁ ଜଣାଇବା ସହ ଇନଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ ।ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ପହଁଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ । ମିଳିଥିବା ସୂଚନା ଅନୁସାରେ ଆଜି ସକାଳେ ସେଢେ ନଅଟା ବେଳେ ଭଗବାନ ଗାଁ ମୁଣ୍ଡ ପୋଖରୀ କୁ ଗାଧୋଇ ଆସିଥିଲେ । ଗାଧୋଇବା ସମୟରେ କୌଣସି କାରଣରୁ ସେ ପାଣିରେ ପଡି ଯାଇଥିଲେ ।ଆଉ ଉଠି ପାରି ନଥିଲେ ।ଘରେ ପହଞ୍ଚିବା ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି ଆରମ୍ଭ କରି ନିରାଶ ହୋଇଥିଲେ । କିନ୍ତୁ ଅପରାହ୍ନରେ କିଛି ଲୋକ ପୋଖରୀ ନିକଟକୁ ଆସିଥିବା ବେଳେ ଭାଗବାନଙ୍କ ମୃତ ଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଜଣାଇବା ସହ ଇନଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ ।

# ନାଚୁଣୀ କଲେଜରେ ଏଡ୍‌ସ ଦିବସ



**ଚିଲିକା,୨।୧୨/ଏନ୍ଏନ୍ଏସ୍:** ନାଚୁଣୀ କଲେଜରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଅଛି । ଏହି ଉପଲକ୍ଷେ ବିଶ୍ୱ ଯୁବ ରେଡ କ୍ରସ ତରଫରୁ ଏକ ଆଲୋଚନା ଚକ୍ର କଲେଜ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ କଲେଜର ଅଧ୍ୟକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍ସ ଦିବସ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଏହାର କାରଣ ଏବଂ ନିରାକରଣ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚ଼ନା କରିଥିଲେ । ଆଜିର ଯୁବ ସମାଜ ବିଶେଷକରି ଛାତ୍ର ସମାଜ ଏଚ. ଆଇ.ଭି ଆକ୍ରାନ୍ତ ବ୍ୟକ୍ତିଙ୍କୁ ସହାନୁଭୂତି ଓ ସହଯୋଗ ପ୍ରଦାନ କରିବା ଆମର ନୈତିକ କର୍ତବ୍ୟ ବୋଲି କହିବା ସହ. ଛାତ୍ର ସମାଜ କିଭଳି ଏହି ମାରନ୍ତକ ଭୁତାଣୁ ଠାରୁ ଦୂରରେ ରହିବେ ସେ ବିଷୟରେ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ, ୩ ଆହତ

**ବଲାଙ୍ଗୀ,୨।୧୨/ଏନ୍ଏନ୍ଏସ୍:** ପାରିବାରିକ ଘରଡୋଳାକୁ କେନ୍ଦ୍ରକରି ବଲାଙ୍ଗୀ ଥାନା ଅର୍ନ୍ତଗତ ଅରେଇ ସାହି ଗ୍ରାମରେ ଆଜି ମଧ୍ୟାହ୍ନରେ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ନେଇ ବଲାଙ୍ଗୀ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ରୁମା ରାଉତ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ବାପଘର ଠାରେ ଭାଇ ଓ ଦାଦାଙ୍କ ମଧ୍ୟରେ ବହୁବର୍ଷ ଧରି କଳହ ଲାଗି ରହିଥିଲା । କିଛି ଦିନ ତଳେ ଦାଦା ପୂର୍ଣ୍ଣଚନ୍ଦ୍ର ରାଉତ ଓ ତାଙ୍କର ପୁଅ ବାବୁଲା ରାଉତ ଆମ ରୋଷେଇଘର ଭାଙ୍ଗି ଦେଇ ଆମ ଜାଗା ଉପରେ ଘର ତିଆରି ଆରମ୍ଭ କରିବାରୁ ମୋ ଭାଉଜ କବିତା ରାଉତ ମାନ୍ୟବର କୋର୍ଟ ନିକଟରେ କାମ ବନ୍ଦ କରିବାକୁ ଦରଖାସ୍ତ କରିଥିଲେ । କୋର୍ଟ ସ୍ଥିତାବସ୍ଥା ବଜାୟ ରଖିବା ସହ ବିଚାର ସରିବା ପର୍ଯ୍ୟନ୍ତ କେହି କୌଣସି କାମ କରିପାରିବେ ନାହିଁ ବୋଲି ଆଦେଶ ଦେଇଥିଲେ । କିନ୍ତୁ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ପୁଅ ବାବୁଲା ମାନ୍ୟବର କୋର୍ଟଙ୍କ ଆଦେଶକୁ ବେଖାତିର କରି ବାରମ୍ବାର ଘର କାମ କରୁଥିବା ବେଳେ ଗତ ୨୯ ତାରିଖ ଦିନ ବଲାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ । ଗତକାଲି ବାବୁଲା ଓ ପୂର୍ଣ୍ଣଚନ୍ଦ୍ର, ଭାଉଜ ପରିବାର ଲୋକ ଆସି ଥାନାରେ ପହଞ୍ଚି ପଞ୍ଚାୟତ ମାଧ୍ୟମରେ ୩ ତାରିଖ ଦିନ ତୁଟାଇବା ପାଇଁ ସ୍ଥିର କରାଯାଇଥିଲା । ଆଜି ମଧ୍ୟାହ୍ନ ସମୟରେ ମୋର ସ୍ୱାମୀ ସ୍ୱପେଶ୍ୱର ବାହିନୀପତି ଓ ମୋର ଭାଇ ଭରତ ରାଉତ ଭଦ୍ରଲୋକଙ୍କ ପାଖକୁ ଜଣାଇବାକୁ ବାହାରିବା ସମୟରେ ପୂର୍ଣ୍ଣଚନ୍ଦ୍ର ତା'ର ସ୍ତ୍ରୀ ସାବି ରାଉତ, ବାବୁଲା ଓ ତା'ର ସ୍ତ୍ରୀ ବିନି ମିଶି ହାତରେ ମାରଣାସ୍ତ୍ର ଧରି ଚାରିପଟୁ ଘେରି ଆକ୍ରମଣ କରିଥିଲେ । ସେମାନଙ୍କ ଆକ୍ରମଣରେ ତିନିଜଣ ଯାକ ଗୁରୁତର ଆହତ ହୋଇ ତଳେପଡି ଚେତାଶୂନ୍ୟ ହୋଇଯାଇଥିବା ବେଳେ ବଲାଙ୍ଗୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସଙ୍ଗେ ସଙ୍ଗେ ବାବୁଲାର ସ୍ତ୍ରୀକୁ ଆଣି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ବାବୁଲା ଓ ତା'ର ପରିବାର ଫେରାର୍ ଥିବା ଜଣାଯାଇଛି ।

### ଇମ୍ରାନ ସୁସ୍ଥ ଓ ସୁରକ୍ଷିତ ...

ଦାବି କରିବା ପର ଠାରୁ ପାକିସ୍ତାନରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ଜେଲ୍ କର୍ତ୍ତୃପକ୍ଷ ମଧ୍ୟ ଇମ୍ରାନଙ୍କ ପରିବାରକୁ ତାଙ୍କ ସହିତ ଭେଟିବାକୁ ସୁଯୋଗ ଦେଉନଥିବାରୁ ଏହାକୁ ନେଇ ଗୁଜବ ତଥା ସନ୍ଦେହ ବ୍ୟାପକ ହୋଇଥିଲା । ଇମ୍ରାନ୍‌ଙ୍କ ଦଳ ପାକିସ୍ତାନ-ଏ-ତେହରିକ୍-ଇନ୍‌ସାଫ୍ (ପିଟିଆଇ)ର ସମସ୍ତ ନେତା, କର୍ମୀ, ସମର୍ଥକମାନେ ରାଜରାସ୍ତାକୁ ଚାଲିଆସିଥିଲେ ଯାହାଫଳରେ ପାକିସ୍ତାନ ଅଶାନ୍ତ ହୋଇପଡିଥିଲା । ଏସବୁ ମଧ୍ୟରେ ଇମ୍ରାନ୍‌ଙ୍କ ତିନି ଭଉଣୀ ଏବଂ ପୁଅ ତଥା ପିଟିଆଇର କିଛି ବରିଷ୍ଠ ନେତା ଅନେକ ଥର ଜେଲ୍ କର୍ତ୍ତୃପକ୍ଷଙ୍କୁ ଇମ୍ରାନ୍‌ଙ୍କ ସହ ସାକ୍ଷାତ ପାଇଁ ଆବେଦନ ତଥା ଅନୁରୋଧ କରିଥିଲେ ମଧ୍ୟ ଜେଲ୍ କର୍ତ୍ତୃପକ୍ଷ ଅନୁମତି ଦେଇନଥିଲେ । ଇମ୍ରାନଙ୍କ ପୁଅ କାସିମ ଇମ୍ରାନ ଜୀବିତ ଥିବା ନେଇ ପାକିସ୍ତାନ ସରକାରଙ୍କୁ ପ୍ରମାଣ ମାଗିଥିଲେ । ତେବେ ବିବାଦ ଜୋର ହେବାରୁ ରାଓ୍ୱଲପିଣ୍ଡିରେ ଥିବା ଏହି ଆଡିୟାଲା ଜେଲ୍ କର୍ତ୍ତୃପକ୍ଷ ଭଉଣୀ ଉଜମା ଖାନ୍‌ଙ୍କୁ ଇମ୍ରାନଙ୍କୁ ଭେଟିବାର ଅନୁମତି ଦେଇଥିଲେ ।

ପ୍ରକାଶ, ଗତ ନଭେମ୍ବର ୫ ତାରିଖରେ ଇମ୍ରାନ ସାମାଜିକ ଗଣମାଧ୍ୟମରେ ଶେଷ ଥର ଲାଗି କରିଥିବା ଏକ ପୋଷ୍ଟରେ ତାଙ୍କର କୌଣସି କ୍ଷତି ହେଲେ ସେଥିପାଇଁ ମୁନିର ଦାୟୀ ରହିବେ ବୋଲି ଲେଖିଥିଲେ । ତାଙ୍କ ହତ୍ୟା ଖବର ପ୍ରଚାରିତ ହେବା ପରେ ମୁନିରଙ୍କୁ ସମସ୍ତେ ଦାୟୀ କରିଥିଲେ । ଏହାକୁ କେନ୍ଦ୍ର କରି ଇମ୍ରାନଙ୍କ ୩ ଭଉଣୀ ଏବଂ ପୁଅ ମୁନିରଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଦେଇଥିଲେ ।

### କ୍ଷମା ମାଗିଲେ ୟୁଟ୍ୟୁବର ...

ଶ୍ରୀମନ୍ଦିରକୁ ଯିବା ଉଚିତ୍ ନୁହେଁ । କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି । ଦିନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜଗନ୍ନାଥ ରୂପ ଦର୍ଶନ ପାଇଁ ମା' ରାଧାରାଣୀ ଶ୍ରୀମନ୍ଦିରରେ ପହଞ୍ଚିଥିଲେ । ସେ ମନ୍ଦିର ଭିତରକୁ ଯିବା ସମୟରେ ସେବାୟତମାନେ ତାଙ୍କୁ ଅଟକାଇଥିଲେ । ଯାହାକୁ ନେଇ ମା' ରାଧାରାଣୀ ରାଗିଯାଇ ଅଭିଶାପ ଦେଇଥିଲେ । କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବା ସହ ବିବାହ ହୋଇପାରିବ ନାହିଁ ବୋଲି ମା' ଅଭିଶାପ ଦେଇ ସେଠାରୁ ଚାଲିଯାଇଥିଲେ । ଶୁଭଙ୍କରଙ୍କ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ପରେ ରାଜ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା । ପରେ ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି ଜୋର

# ପଟ୍ଟଚିତ୍ର ସଚେତନତା କର୍ମଶାଳା ଓ ପ୍ରଦର୍ଶନୀ



**ପୁରୀ,୨।୧୨/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ ବିଭାଗ ପ୍ରାୟୋଜିତ ଏବଂ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ଲିମିଟେଡ୍, ଐତିହ୍ୟଗ୍ରାମ ରଘୁରାଜପୁର ପକ୍ଷରୁ ପଟ୍ଟଚିତ୍ର କୁ ନେଇ ଏକ ତ୍ରିଦିବସୀୟ କର୍ମଶାଳା ଓ ପ୍ରଦର୍ଶନୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିଳ୍ପୀଗୁରୁ ଦୀନବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ରବିନ୍ଦ୍ର କୁମାର ବେହେରା, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ଶରତ କୁମାର ସାହୁ, ଭାରତ ସରକାରଙ୍କ ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ବୀର ଭରତ ମାରାଣ୍ଡି ଏବଂ ପୁରୀ କ୍ରିଏଟିଭ କୋ ଅପରେଟିଭ ସୋସାଇଟିର ସଭାପତି ଦେବୀ ପ୍ରସନ୍ନ ନନ୍ଦ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ । ଅତିଥି ମାନେ ପଟ୍ଟଚିତ୍ରର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ସହ ଏହାର ମୌଳିକତା କିପରି ବଜାୟ ରହିବ ଏବଂ ପ୍ରାଚୀନ ଅଙ୍କନ ଶୈଳୀର ଆଧାରରେ ପାରମ୍ପରିକ ପ୍ରାକୃତିକ ରଙ୍ଗର ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବିଭିନ୍ନ ମଠ, ମନ୍ଦିର ଓ ରାଜପ୍ରାସାଦର ପାରମ୍ପରିକ ଚିତ୍ର ଅନୁଧ୍ୟାନ କରି ସେହି ଶୈଳୀକୁ ଆପଣାଇବା ପାଇଁ ଉତ୍ସାହିତ କରିଥିଲେ । ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଭା କୁ ସଞ୍ଚାଳନ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଡକ୍ଟର ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ 'ଅଭିନ୍ନସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ', ରଘୁରାଜପୁର ପକ୍ଷରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟରେ ମଙ୍ଗଳାଚରଣ, ଅଭିନୟ ଏବଂ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ । ପ୍ରକାଶଥାଉ କି, କର୍ମଶାଳାରେ ପୁରୀସଦର ବ୍ଲକ୍‌ରୁ କୋଡ଼ିଏ ଜଣ ଶିଳ୍ପୀ ଯୋଗଦେଇ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ତିନି ତାରିଖରେ ହେବାକୁ ଯାଉଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ଚିତ୍ର ସବୁ ପ୍ରଦର୍ଶିତ ହେବା ସହ ଶିଳ୍ପୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯିବ ।

ନମସ୍କାର
ବୁଧବାର,୩ ଡିସେମ୍ବର, ୨୦୨୫
୬
ନିତିଦିନ NITIDIN

## ଆଜିର ଇତିହାସ

- ୧୭୯୬-ବାଜିରାଓ ଦ୍ୱିତୀୟଙ୍କୁ ମରାଠା ସାମ୍ରାଜ୍ୟର ପେଶୱା କରାଯାଇଥିଲା।
- ୧୮୨୪-ଇଂରେଜମାନେ ପୁଣି ଥରେ କିତ୍ତୁର କିଲ୍ଲାକୁ ଘେରି ନେଇଥିଲେ।
- ୧୮୨୯-ଭାଇସ୍‌ରାୟ ଲର୍ଡ ୱିଲିୟମ୍ ବେଣ୍ଟିକ୍ ସତୀ ପ୍ରଥା ଉପରେ ରୋକ ଲଗାଇଥିଲେ।
- ୨୦୦୮-ମୁମ୍ବାଇ ଠାରେ ଆତଙ୍କବାଦୀ ଆକ୍ରମଣ ପାଇଁ ବିଳାସରାଓ ଦେଶମୁଖ ଇସ୍ତଫା ଦେଇଥିଲେ।
- ୧୯୭୯-ପ୍ରଖ୍ୟାତ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ନିଧନ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** — ସ୍ତ୍ରୀ-ସନ୍ତାନ ପକ୍ଷରୁ ସହଯୋଗ ମିଳିବ। କାମରେ ସୁବିଧା ପାଇବେ। ପ୍ରଗତି ହେବ। ସମାଜରେ ମାନ-ସମ୍ମାନ ବୃଦ୍ଧି ହେବ। ଦୂରଗାମୀ ଯାତ୍ରାର ପରିଣାମ ପାଇବେ। ସ୍ୱାସ୍ଥ୍ୟ ଉତ୍ତମ ରହିବ।

**ବୃଷ** — ବିଦ୍ୟାର୍ଥୀମାନଙ୍କୁ ଲାଭ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। ଯାତ୍ରା ପ୍ରବାସର ସାର୍ଥକ ପରିଣାମ ମିଳିବ। କାମରେ ସୁବିଧା ମିଳିଲେ ପ୍ରଗତି ହେବ। ସମାଜରେ ମାନ-ସମ୍ମାନ ବଢ଼ିବ।

**ମିଥୁନ** — ପୁର୍ବ ନିୟୋଜିତ କାମ ସହଜରେ ସମ୍ପନ୍ନ ହେବ। ମିଳିମିଶି କାମ କରିବା ଦ୍ୱାରା କାମରୁ ଲାଭ ପାଇବେ। ଧୀରେ ଧୀରେ ଲାଭର ମାର୍ଗ ପ୍ରଶସ୍ତ ହେବ। ଉଚିତ ସମୟର ଅପେକ୍ଷା କରନ୍ତୁ।

**କର୍କଟ** — ଆୟର ଖୁବ୍ ଭଲ ଯୋଗ ଅଛି। ସନ୍ତାନର ଉନ୍ନତିର ଯୋଗ ଅଛି। ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ସମ୍ଭବ। ସ୍ୱବିବେକୀ ହୋଇ କାମ କରିବେ। ଭାଇ-ଭଉଣୀଙ୍କ ପ୍ରତି ପ୍ରେମ ବଢ଼ିବ। ଆତ୍ମବିଶ୍ୱାସ ବଢ଼ିବ।

**ସିଂହ** — ବ୍ୟର୍ଥ କାମରେ ସମୟ ନଷ୍ଟ ନକଲେ ଭଲ। ପରିବାରଜନଙ୍କ ସହଯୋଗ ଓ ସମନ୍ୱୟ କାମକୁ ସହଜ କରିବ। ଅନ୍ୟ ସହାୟତାରେ କାମ ପୂରା ହେବ। କାରୋବାରୀ କାମରେ ନୂଆ ତାଳମେଳ ରହିବ।

**କନ୍ୟା** — ଅତିଥିଙ୍କ ଆଗମନ ହେବ। ରାଜକୀୟ କାର୍ଯ୍ୟରୁ ଲାଭ ପାଇବେ। ପୈତୃକ ସମ୍ପତ୍ତି ଦ୍ୱାରା ଲାଭ ମିଳିବ। ପୁରୁଣା ଭୁଲ୍ ପାଇଁ ପଶ୍ଚାତାପ କରିବେ। ଜୀବନସାଥି ସହିତ କରିଥିବା କାମ ଲାଭ ଦେବ।

**ତୁଳା** — ଲାଭରେ ଆଶାତୀତ ବୃଦ୍ଧି ନିଶ୍ଚିତ। ନକାରାତ୍ମକ ବ୍ୟବହାର କରନ୍ତୁ ନାହିଁ। ଉତ୍ସାହ କାରଣରୁ ସକ୍ରିୟତା ବୃଦ୍ଧି ହେବ। ସମାଜରେ ମାନ-ସମ୍ମାନ ବଢ଼ିବ। ଆୟ-ବ୍ୟୟ ସ୍ଥିତି ସମାନ ରହିବ।

**ବିଛା** — ଜୀବନସାଥି ସହିତ ପରାମର୍ଶ ଲାଭଦାୟକ ହେବ। ବ୍ୟାପାରର ସ୍ଥିତି ଖୁବ୍ ଭଲ ରହିବ। ଶୁଭ କାର୍ଯ୍ୟରେ ଲାଭଦାୟକ ପରିଣାମ ପାଇବେ। କାମକାର୍ଯ୍ୟ ଅଧିକତା ରହିବ। ବ୍ୟବସାୟ ଆରମ୍ଭ କରିପାରନ୍ତି।

**ଧନୁ** — ପ୍ରିୟଜନଙ୍କ ସହିତ ସମାଗମର ଅବସର ପାଇବେ। ଅବରୁଦ୍ଧ କାମ ସମ୍ପନ୍ନ ହେବ। ବ୍ୟସ୍ତତା ଦ୍ୱାରା ସୁଖ-ଆରାମ ପାଇବେ। ଶ୍ରେଷ୍ଠଜନଙ୍କ ସହାନୁଭୂତି ମିଳିବ। ଆତ୍ମୀୟମାନେ ଶ୍ରେଷ୍ଠରେ ରହିବେ।

**ମକର** — କାରୋବାରୀ ଯାତ୍ରାରୁ ନିବୃତ୍ତ ରୁହନ୍ତୁ। ଆୟ-ବ୍ୟୟ ସ୍ଥିତି ସମାନ ରହିବ। ହିତୈଷୀମାନେ କ୍ଷତି କରିପାରନ୍ତି। କାମକାର୍ଯ୍ୟ ସୀମିତ ଭାବରେ କରିବେ। ଦେଣଦାଖା ସମସ୍ୟାରେ ପକେଇବେ।

**କୁମ୍ଭ** — ରାଜକୀୟ କାର୍ଯ୍ୟରୁ ଲାଭ ପାଇବେ। ଶୈକ୍ଷଣିକ କାର୍ଯ୍ୟ ସହଜରେ ପୂରା ହେବ। ସ୍ୱାସ୍ଥ୍ୟ ଉତ୍ତମ ରହିବ। ଶ୍ରମସାଧ କାମରେ ସଫଳ ହେବେ। ମହତ୍ତ୍ୱପୂର୍ଣ୍ଣ କାମରେ ବ୍ୟସ୍ତ ରହିବେ।

**ମୀନ** — ବ୍ୟାପାରର ସ୍ଥିତି ନରମ ରହିବ। ଶତ୍ରୁଭୟ, ଚିନ୍ତା, ସନ୍ତାନକୁ କଷ୍ଟ, ଅପବ୍ୟୟର କାରଣ ହେବେ। ଆୟ-ବ୍ୟୟ ସମାନ ରହିବ। ସ୍ୱାସ୍ଥ୍ୟ ସ୍ଥିତି ମଧ୍ୟ ଦୁର୍ବଳ ରହିବ। କାମକାର୍ଯ୍ୟ ସୀମିତ ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ।**
**ପରମାତ୍ମେତି ଚାପ୍ୟୁକ୍ତୋ ଦେହେସ୍ମିନ୍ ପୁରୁଷଃ ପରଃ। (୧୩/୨୨)**

ଏ ଦେହରେ ପ୍ରକୃତିର ଗୁଣ ସମୂହର ନିକଟବର୍ତ୍ତୀ ଦର୍ଶକ, ଅନୁମୋଦନକାରୀ ଓ ପ୍ରକୃତିର ଗୁଣ ସମୂହର ପରିବର୍ଦ୍ଧକ ଏବଂ ଉପଭୋକ୍ତାଙ୍କୁ ହିଁ ପରମପୁରୁଷ, ମହେଶ୍ୱର ଓ ପରମାତ୍ମା କୁହାଯାଏ। ଦେହରେ ଅବସ୍ଥାନ କାଳରେ ପ୍ରକୃତି ସଂଗେ ଆତ୍ମାର ସମ୍ପର୍କ ଆସିଲେ ସୁଦ୍ଧା ସେ ସ୍ୱରୂପତଃ ସ୍ୱତନ୍ତ୍ର ଓ ନିର୍ଲିପ୍ତ - ଏହା ହିଁ ଏହି ଶ୍ଳୋକର ବିଷୟବସ୍ତୁ।

ଶ୍ରୀ ରାମକୃଷ୍ଣ କହନ୍ତି - ପ୍ରକୃତି ଓ ପୁରୁଷଙ୍କର ମିଳନ ଯୋଗୁ ଏହି ଜଗତର ଆବିର୍ଭାବ ହେଇଛି। ତୁମେ ଜାଣିଛ କି ଏହା କେମିତି କାର୍ଯ୍ୟ କରେ ? ଗୃହସ୍ୱାମୀ ପରିବାରରେ କୋଣସି ଜାଗାରେ ବସି ଗୁରୁତର ବିଷୟ ଚିନ୍ତାରେ ମଗ୍ନ ରୁହନ୍ତି। ଗୃହ-ପତ୍ନୀ ଘରର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି। ମଝିରେ ମଝିରେ ପତ୍ନୀ, ସ୍ୱାମୀଙ୍କୁ ଗୃହରେ ଘଟୁଥିବା ଯାବତୀୟ କାର୍ଯ୍ୟ ସମ୍ବନ୍ଧରେ ଅବଗତ କରାନ୍ତି ଏବଂ ତାଙ୍କ ଠାରୁ ପରାମର୍ଶ ମଧ୍ୟ ନିଅନ୍ତି। ଘରେ ଯାହା ଘଟିଛି ତାକୁ ସେ ଅନୁମୋଦନ କରନ୍ତି ଏବଂ ତା'ପରେ କ'ଣ କରିବାକୁ ହେବ ସେ ବିଷୟରେ ପରାମର୍ଶ ଦିଅନ୍ତି। ଏହିଭଳି ଭାବରେ ଜଗତରେ ପ୍ରକୃତି ଓ ପୁରୁଷ କାର୍ଯ୍ୟ କରନ୍ତି।

# ବିଶ୍ୱ ଦିବ୍ୟାଙ୍ଗ ଦିବସ

ମିଳିତ ଜାତିସଂଘ ଅନୁସାରେ ବିଶ୍ୱର ସମୁଦାୟ ଜନସଂଖ୍ୟାର ୧୫ ପ୍ରତିଶତ ଲୋକ ହେଉଛନ୍ତି ଦିବ୍ୟାଙ୍ଗ। ସେମାନଙ୍କର ଅସାଧାରଣ ପ୍ରତିଭାକୁ ଲୋକମାନଙ୍କ ସହିତ ପରିଚିତ କରେଇବା ପାଇଁ ଓ ସମାଜରେ ସେମାନଙ୍କୁ ସମାନ ଅଧିକାର ଦେବା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଦିବ୍ୟାଙ୍ଗ ଦିବସ। ଇତିହାସ-୧୯୯୨ରୁ ଏହି ଦିବସ ପାଳନ କରାଯାଉଛି। ୧୯୭୬ରେ ମିଳିତ ଜାତିସଂଘ ୧୯୮୧କୁ ଦିବ୍ୟାଙ୍ଗଜନଙ୍କ ଅନ୍ତଃରାଷ୍ଟ୍ରୀୟ ବର୍ଷ ଓ ୧୯୮୩-୯୨କୁ ଦିବ୍ୟାଙ୍ଗଜନଙ୍କ ଦଶକ ଭାବରେ ଘୋଷଣା କରିଥିଲା।



ଉଦ୍ଦେଶ୍ୟ-ଏହି ଦିନ ଦିବ୍ୟାଙ୍ଗ ଲୋକଙ୍କ ପ୍ରତି ବ୍ୟବହାରରେ ପରିବର୍ତ୍ତନ ଆଣିବା, ସେମାନଙ୍କ ଅଧିକାରଗୁଡ଼ିକ ସମ୍ପର୍କରେ ସେମାନଙ୍କୁ ସଚେତନ କରେଇବା ଓ ସମାଜରେ ସମାନ ଅବସର ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଏ।

କାର୍ଯ୍ୟକ୍ରମ- ପୂରା ବିଶ୍ୱରେ ଏହି ଦିନ ଦିବ୍ୟାଙ୍ଗମାନଙ୍କର ଉନ୍ନତି, ସ୍ୱାସ୍ଥ୍ୟ ଓ ସାମାଜିକ-ଆର୍ଥିକ ସ୍ଥିତିକୁ ଆହୁରି ଉତ୍କୃଷ୍ଟ କରେଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଆମ ଦେଶରେ ଏହି ଦିନ କଳା ପ୍ରଦର୍ଶନୀ ଓ ଛାତ୍ରବୃତ୍ତି ବିତରଣ ପରି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯାଏ।

ଅନ୍ତଃରାଷ୍ଟ୍ରୀୟ, ରାଷ୍ଟ୍ରୀୟ ଓ କ୍ଷେତ୍ରୀୟ ସ୍ତରରେ ଦିବ୍ୟାଙ୍ଗଜନଙ୍କ ପୁନଃଉଦ୍ଧାର, ସେମାନଙ୍କ ରୋକଥାମ, ପ୍ରଚାର ଓ ସମାଜରେ ସେମାନଙ୍କୁ ସମାନ ସ୍ଥାନ ଦେବା ଉପରେ ଜୋର୍ ଦେବା ପାଇଁ ଏହି ଯୋଜନାକୁ ପ୍ରସ୍ତୁତ କରାଯାଇଥିଲା। ତେଣୁ ଏହି ଦିବସର ଅବସରରେ ଆମେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସହାୟତା କରିବା ଆବଶ୍ୟକ। ସେମାନଙ୍କ ସହିତ କୌଣସି ପ୍ରକାରର ଭେଦଭାବ କରିବା ଉଚିତ ନୁହେଁ। ତେବେ ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ବିକଳାଙ୍ଗ ଶବ୍ଦ ବଦଳରେ 'ଦିବ୍ୟାଙ୍ଗ' ଶବ୍ଦର ବ୍ୟବହାର କରିବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଇଥିଲେ।

# ପିଲାଙ୍କୁ ବି ହୋଇପାରେ ସିଓପିଡି

ପ୍ରତିବର୍ଷ ନଭେମ୍ବର ମାସକୁ ସିଓପିଡି ସଚେତନତା ମାସ ଭାବରେ ପାଳନ କରାଯାଏ। ସିଓପିଡି ବା କ୍ରନିକ୍ ଅବଷ୍ଟ୍ରକଟିଭ୍ ପଲ୍ମୋନାରୀ ଡିଜିଜକୁ ସାଧାରଣତଃ ବୟସ୍କମାନଙ୍କର ରୋଗ ଭାବରେ ଗ୍ରହଣ କରାଯାଏ। କିନ୍ତୁ ଅଧ୍ୟୟନରୁ ଜଣାପଡ଼ିଛି ଯେ ପିଲାମାନଙ୍କ ମଧ୍ୟରେ ଏହାର ବିପଦ ବୃଦ୍ଧି ପାଇପାରେ। ଅନେକ ସହରରେ ବୃଦ୍ଧି ପାଉଥିବା ପ୍ରଦୂଷଣର ସ୍ତର, ଖରାପ ବାୟୁ ଗୁଣବତ୍ତା ସୂଚକାଙ୍କ ସହିତ ସେକେଣ୍ଡ୍ ହ୍ୟାଣ୍ଡ୍ ଧୂଆଁ ସମ୍ପର୍କରେ ଆସିଲେ ଓ ପିଲାଦିନେ ହେଉଥିବା ଶ୍ୱସନ ସମ୍ବନ୍ଧୀୟ ସଂକ୍ରମଣ କାରଣରୁ ଯୁବ ଫୁସ୍‌ଫୁସ୍‌ଗୁଡ଼ିକୁ ବହୁତ ଅଧିକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ବାୟୁମାର୍ଗ ବା ଫୁସ୍‌ଫୁସ୍‌ର ଅନ୍ୟ ଭାଗଗୁଡ଼ିକର କ୍ଷତି ହେବା କାରଣରୁ ସ୍ୱେଲିଂ ସହିତ ଅନ୍ୟ ସମସ୍ୟାଗୁଡ଼ିକ ବାୟୁ ପ୍ରବାହକୁ ଅବରୋଧ କରନ୍ତି ଓ ନିଃଶ୍ୱାସ-ପ୍ରଶ୍ୱାସ ନେବାର ପ୍ରକ୍ରିୟାକୁ ଜଟିଳ କରି ବ୍ୟକ୍ତିକୁ ସମସ୍ୟାରେ ପକାଇ ଦିଅନ୍ତି। ବିଶେଷଜ୍ଞଙ୍କ ଅନୁସାରେ ଯେଉଁ ପିଲାମାନଙ୍କର ପୂର୍ବରୁ ଫୁସ୍‌ଫୁସ୍ ଜନିତ ରୋଗ ରହିଛି ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ରହିଥାଏ ଓ ଋତୁ ପରିବର୍ତ୍ତନ ହେବା ମାତ୍ରେ ସେମାନେ ଅଧିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଯେତେବେଳେ ପାଗ ଅଧିକ ଥଣ୍ଡା ହୋଇଯାଏ, ଶୀତଦିନେ ପ୍ରଦୂଷଣର ସମସ୍ୟା ବୃଦ୍ଧି ପାଏ ବା ମନସୁନ୍‌ରେ ଭାଇରସ୍ ଦ୍ରୁତଗତିରେ ବ୍ୟାପିଯାଏ ଏହିପରି ପିଲାମାନଙ୍କର ନିଃଶ୍ୱାସ ନେବାରେ ସମସ୍ୟା ହୁଏ, କାଶ ହେବା ସହିତ ସେମାନେ ଅସ୍ତବ୍ୟସ୍ତ ଓ କ୍ଳାନ୍ତ ହୋଇଯାଆନ୍ତି। ଯଦିଓ ସିଓପିଡି ଧୀରେ ଧୀରେ ବିକଶିତ ହୁଏ ଏହା ସତ୍ତ୍ୱେ ଅନେକ ବିପଦପୂର୍ଣ୍ଣ କାରକ ଅଛନ୍ତି ଯେଉଁଗୁଡ଼ିକ ଫୁସ୍‌ଫୁସ୍‌ର କ୍ଷତି କରିପାରନ୍ତି। ତେବେ ବର୍ଷା ଓ ଶୀତଦିନେ ଆର୍‌ଏସ୍‌ଭି, ଇନ୍‌ଫ୍ଲୁଏଞ୍ଜା, ରାଇନୋ ଭାଇରସ୍ ପରି ଭାଇରସ୍‌ଗୁଡ଼ିକ ଦ୍ରୁତଗତିରେ ବ୍ୟାପିଯାଆନ୍ତି। ଏସବୁ ଭାଇରସ୍ ଫୁସ୍‌ଫୁସ୍‌ରେ ସ୍ୱେଲିଂ ବୃଦ୍ଧି କରାଇ କଫ ଜମା କରନ୍ତି ଓ ଶ୍ୱାସ ନଳୀକୁ ସଂକୁଚିତ କରାଇ ଦିଅନ୍ତି। ଏହାର ପରିଣାମସ୍ୱରୂପ କାଶ ହୁଏ, ନିଃଶ୍ୱାସ-ପ୍ରଶ୍ୱାସ ନେବାରେ ଅସୁବିଧା ହୁଏ, ଅସ୍ତବ୍ୟସ୍ତ ଲାଗେ ଓ କେବେ କେବେ ନିଃଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହୁଏ।



# ମା' ରମାଦେବୀ

ମାତୃତ୍ୱ, ତ୍ୟାଗ, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଶ୍ରୀମତୀ ରମାଦେବୀ ଚୌଧୁରୀ। ସେ ଥିଲେ ପୂରା ଦେଶର ଗର୍ବ ଓ ଗୌରବ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଥିଲା ଅତୁଳନୀୟ। ୧୮୯୯ ମସିହାର ଆଜିର ଦିନରେ କଟକ ନିକଟସ୍ଥ ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ମା' ରମାଦେବୀ। ପିତା ଗୋପାଳ ବଲ୍ଲଭ ଦାସ ଓ ମାତାଙ୍କ ନାମ ଥିଲା ବସନ୍ତ କୁମାରୀ ଦେବୀ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ସେ ଥିଲେ ଝିଆରୀ। ପିଲାଟି ଦିନରୁ ହିଁ ଦେଶ ପ୍ରତି ତାଙ୍କର ଭଲପାଇବା ରହିଥିଲେ ମଧ୍ୟ ୨୦ ବର୍ଷ ବୟସରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୨୧ରେ ମହାତ୍ମା ଗାନ୍ଧୀଙ୍କର ଦୁଇଟି ସାଧାରଣ ସଭାରେ ଉଦ୍‌ବୁଦ୍ଧ ହୋଇ ନିଜର ବହୁମୂଲ୍ୟ ୨୦୦ ଭରି ଅଳଙ୍କାର ଓ ଅନେକ ମୂଲ୍ୟବାନ ଦ୍ରବ୍ୟ ଗାନ୍ଧିଜୀଙ୍କ ସ୍ୱରାଜ ପାଣ୍ଠିକୁ ଦାନ କରିବା ପରଠାରୁ ସେ ଆଜୀବନ ଖଦି ବସ୍ତ୍ର ପରିଧାନ କରିବା ପାଇଁ ସଂକଳ୍ପ ନେଇଥିଲେ। ରାଜ୍ୟର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ଭାବେ ଗାନ୍ଧିଜୀଙ୍କ ଆହ୍ୱାନକ୍ରମେ ସେ ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଏପରିକି ୧୯୩୪ର ଶ୍ରୀକ୍ଷେତ୍ର ହରିଜନ ସମାବେଶ ସହ ଶ୍ରୀମନ୍ଦିର ସମ୍ମୁଖରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନର ମୁଖ୍ୟ ଦାୟିତ୍ୱ ସେ ନେଇଥିଲେ। ତାଙ୍କର ବ୍ୟକ୍ତିତ୍ୱ ଓ ଓଜସ୍ୱିନୀ ଭାଷଣରେ ମନ୍ତ୍ରମୁଗ୍ଧ ହେଉଥିଲେ ଶ୍ରୋତାମାନେ। ବିନୋବା ଭାବେଙ୍କ ଭୂଦାନ ଓ ଗ୍ରାମଦାନ ଆନ୍ଦୋଳନରେ ସାମିଲ ହୋଇ ଅନେକ ଥର କାରାବରଣ କରିଥିଲେ ମଧ୍ୟ ସେ କେବେ ମଧ୍ୟ ପରାଜୟ ସ୍ୱୀକାର କରିନଥିଲେ। ବଡ଼ବାପା ମଧୁସୂଦନ ଦାସ ଓ ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଗଢ଼ିଥିଲେ 'ବରି ଆଶ୍ରମ'। ମହିଳା ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ତାଙ୍କର ପ୍ରୟାସ ପାରମ୍ପରିକ ପ୍ରତିବନ୍ଧକୁ ଭାଙ୍ଗି ଅଗଣିତ ମହିଳାଙ୍କ ସ୍ୱପ୍ନକୁ ସାକାର କରାଇ ପାରିଥିଲା। ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଜଣାଇ ତାଙ୍କୁ ପଦ୍ମଭୂଷଣରେ ସମ୍ମାନିତ କରାଯିବା ସହିତ ପ୍ରତିଷ୍ଠା କରାଯାଇଥିଲା ରମାଦେବୀ ମହିଳା ମହାବିଦ୍ୟାଳୟ। ୨୨ ଜୁଲାଇ, ୧୯୮୫ ମସିହାରେ ଏହି ସ୍ୱାଧୀନତା ସଂଗ୍ରାମୀଙ୍କର ତିରୋଧାନ ହୋଇଥିଲା।



# 'ବର୍ଡର-୨'ର କ୍ଲାଇମାକ୍ସ ସୁଟିଂ



ଆସନ୍ତା ଜାନୁଆରୀ ୨୩ ତାରିଖରେ ରିଲିଜ ହେବ ଫିଲ୍ମ 'ବର୍ଡର-୨'। ଏଥିରେ ସନି ଦେଓଲଙ୍କ ସହିତ ଅହାନ ସେଟ୍ଟି, ଦିଲ୍‌ଜିତ ଦୋସାଂଝ ଓ ବରୁଣ ଧୱନଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟିକୁ ପ୍ରଡ୍ୟୁସ୍ କରୁଛନ୍ତି ନିଧି ଦତ୍ତା, ଜେପି ଦତ୍ତା, ଭୂଷଣ କୁମାର ଓ କ୍ରିଷ୍ଣା କୁମାର। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅନୁରାଗ ସିଂହ। ତେବେ ଆସନ୍ତା ବର୍ଷ ରିଲିଜ ହେବାକୁ ଥିବା ବଡ଼ ବଡ଼ ଫିଲ୍ମ ମଧ୍ୟରେ ରହିଛି 'ବର୍ଡର-୨'ର ନାମ। ପ୍ରଥମ ପାର୍ଟକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଥିବା ବେଳେ ଏହାର ଦ୍ୱିତୀୟ ପାର୍ଟଟି କିପରି କମାଲ୍ କରିବ ତାହା ଦେଖିବାର ବିଷୟ। ୧୯୯୭ରେ ଦେଶର ସବୁଠାରୁ ବଡ଼ ୱାର୍ ଫିଲ୍ମ ଭାବରେ ରିଲିଜ ହୋଇଥିଲା 'ବର୍ଡର'। ଦୀର୍ଘ ଦିନ ପରେ ପୁଣି ଥରେ ସନି ଦେଓଲଙ୍କୁ ଆକ୍ସନ୍ ଅବତାରରେ ଏଥିରେ ଦେଖିବାକୁ ମିଳିବ। ଅନେକ ଦିନ ହେବ 'ବର୍ଡର-୨'କୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଫିଲ୍ମର ସୁଟିଂ ଏହି ମାସ ଶେଷ ହେବାର ଅଛି। ନିର୍ମାତାମାନେ ମଧ୍ୟ ଫିଲ୍ମଟିର କ୍ଲାଇମାକ୍ସ ଉପରେ ଖୁବ୍ ଗୁରୁତ୍ୱ ଦେଉଛନ୍ତି ଯେଉଁଥିରେ ଭରି ରହିବ ଜୋର୍‌ଦାର ଆକ୍ସନ। ଏଥିପାଇଁ ସନି ଦେଓଲ ତିନି ଦିନ ଧରି କ୍ଲାଇମାକ୍ସ ଦୃଶ୍ୟର ସୁଟିଂ କରିବେ ଯାହାକୁ ଆଡିସନ୍ କ୍ଲାଇମାକ୍ସ ବୋଲି କୁହାଯାଉଛି। ତେଣୁ ଖବର ଅନୁସାରେ ଏହି ମାସର ୧୬, ୧୭, ୧୮ ତାରିଖରେ ଏହାର ଆକ୍ସନ୍ ସିକ୍ୱେନ୍ସର ସୁଟିଂ ହେବ। ତେବେ ସନିଙ୍କର ତିନି ଦିନର ସୁଟିଂ ପରେ ୧୯ ତାରିଖରେ ସୁନିଲ ସେଟ୍ଟିଙ୍କ ପୁଅ ଅହାନ ସେଟ୍ଟି ନିଜ ଭାଗର ବଳକା ଅଂଶର ସୁଟିଂ ଶେଷ କରିବେ ଓ ଫିଲ୍ମର ସୁଟିଂ କାମ ଶେଷ ହୋଇ ପୋଷ୍ଟ-ପ୍ରଡକ୍ସନ୍ କାମ ଆରମ୍ଭ ହେବ ଓ ଫିଲ୍ମଟି ସିନେମା ଘରଗୁଡ଼ିକରେ ରିଲିଜ ହୋଇଯିବ।



# ବିହାରର ଗାନ୍ଧୀ



୩ ଡିସେମ୍ବର, ୧୮୮୪ରେ ବିହାରର ଏକ ଛୋଟ ଗ୍ରାମ ଜୀରାଦେଇ ଠାରେ ଜନ୍ମଗ୍ରହଣ କରିଥିଲେ ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ। ନିଜର ନିଷ୍ଠା ଓ ଦକ୍ଷତାର ସହିତ ଦେଶକୁ ଏକ ଶକ୍ତ ନେତୃତ୍ୱ ସେ ପ୍ରଦାନ କରିଥିଲେ। ସେ ଥିଲେ ଦେଶର ସ୍ୱାଧୀନତା ଆନ୍ଦୋଳନର ଜଣେ ପ୍ରମୁଖ ନେତା ଯିଏ ଗାନ୍ଧିଜୀଙ୍କ ନେତୃତ୍ୱରେ କାମ କରିବା ସହିତ ସତ୍ୟାଗ୍ରହଗୁଡ଼ିକରେ ଭାଗ ନେଇଥିଲେ। ଜାତୀୟ କଂଗ୍ରେସର ଅଧ୍ୟକ୍ଷ ଭାବରେ ସେ ତିନି ଥର କାର୍ଯ୍ୟ କରିଥିଲେ। ୧୯୪୬ରେ ସେ ସମ୍ବିଧାନ ସଭାର ଅଧ୍ୟକ୍ଷ ଭାବରେ ଚୟନିତ ହେଲେ। 'ସର୍ଚ୍ଚଲାଇଟ୍' ଓ 'ଦେଶ' ପରି ସମାଚାର ପତ୍ରଗୁଡ଼ିକ ପାଇଁ ଲେଖି ଦେଶ ପାଇଁ ଧନ ଏକତ୍ରିତ କରିଥିଲେ। ସେ ନିଜର ଆତ୍ମକଥା ଓ କେତୋଟି ପୁସ୍ତକ ମଧ୍ୟ ଲେଖିଛନ୍ତି। ଆମ ଦେଶ ଏକ ଗଣତନ୍ତ୍ର ରାଷ୍ଟ୍ର ଭାବରେ ମାନ୍ୟତା ପାଇବା ପରେ ଡକ୍ଟର ପ୍ରସାଦ ହୋଇଥିଲେ ପ୍ରଥମ ରାଷ୍ଟ୍ରପତି। ପରାଧୀନ ଭାରତର ଅଧିବକ୍ତା ଭାବରେ ଓ ଦେଶର ନବ ନିର୍ମାଣରେ ଯେଉଁଭଳି ଭାବରେ ସେ ଦେଶର ସେବା କରିଥିଲେ ତାହା ଥିଲା ଅତୁଳନୀୟ। ୧୯୩୪-୩୫ରେ ଦେଶରେ ହୋଇଥିବା ଭୂମିକମ୍ପ ପୀଡ଼ିତମାନଙ୍କୁ ସେବା ଦେବା, ଗାନ୍ଧିଜୀଙ୍କ ବିଚାରକୁ ବିହାରର ଜନତାଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପରି କାର୍ଯ୍ୟ ପାଇଁ ତାଙ୍କୁ 'ବିହାରର ଗାନ୍ଧୀ' ବୋଲି କୁହାଯାଏ। ବିହାରର ନୀଳ ଚାଷୀମାନଙ୍କୁ ଇଂରେଜ ସରକାର ଉଚିତ ବେତନ ନଦେବା ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରିବାକୁ ଗାନ୍ଧିଜୀ ସେଠାକୁ ଯାଇଥିବା ବେଳେ ତାଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇ ସେ ଚାକିରି ଛାଡ଼ି ସବିନୟ ଆନ୍ଦୋଳନରେ ଯୋଗ ଦେଇଥିଲେ। ହିନ୍ଦୀ, ଉର୍ଦ୍ଦୁ, ବଙ୍ଗାଳୀ ଏବଂ ଫାର୍ସୀ ଭାଷା ଉପରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ। ୧୯୫୭ରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଭାବରେ ଚୟନିତ ହେବା ପରେ ୧୯୬୨ ପର୍ଯ୍ୟନ୍ତ ଶାସନ କରି ନିଜ ପଦକୁ ତ୍ୟାଗ କରି ସେ ପାଟ୍‌ନା ଚାଲି ଯାଇଥିଲେ। ସେହି ବର୍ଷ ତାଙ୍କ ରାଜନୈତିକ ଓ ସାମାଜିକ ଯୋଗଦାନ ପାଇଁ ତାଙ୍କୁ 'ଭାରତ ରତ୍ନ' ଉପାଧିରେ ଭୂଷିତ କରାଯାଇଥିଲା। ଏହି ବିନମ୍ର ବ୍ୟକ୍ତି ଜଣକ ୨୮ ଫେବୃଆରୀ, ୧୯୬୩ରେ ମୃତ୍ୟୁବରଣ କରିଥିଲେ।

# ଯୁବ କ୍ରାନ୍ତିକାରୀ-ଖୁଦିରାମ



ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ କ୍ରାନ୍ତିକାରୀମାନଙ୍କର ଶହ ଶହ ସାହସିକ କାରନାମାଗୁଡ଼ିକ ଦ୍ୱାରା ଭରି ରହିଛି। ଏହି କ୍ରାନ୍ତିକାରୀମାନଙ୍କ ସୂଚୀରେ ରହିଛି ଖୁଦିରାମ ବୋଷଙ୍କ ନାମ। ୧୮୮୯ର ଆଜିର ଦିନରେ ପଶ୍ଚିମବଙ୍ଗରେ ସ୍ଥିତ ମେଦିନୀପୁରର ହବିବପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ସଂଗ୍ରାମୀ ଖୁଦିରାମ ବୋଷ। ଅତି କମ୍ ବୟସରୁ ମାତାପିତାଙ୍କୁ ହରାଇଥିବା ଖୁଦିରାମ ମାତ୍ର ୧୫ ବର୍ଷ ବୟସରେ ସ୍ୱୟଂସେବକ ସଂଘ ସହିତ ଜଡ଼ିତ ହୋଇଗଲେ। ବଙ୍ଗର ବିଭାଜନ ପରେ ସେ ତାଙ୍କର କ୍ରାନ୍ତିକାରୀ ଜୀବନର ଆରମ୍ଭ କରିଥିଲେ ସତ୍ୟେନ୍ଦ୍ରନାଥ ବୋଷଙ୍କ ନେତୃତ୍ୱରେ। ରିଭୋଲ୍ୟୁସ୍‌ନାରୀ ପାର୍ଟିର ସଦସ୍ୟ ହୋଇ 'ବନ୍ଦେ ମାତରମ୍'ର ପର୍ଚ୍ଚା ବାଣ୍ଟିବାକୁ ଲାଗିଲେ। ଏହାପରେ ସେ ଗିରଫ ହୋଇ ଜେଲ୍‌ରୁ ଲୁଚି ପଳେଇବାରେ ସଫଳ ହୋଇଥିଲେ। କିନ୍ତୁ ଦୁଇ ମାସ ପରେ ପୁଣି ଧରାପଡ଼ି ଯାଇଥିଲେ। ଏହାପରେ ତାଙ୍କୁ ଚେତାବନୀ ଦେଇ ମୁକ୍ତ କରାଯାଇଥିଲା। ୧୯୦୨-୦୩ ମଧ୍ୟରେ ଶ୍ରୀ ଅରବିନ୍ଦ ଓ ଭଗିନୀ ନିବେଦିତା ସାର୍ବଜନିକ ବ୍ୟାଖ୍ୟାନର ଏକ ଶୃଙ୍ଖଳା ଦ୍ୱାରା ଦେଶର ସ୍ୱାଧୀନତା ପାଇଁ ସେତେବେଳର କ୍ରାନ୍ତିକାରୀ ସମୂହଗୁଡ଼ିକ ସହିତ ବିଭିନ୍ନ ସ୍ଥାନରେ ସଭାର ଆୟୋଜନ କରୁଥିଲେ। ସେହି ସମୟରେ ଚର୍ଚ୍ଚାର ପରିସରକୁ ଆସିଥିଲେ ଖୁଦିରାମ ବୋଷ। ଏହାପରେ ପ୍ରଫୁଲ୍ଲ ଚକିଙ୍କ ସହିତ ମିଶି ଖୁଦିରାମ ବୋଷ ୧୯୦୮ରେ ମୁଜଫରପୁରରେ ଏକ ପାର୍ସଲ୍ ବୋମା ଦ୍ୱାରା ମାଜିଷ୍ଟ୍ରେଟ୍ କିଙ୍ଗ୍‌ସଫୋର୍ଡଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ କରିଥିଲେ ଇଂରେଜମାନେ। କିଙ୍ଗ୍‌ସଫୋର୍ଡ ତ ପାର୍ସଲ୍ ଖୋଲି ନଥିଲେ କିନ୍ତୁ ତାଙ୍କ ପରିବର୍ତ୍ତେ ଜଣେ କର୍ମଚାରୀଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ମାତ୍ର ୧୮ ବର୍ଷ ବୟସରେ ତାଙ୍କୁ ଫାଶୀ ଦିଆଯାଇଥିଲା।

# ଦୁନିଆର ରବର ରାଜଧାନୀ

ଆମେରିକାର ଓହାୟୋ ରାଜ୍ୟରେ ସ୍ଥିତ ଆକ୍ରୋନ ସହର ଯାହାକୁ ଦୁନିଆର ରବର ରାଜଧାନୀ ବୋଲି କୁହାଯାଏ। ଏହି ଉପାଧି ମିଳିବାର କାରଣ ସେଠାରେ ଦୁନିଆର ସବୁଠାରୁ ବଡ଼ ଟାୟାର ଓ ରବର ହବ୍ ଥିଲା। ସେହି ସହରରୁ ଅନେକ ବଡ଼ ବଡ଼ କମ୍ପାନୀର ପ୍ରାରମ୍ଭ ମଧ୍ୟ ହୋଇଥିଲା। ଏହି ସହରଟି ରବର ଓ ଟାୟାର୍ ଉଦ୍ୟୋଗର ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର। ସେଠାରେ ଗୁଡ୍‌ଇୟର ପରି ବଡ଼ ବଡ଼ କମ୍ପାନୀର ନିର୍ମାଣ ହୋଇଥିଲା ଓ ଟାୟାର୍ ତିଆରି କରିବା କ୍ଷେତ୍ରରେ ଏହି ସହର ଆଗକୁ ବଢ଼ିଥିଲା। ୧୮୭୦ରେ ଡକ୍ଟର ବେଞ୍ଜାମିନ ଫ୍ରାଙ୍କଲିନ ଗୁଡ୍‌ରିଚ ସେଠାରେ ଗୁଡ୍‌ରିଚ କମ୍ପାନୀର ସ୍ଥାପନା କରିଥିଲେ। ଏହାପରେ ଗୁଡ୍‌ଇୟର ଟାୟାର କମ୍ପାନୀ, ୧୯୦୦ରେ ଫାୟାର୍‌ଷ୍ଟୋନ ଟାୟାର୍ ଆଣ୍ଡ୍ ରବର କମ୍ପାନୀ ଓ ୧୯୨୫ରେ ଜନ୍ମ ନେଲା ଜେନେରାଲ୍ ଟାୟାର୍। ୧୯୩୦ ପର୍ଯ୍ୟନ୍ତ ଆକ୍ରୋନ କାରଖାନା ଆମେରିକାର ୪୦ ପ୍ରତିଶତ ଟାୟାର୍ ତିଆରି କରୁଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ଆକ୍ରୋନ ସିନ୍ଥେଟିକ୍ ରବର ଉତ୍ପାଦନର ପ୍ରମୁଖ କେନ୍ଦ୍ର ଥିଲା। ୧୯୭୦ ପରେ ଏହି ଉଦ୍ୟୋଗ ଦୁର୍ବଳ ହୋଇଗଲା କିନ୍ତୁ ଏହି ସହର ପୋଲିମର୍ ସାଇନ୍ସ ଓ ହାଇ-ଟେକ୍ ଉଦ୍ୟୋଗଗୁଡ଼ିକର କେନ୍ଦ୍ର ହୋଇ ପୁଣି ଥରେ ନିଜର ମଜଭୁତ ପରିଚୟ ସୃଷ୍ଟି କରିଥିଲା। ଚାର୍ଲସ୍ ଗୁଡ୍‌ଇୟରର ଭଲ୍‌କନାଇଜେସନ (ରସାୟନ) ଆବିଷ୍କାର (ଯେଉଁଥିରେ ରବର ମଜଭୁତ ହୁଏ) ଏହି ସହରକୁ ରବରର ରାଜା କରିଦେଇଥିଲା। ଏକ ସମୟରେ ୧ ଲକ୍ଷରୁ ଅଧିକ ଶ୍ରମିକ ସେଠାରେ କାମ କରୁଥିଲେ ଓ ଏହି ସହର ରବର ସିଟି ନାମରେ ପ୍ରସିଦ୍ଧି ପାଇଥିଲା। ଏବେ ଆକ୍ରୋନର ଜନସଂଖ୍ୟା ପାଖାପାଖି ୧.୮ ଲକ୍ଷ। ସେଠାରେ ଷ୍ଟାନ୍ ହେୱେଟ୍ ହଲ୍ ପରି ଐତିହାସିକ ସ୍ଥଳ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ସହରଟି ଟଏ ସଂଗ୍ରହାଳୟ ଓ ଗଲ୍ଫ ଚାମ୍ପିଅନସିପ୍ ପାଇଁ ମଧ୍ୟ ବେଶ୍ ଜଣାଶୁଣା। ତେବେ କେରଳକୁ ଆମ ଦେଶର ରବର ରାଜଧାନୀ ବୋଲି କୁହାଯାଏ।



## ଫୋନିକ୍ସ ସେବାର ନବମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ସାମାଜିକ ଅନୁଷ୍ଠାନ 'ଫୋନିକ୍ସ ସେବା'ର ନବମ ବାର୍ଷିକ ଉତ୍ସବ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'ଆଧ୍ୟାତ୍ମିକ ପଥରେ ଶିଶୁର ଉନ୍ନତି ଦେଶର ପ୍ରଗତି' ବିଷୟରେ ରାଜ୍ୟସ୍ତରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, କାହାଣୀ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ଅରୁଣ କୁମାର ରଥ, ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ମହାପାତ୍ର, ଡ. ବେରିଅନ ସ୍ୱାଇଁ, ନିବେଦିତା ଭଞ୍ଜ ପ୍ରମୁଖ ଯୋଗଦେଇ କହିଥିଲେ ଯେ ଶିଶୁଟିଏ ରାଷ୍ଟ୍ରର ଜାତୀୟ ସମ୍ପତ୍ତି। ତେଣୁ ଆଧ୍ୟାତ୍ମିକ ମାର୍ଗରେ ଯିବା ଦ୍ୱାରା ତାର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ହେବା ସହ ଏକ ଶୃଙ୍ଖଳିତ ଦେଶ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଭାକୁ ପରିଚାଳନା କରିଥିଲେ ଚମକ ଚାନ୍ଦିନୀ ଦାଶ। ଫୋନିକ୍ସ ସେବାର ଅଧ୍ୟକ୍ଷ ମଲ୍ଲିକ ଅଓ୍ୱେସ ବାର୍ଷିକ ବିବରଣୀ ପାଠ କରିବା ସହ ସଭାପତି ତାପସ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଏତଲା ଦେଲେ ମନ୍ମଥ



**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ବିଜୁ ଜନତା ଦଳ (ବିଜେଡି)ର ନେତା ମନ୍ମଥ ରାଉତରାୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କଥିତ ଅପମାନଜନକ ମନ୍ତବ୍ୟ ଦେଇ ମାମଲାର ସମ୍ମୁଖୀନ ହେବାର କିଛି ଦିନ ପରେ ମନ୍ମଥ ଭୁବନେଶ୍ୱର କ୍ୟାପିଟାଲ୍ ଥାନାରେ ଦୁଇଟି ପୃଥକ ଅଭିଯୋଗ ଦାୟର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିକଟରେ ବିଭିନ୍ନ ସର୍ବସାଧାରଣ ସଭାରେ 'ଜାତିଗତ ଅପମାନଜନକ' ଏବଂ 'ଅଶ୍ଳୀଳ' ମନ୍ତବ୍ୟ ଦେଇଛନ୍ତି। ପ୍ରଥମ ଅଭିଯୋଗରେ ମନ୍ମଥ ଦର୍ଶାଇଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ସାଧାରଣ ସଭାରେ କହିଥିଲେ ଯେ କେନ୍ଦୁଝରରେ ତାଙ୍କ ସମ୍ପ୍ରଦାୟର ଝିଅମାନେ 'କଳା' ଏବଂ ସେ ଫିକା/ଗୋରା ରଙ୍ଗର ଝିଅ ବାଛିବା ପାଇଁ ମୟୂରଭଞ୍ଜରେ ବୋହୂ ଖୋଜିବାକୁ ପଡ଼ିଥିଲା। ମନ୍ମଥ ରାଉତରାୟ ଦାବି କରିଛନ୍ତି ଯେ ଏହି ମନ୍ତବ୍ୟ ସ୍ପଷ୍ଟ ଭାବରେ ଚର୍ମର ରଙ୍ଗକୁ ଭିତ୍ତି କରି ଭେଦଭାବ ସୃଷ୍ଟି କରୁଛି ଏବଂ ଏହା ଅତ୍ୟନ୍ତ ଆପତ୍ତିଜନକ। ଏହା ସାମାଜିକ ସଦ୍ଭାବନା ତଥା ସମ୍ପ୍ରଦାୟର ଗୌରବକୁ କ୍ଷତି ପହଞ୍ଚାଉଛି। ସେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସକୁ ଅନୁରୋଧ କରିଛନ୍ତି।

ଅନ୍ୟ ଏକ ଅଭିଯୋଗରେ ମନ୍ମଥ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ଅଶ୍ଳୀଳ ଶବ୍ଦ ବ୍ୟବହାର କରିଛନ୍ତି, ଯାହା ସର୍ବସାଧାରଣ ସ୍ଥାନରେ କହିବା ଏକ ଅପରାଧ। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଅପମାନଜନକ ଢଙ୍ଗରେ 'ପାଣ୍ଡୁ' ଶବ୍ଦର ଉଚ୍ଚାରଣ କରିବା ଦ୍ୱାରା କେବଳ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ନୁହନ୍ତି, ବରଂ ଏହା ଏକ ସମଗ୍ର ସମ୍ପ୍ରଦାୟକୁ ଅପମାନିତ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଘଟଣା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମାଝୀଙ୍କ ବିରୋଧରେ କଥିତ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବିଜେଡି ନେତା ମନ୍ମଥ ରାଉତରାୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ବିଜେପିର ଆଇନଗତ ସେଲ୍‌ର ଅଭିଯୋଗ କ୍ରମେ ସାଇବର ପୁଲିସ୍ ତାଙ୍କ ବିରୋଧରେ ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

### ଜିଲ୍ଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା କର୍ମଶାଳା

# 'ଆତ୍ମନିର୍ଭର ଭାରତ ଗଠନରେ ବ୍ୟବସାୟର ସରଳୀକରଣ ଗୁରୁତ୍ୱପୂର୍ଣ୍ଣ'



**କଟକ,୨।୧୨/ଏନ୍ଏନ୍ଏସ୍:** ଜିଲ୍ଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା କାର୍ମଶାଳା କଟକ ଜିଲ୍ଲାରେ ସଫଳ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଳ୍ପ ନିର୍ଦ୍ଦେଶିକା ଅବୋଲି ସୁନୀଲ ନରଓ୍ୱଣେଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆତ୍ମନିର୍ଭର ଭାରତ ଗଠନରେ ବ୍ୟବସାୟର ସରଳୀକରଣ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି କର୍ମଶାଳାର ଉଦ୍ଦେଶ୍ୟ, ବ୍ୟବସାୟ ସରଳୀକରଣର ଉପାୟ, ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଭୂମିକା, ପ୍ରଚଳିତ ବ୍ୟବସ୍ଥାରେ ଥିବା ସମସ୍ୟାର ସମାଧାନ ଆଦି ଉପରେ ପାଓ୍ୱାର ପଏଣ୍ଟ ମାଧ୍ୟମରେ ଇପିକଲ୍‌ର ଅଧିକାରୀ ତେଜସ କୁଲକର୍ଣ୍ଣୀ ଉପସ୍ଥାପନା କରିଥିଲେ।

ପ୍ରକାଶ ଥାଉ କି ଜିଲ୍ଲା ସଂସ୍କାର କାର୍ଯ୍ୟ ଯୋଜନା ମାଧ୍ୟମରେ ସମୁଦାୟ ୧୫୪ଟି ବିଷୟରେ ବ୍ୟବସାୟ ସଂସ୍କାର ମୂଳକ ପଦକ୍ଷେପ ନିଆଯିବ ଯେଉଁଥିରେ ଜିଲ୍ଲାସ୍ତରରେ ମିଳୁଥିବା ଅନୁମତି, ଲାଇସେନ୍ସ, ଆଦି ୪୬ ଟି ବିଷୟ, ସମୟାନୁବର୍ତ୍ତୀ ଯାଞ୍ଚ ବ୍ୟବସ୍ଥାରେ ୮୬ଟି ବିଷୟ, ଜିଲ୍ଲାସ୍ତରୀୟ ପୁଞ୍ଜିନିବେଶ ସହଜୀକରଣର ୧୧ଟି ବିଷୟ, ଷ୍ଟାର୍ଟ ଅପ ବୃଦ୍ଧିକୁ ପ୍ରୋତ୍ସାହନ ଉପରେ ୪ଟି ବିଷୟ ସମ୍ପତ୍ତି ରେକର୍ଡ ମ୍ୟୁଟେସନ୍ ଓ ଡିଜିଟାଇଜେସନ୍ ଆଦି ୫ଟି ବିଷୟ, ଔଦ୍ୟୋଗିକ କ୍ଷେତ୍ରରେ ୨ଟି ବିଷୟ ଅନ୍ତର୍ଭୁକ୍ତ। ଜିଲ୍ଲାସ୍ତରରେ ହେବାକୁ ଥିବା ଏହି ସଂସ୍କାରମୂଳକ କାର୍ଯ୍ୟଯୋଜନାରେ ଅନ୍ତର୍ଭୁକ୍ତ ଜିଲ୍ଲାମାନଙ୍କର ପ୍ରତିଯୋଗିତା ଭିତ୍ତିରେ ଜାତୀୟ ସ୍ତରରେ ସଫଳତା ମୂଲ୍ୟାୟନ କରାଯିବ। ଏହି କର୍ମଶାଳାରେ ଯୋଗଦେଇ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ଜିଲ୍ଲାରେ ଅନେକ ବିଷୟର ଅନୁମତି ଅନ୍‌ଲାଇନ୍ ମାଧ୍ୟମରେ ଦିଆଯାଉଥିବା ଉଲ୍ଲେଖ କରି ଅନ୍ୟ ବିଷୟଗୁଡ଼ିକ ଉପରେ ଯଥାଶୀଘ୍ର ଅନଲାଇନ ବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ କଟକ ପୌରନିଗମ ଆୟୁକ୍ତ ସୁଶ୍ରୀ କିରଣଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ସମସ୍ତ ବିଭାଗୀୟ ଅଧିକାରୀ, ଶିଳ୍ପ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପୁଞ୍ଜିନିବେଶ ପ୍ରୋତ୍ସାହନ ସଂସ୍ଥା ଟିମ୍ ଲିଡର୍ ସୁସ୍ମାତା ମହାନ୍ତି ଏହି କର୍ମଶାଳା ଆୟୋଜନରେ ସହାୟତା କରିଥିଲେ। ସୂଚନାଯୋଗ୍ୟ ଭାରତବର୍ଷକୁ ୨୦୪୭ ମସିହାସୁଦ୍ଧା ସମ୍ପୂର୍ଣ୍ଣ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ନିମନ୍ତେ ଭାରତ ସରକାର ବିଭିନ୍ନ ଯୋଜନାମାନ ରୂପାୟନ କରୁଛନ୍ତି। ଭାରତ ସରକାର ଅତ୍ୟନ୍ତ ଗୁରୁତ୍ୱାରୋପ କରି ଜିଲ୍ଲା ସ୍ତରରେ ବ୍ୟବସାୟ ସଂସ୍କାର ଉପରେ କାର୍ଯ୍ୟଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଓଡିଶାର ୩ଟି ଜିଲ୍ଲା ଗଞ୍ଜାମ, ଖୋର୍ଦ୍ଧା ଓ କଟକ ଏହି ଯୋଜନାରେ ସାମିଲ ହୋଇଛନ୍ତି।

## ଆଜିଠୁ ୨୦୨୭ ମାଟ୍ରିକ ପରୀକ୍ଷା ପାଇଁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ

**କଟକ,୨।୧୨/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬-୨୭ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା ଦେବା ପାଇଁ ଚଳିତ ବର୍ଷ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଡିସେମ୍ବର ୩ ତାରିଖରୁ ଆରମ୍ଭ ହେବ। ରାଜ୍ୟର ସମସ୍ତ ହାଇସ୍କୁଲର ମୁଖ୍ୟମାନେ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଅନ୍‌ଲାଇନ ଜରିଆରେ ଏହି କାର୍ଯ୍ୟ ସମାପନ କରିବେ। ଦେୟ ଓ ଚୂଡ଼ାନ୍ତ ଫର୍ମ ଦାଖଲ ପ୍ରକ୍ରିୟା ଡିସେମ୍ବର ୩ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୭ ତାରିଖ ରାତ୍ର ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ମଧ୍ୟରେ ଦିବାରାତ୍ର ୨୪ ଘଣ୍ଟିଆ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କାର୍ଯ୍ୟ ଚାଲୁରହିବ। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ୬୦ ଟଙ୍କା ହିସାବରେ ପଞ୍ଜୀକରଣ ଦେୟ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ରେଗୁଲାର ଓ କ୍ୱାସି ରେଗୁଲାର ଛାତ୍ରୀଛାତ୍ରଙ୍କର ପଞ୍ଜୀକରଣ ମଧ୍ୟ ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ପଢୁଥିବା ଏସ୍‌ସି ଓ ଏସ୍‌ଟି ବର୍ଗର ରେଗୁଲାଣ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ନିମନ୍ତେ କୌଣସି ଦେୟ ଲାଗିବ ନାହିଁ। ପଞ୍ଜୀକରଣ ନିମନ୍ତେ ଆବେଦନ ପତ୍ରର ଫର୍ମାଟ, ନିର୍ଦ୍ଦେଶାବଳୀ ଓ ଲିଙ୍କ୍ ଆଦି ବୋର୍ଡ ଓ୍ୱେବସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ। ନିର୍ଦ୍ଦେଶାବଳୀ ଭଲ ଭାବେ ପଢ଼ି ସାରିବା ପରେ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପଞ୍ଜୀକରଣ କାର୍ଯ୍ୟ ଶେଷ ପରେ ଡେସ୍କ୍ରିପଟିଭ ରୋଲ ସିଟ୍‌କୁ ଡାଉନ୍‌ଲୋଡ୍ କରି ବୋର୍ଡର ଶାଖା କାର୍ଯ୍ୟାଳୟରେ ଦାଖଲ କରାଯିବ। ଏହି ସମୟ ମଧ୍ୟରେ ନାମ ପଞ୍ଜୀକୃତ କରିପାରିନଥିବା ଛାତ୍ରୀଛାତ୍ରମାନେ ୨୦୨୭ ମାଟ୍ରିକ ପରୀକ୍ଷା ଦେଇପାରିବେ ନାହିଁ। ଏଭଳି କ୍ଷେତ୍ରରେ ସେମାନେ ବୋର୍ଡ ଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ପାଠ୍ୟକ୍ରମରେ ନାମ ପଞ୍ଜୀକୃତ କରି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ। କ୍ୱାସି ରେଗୁଲାର ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ନିକଟବର୍ତ୍ତୀ ରେକଗ୍‌ନାଇଜଡ୍ ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ବୋର୍ଡର ଶାଖା କାର୍ଯ୍ୟାଳୟର ଉପସମ୍ପାଦକ ଲିଖିତ ନିର୍ଦ୍ଦେଶ ଦେବେ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**କଟକ,୨।୧୨/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ ଦୁଇଦିନିଆ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରଦର୍ଶନୀ ନୂଆବଜାର ଗାନ୍ଧୀପଲ୍ଲୀସ୍ଥିତ ନେହରୁ ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୯୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ ସେଥିମଧ୍ୟରୁ ରାଷ୍ଟ୍ରିୟ ଆବିଷ୍କାର କୁଇଜ ପ୍ରତିଯୋଗିତାରେ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନରେ କୃତକାର୍ଯ୍ୟ ହୋଇଥିବା ଶିଶୁମାନେ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେଇଥିଲେ। ସେଠାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନେ ଆଜି ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେଇଥିଲେ। ଏଠାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତିଭାଗୀମାନେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ ବୋଲି ଜଣାପଡ଼ିଛି। ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଦର୍ଶନୀରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କୁନି ବୈଜ୍ଞାନିକମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଅନେକ ଉଦାହରଣ ଦେଇ ବୁଝାଇବା ସହ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏଡିଇଓ) ମନୋରଞ୍ଜନ ବାରିକ, ସନ୍ତୋଷ କୁମାର ସେଠୀ, ଅଭିଜିତ ଭାସ୍କର, ସମସ୍ତ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ସ୍ୱାଇଁ, ଜିଲ୍ଲା ବିଜ୍ଞାନ ସଂଯୋଜକ ଧନଞ୍ଜୟ ବରାଳ, ଜିଲ୍ଲା ନୋଡାଲ ଅଧିକାରୀ ପଞ୍ଚଶିକ୍ଷା ସେତୁ ବିଭୁଦତ୍ତ ବେହେରା, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## କାଠଗଡ଼ା ସାହି କମ୍ୟୁନିଟି ହଲ୍ ନିର୍ମାଣ ଶୁଭାରମ୍ଭ



**କଟକ,୨।୧୨/ଏନ୍ଏନ୍ଏସ୍:** ସିଏମ୍‌ସି ଓ୍ୱାର୍ଡ ନମ୍ବର -୨୬ ଅଞ୍ଚଳର କାଠଗଡ଼ା ସାହିରେ ମଦନ ମୋହନ ଜିଉ କମିଟିର କମ୍ୟୁନିଟି ହଲ ନିର୍ମାଣର ଶୁଭାରମ୍ଭ କରିଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋଷ। ଏହି ନୂତନ କମ୍ୟୁନିଟି ସେଣ୍ଟରଟି ସ୍ଥାନୀୟ ଲୋକଙ୍କ ପାଇଁ ବିଶେଷ ଉପକାରୀ ହେବା ସହ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମହତ୍ତ୍ୱପୂର୍ଣ୍ଣ ସୁବିଧା ଯୋଗାଇବ ବୋଲି ବିଧାୟିକା କହିଛନ୍ତି। ପ୍ରକଳ୍ପକୁ ଶୀଘ୍ର ଗତିରେ ସମାପ୍ତ କରିବାକୁ ବିଧାୟିକା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା, ସଭାପତି ବିଜେନ ଚନ୍ଦ୍ର ସିହ୍ନା, ସମ୍ପାଦକ ସଦାଶିବ ଓଝା, ପୂର୍ବତନ ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ଅଧିକାରୀ ବିରଞ୍ଚି ନାରାୟଣ ମହାରଣା, ମହନ୍ତ ଦୁର୍ଗାଚରଣ ମହାରଣା, ଚନ୍ଦନକୁମାର ଦାସ, ବରିଷ୍ଠ ମୁରବି ଶିବ ପ୍ରସାଦ ସାହୁ, କାଳନ୍ଦି ଓଝା, ସଦାନନ୍ଦ ବେହେରା, ଭାବେଶ ସାହୁ, ଅବଦୁଲ ମୋକିଦ, ଅଜୟ ସାହୁ, କମଳାକାନ୍ତ ରାଣା, ମନୋଜ ରାଣା, ରାଜେନ୍ଦ୍ର ବେହେରା ଓ ବିଟୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପୂଜାମଣ୍ଡପକୁ ଅନୁଦାନ ରାଶି ଦେବାକୁ ନିବେଦନ

**କଟକ,୨।୧୨/ଏନ୍ଏନ୍ଏସ୍:** ଚଳିତ ବର୍ଷ ଦୁର୍ଗାପୂଜା ପୂର୍ବରୁ ରାଜ୍ୟ ସରକାର ଯେଉଁ ମଣ୍ଡପମାନେ ୧୦୦ ବର୍ଷ, ୭୫ ବର୍ଷ ଓ ୫୦ ବର୍ଷ ଧରି ପୂଜା କରି ଆସୁଛନ୍ତି-ସେମାନଙ୍କୁ ଯଥାକ୍ରମେ ୧ ଲକ୍ଷ, ୭୫ ହଜାର ଓ ୫୦ ହଜାର ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ ଏଥିମଧ୍ୟରେ ତିନି ମାସ ଅତିବାହିତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେହି ଅନୁଦାନ ରାଶି ମିଳିନାହିଁ। ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

### ୬ ଦିନ ପରେ ବାରବାଟୀ ମୁକାବିଲା

# ଆଜି ଟିକଟ୍ କିଣିବ ଅନୁବନ୍ଧିତ ୟୁନିଟ୍, ଫ୍ଲଡ୍‌ଲାଇଟ୍ ପରୀକ୍ଷଣ ଆରମ୍ଭ

**କଟକ,୨।୧୨/ଏନ୍ଏନ୍ଏସ୍:** ଭାରତ-ଦକ୍ଷିଣଆଫ୍ରିକା ଟି-୨୦ ପାଇଁ ବାରବାଟୀ ଷ୍ଟାଡିୟମ ପରିସରକୁ କଡ଼ା ସୁରକ୍ଷାବଳୟ ଭିତରକୁ ନିଆଯାଇଥିବା ବେଳେ ଓସିଏ ସମ୍ମିଳନୀ କକ୍ଷରେ ଟିକଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଥର ଟିକଟ ବିକ୍ରି କରିବ। ଆସନ୍ତାକାଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସହ ଅନୁବନ୍ଧିତ ୟୁନିଟ୍‌ଗୁଡ଼ିକ ଟିକଟ କିଣିବେ। ଅନୁବନ୍ଧିତ ୟୁନିଟ୍ ସଂଖ୍ୟା ୭୩ ଥିବା ବେଳେ ଓସିଏ କାର୍ଯ୍ୟାଳୟ ସଦସ୍ୟ ଟିକଟ କ୍ରୟରେ ସାମିଲ ହେବେ। ମୋଟ ୧୧ହଜାର ଟିକଟ ବୁଧବାର ବିକ୍ରି କରାଯିବ। ଅନ୍ୟପକ୍ଷରେ କିଛି କ୍ଲବ ସଦସ୍ୟଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ବିକ୍ରି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ମୋଟ୍ ଟିକଟ ଭିତରୁ ଓସିଏ ଗ୍ୟାଲେରୀ ଟିକଟ୍ ସଂଖ୍ୟାକୁ ପୂର୍ବାପେକ୍ଷା କମାଇ ଦେଇଥିବାରୁ କ୍ଲବ ସଦସ୍ୟ ଅସନ୍ତୋଷ ଜାହିର କରିଛନ୍ତି।

ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦କୁ ଆଉ ୬ ଦିନ ବାକି ରହିଛି। ଏଥିପାଇଁ ଓସିଏର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଆଜିଠାରୁ ବାରବାଟୀର ସମସ୍ତ ଫ୍ଲଡ୍‌ଲାଇଟ୍ ଗୁଡିକ ପରୀକ୍ଷା କରାଯାଉଥିବା ନେଇ ସୂଚନା ମିଳିଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡ଼ାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ। ବାରବାଟୀରେ ଫ୍ଲଡଲାଇଟ୍ ସଂଖ୍ୟା ୮। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ତେବେ ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ ବୋଲି ପୂର୍ବରୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ସଫ୍ଟୱେୟାର ବ୍ୟବହାର ଦ୍ୱାରା ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ସଫ୍ଟୱେୟାର ମନିଟରିଂ ପ୍ରକ୍ରିୟା ଖୁବ୍ ଶୀଘ୍ର କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଗତ ଫେବୃୟାରୀ ୯ ତାରିଖ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ସମୟରେ ଟିକଟ ବିକ୍ରି ନେଇ ଉପୁଜିଥିବା ବିଶୃଙ୍ଖଳାକୁ ଏଡ଼ାଇବା ପାଇଁ ବ୍ୟାରିକେଡ ବ୍ୟବସ୍ଥାରେ ପରିବର୍ତ୍ତନ କରିଛି ଓସିଏ। ଗତଥର ଅଫ୍‌ଲାଇନ୍ କାଉଣ୍ଟର୍‌ଗୁଡ଼ିକରେ ପ୍ରବେଶ ଏବଂ ପ୍ରସ୍ଥାନ ପଥ ଭିତରେ ସଂକୀର୍ଣ୍ଣ ରାସ୍ତା ଥିଲା। ଚଳିତ ଥର ଉଭୟ ପଥକୁ ପୃଥକ୍ କରାଯାଇଛି ବୋଲି ଓସିଏ କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି।

### କାକର ପ୍ରଭାବ ହଟାଇବ ନାଲିମାଟି ପିଚ୍

ବିସିସିଆଇ ପିଚ୍ କ୍ୟୁରେଟର୍ ଆଶିଷ ଭୌମିକ ବାରବାଟୀରେ ପହଞ୍ଚିଛନ୍ତି। ଆଜି ପିଚ୍ ଏବଂ ଆଉଟଫିଲ୍ଡ ପରିଦର୍ଶନ କରି କ୍ୟୁରେଟର ଭୌମିକ ମ୍ୟାଚ୍ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ତେବେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ମ୍ୟାଚ୍ ନାଲିମାଟି ପିଚ୍‌ରେ ଖେଳାଯିବ। ଯାହାକି କାକର ପ୍ରଭାବରୁ ପିଚ୍‌କୁ ଦୂରେଇ ରଖିବ। ଉଭୟ ବ୍ୟାଟିଂ ଓ ବୋଲିଂକୁ ଏହି ପିଚ୍ ସୁହାଇବ ବୋଲି କ୍ୟୁରେଟର୍ ପୂର୍ବାନୁମାନ କରିଛନ୍ତି। ଅନ୍ୟପକ୍ଷରେ ବାରବାଟୀରେ ୫ଟି ପ୍ରମୁଖ ପିଚ୍ ରହିଛି। ସେଥିରୁ ୨ଟି ନାଲିମାଟି ଏବଂ ୩ଟି କଳାମାଟି ପିଚ୍। ଗତ ଫେବୃୟାରୀରେ ଭାରତ-ଇଂଲଣ୍ଡ ଏକଦିବସୀୟ କଳାମାଟି ପିଚ୍‌ରେ ଖେଳାଯାଇଥିଲା। ପ୍ରଥମଥର ନାଲିମାଟି ପିଚ୍‌ରେ ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ତେବେ ପ୍ରଥମେ ବ୍ୟାଟିଂ କରିବାକୁ ଥିବା ଦଳ ଏଠାରେ ୨୦୦ରୁ ଅଧିକ ସ୍କୋର କରିବ ବୋଲି କ୍ୟୁରେଟର୍ ଆଶାବାଦୀ ରହିଛନ୍ତି।

## ଅଳିଆ ଗଦା ହଟାଅ ଅଭିଯାନର ସଚେତନତା ପଦଯାତ୍ରା



**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆଗଦା ହଟାଅ ଅଭିଯାନ ତରଫରୁ ଆଜି ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ଉପଲକ୍ଷେ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଅଭିଯାନର କର୍ମକର୍ତ୍ତାଙ୍କ ସହିତ ଗାଡ଼କଣ ଅଳିଆଗଦା ଯୋଗୁଁ ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ ସଚେତନତା ଯାତ୍ରା ସୈନିକସ୍କୁଲ ଅଳିଆଗଦା ଠାରୁ ବାହାରି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ। ବିଏମ୍‌ସି ପ୍ରତିଦିନ ଶହ ଶହ ଟ୍ରକ ଅଳିଆ ଗାଡ଼ି ଗାଡ଼କଣ ଡମ୍ପିଙ୍ଗ ୟାର୍ଡରେ ଦୀର୍ଘ ୨୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଳିଆ ଗଦାଇ ଦୁର୍ଗନ୍ଧରେ ଅଞ୍ଚଳକୁ ବିଷାକ୍ତମୟ କରିସାରିଲାଣି। ଏହାକୁ ଅସ୍ଥାୟୀ ଅଳିଆ ଗଦା କହି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଠିକ ଅନୁମୋଦନ ବିନା ଅଳିଆ ପ୍ରକ୍ରିୟାକରଣ ୟୁନିଟ୍ ବସାଇ ଲୋକଙ୍କ ଜୀବନ ଦୁର୍ବିସହ କରି ସାରିଲାଣି। ସ୍ଥାନୀୟ ଜନସାଧାରଣ ଆଜି ପଦଯାତ୍ରାରେ ସାମିଲ ହୋଇ ସରକାରଙ୍କୁ ତାଙ୍କର କର୍ତ୍ତବ୍ୟ, ଦାୟିତ୍ୱ ଓ ପ୍ରତିଶ୍ରୁତିକୁ ମନେ ପକାଇ ଦେଇଥିଲେ। ପ୍ରଦୂଷଣ ନିରାକରଣ ଦିବସ ଅବସରରେ ଏହି ସଚେତନତା ପଦଯାତ୍ରା ମହାନଗର ନିଗମ ଓ ସରକାର ସଚେତନ ହେବେ ବୋଲି ଆଶା କରାଯାଉଛି। ଆଜିର କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ, ଅଳିଆ ଗଦା ହଟାଓ ଅଭିଯାନର ଉପଦେଷ୍ଟା ଭିକ୍ଷାକାରୀ ତ୍ରିପାଠୀ, ଆବାହକ ଦିଲ୍ଲୀପ ଦାଶଶର୍ମା, ସଂଯୋଜକ ପ୍ରସନ୍ନ ବିଷୋୟୀ, ଜାତୀୟ ମାନବାଧିକାର କମିଶନ କୋର୍ ମେମ୍ବର ମନୋଜ ଜେନା, ଅଶୋକ ପାଇକରାୟ,ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ଯୁଗ୍ମ -ସମ୍ପାଦକ ଚିନ୍ତାମଣି ବାରିକ୍, କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଲଲାଟ କିଶୋର ଜେନା, କର୍ମକର୍ତ୍ତାଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ।

## ଭିନ୍ନକ୍ଷମଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

**ଭୁବନେଶ୍ୱର,୨।୧୨/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ସ୍ଥାନୀୟ ସୋଆ ବିଶ୍ୱବିଦ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ସେମିନାର୍ ଆୟୋଜିତ ହୋଇଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଆର୍.ଏସ୍. ଗୋପାଳନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ଭିନ୍ନକ୍ଷମମାନଙ୍କ ଜୀବନରେ ରୂପାନ୍ତରଣ ଆଣିବାକୁ ହେଲେ ଆମକୁ ସାମୂହିକ ଭାବେ ଦାୟିତ୍ୱ ନିର୍ବାହ କରି ଯୋଜନାର ରୂପାୟନ ସହ ଆଗକୁ ମଧ୍ୟ ଚିନ୍ତା କରିବାକୁ ହେବ। ଭିନ୍ନକ୍ଷମମାନଙ୍କ ବିକାଶ ହେଲେ ହିଁ ଦେଶ ଓ ରାଜ୍ୟର ପ୍ରଗତି କରିପାରିବ। ଏହି ଅବସରରେ ସ୍ୱାଭିମାନର କାର୍ଯ୍ୟନିର୍ବାହୀ ଡ. ଶ୍ରୁତି ମହାପାତ୍ର, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ନନ୍ଦ, ଲିଙ୍ଗରାଜ ମନ୍ଦିର ପ୍ରଶାସନର ଅଧ୍ୟକ୍ଷ ଜଷ୍ଟିସ୍ ଦୁର୍ଗାପ୍ରସନ୍ନ ଚୌଧୁରୀ, ବିଭାଗୀୟ ନିର୍ଦ୍ଦେଶକ ସୁଶ୍ରୀ ପାରୁଲ ପଟାଓ୍ୱରୀ, ସାଇଟ୍ ସେଭର ଇଣ୍ଡିଆର ସଦସ୍ୟ ଜି. ସୁବ୍ରମଣ୍ୟମ୍ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମିନାର୍‌ରେ ଆୟୋଜିତ ଖୋଲା ଅଧିବେଶନରେ ଗୋଆର ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ସଚିବ ତାହା ହାଜିକ୍, ମୁମ୍ବାଇ ଉଚ୍ଚ ନ୍ୟାୟାଳୟର ଆଡ୍‌ଭୋକେଟ୍ ଓ ସଲିସେଟର ସୁଶ୍ରୀ କଞ୍ଚନା ପାମ୍‌ନାନୀ, ମୁମ୍ବାଇ ଏନ୍‌ଏବି ଇଣ୍ଡିଆର କାର୍ଯ୍ୟନିର୍ବାହୀ ସୁଶ୍ରୀ ପଲ୍ଲବୀ କଦମ୍, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମୈତ୍ରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ବିଜୟିନୀ ମିଶ୍ର, ସକ୍ଷମର ଜାତୀୟ ସଭାପତି ପ୍ରଫେସର ଦୟାଲ ସିଂ ପନଓ୍ୱାର୍, ସମର୍ଥନ ଟ୍ରଷ୍ଟ, ବେଙ୍ଗାଲୁରୁର ପ୍ରତିଷ୍ଠାତା ପରିଚାଳନା ଟ୍ରଷ୍ଟି ଡ. ମହାନ୍ତେଶ୍ ଜି. କେ., ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦୁର୍ଯ୍ୟୋଧନ ନାହାକ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଉପଶାସନ ସଚିବ ଶ୍ରୀ ସନ୍ନ୍ୟାସୀ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିତ୍ତ ପରାମର୍ଶଦାତା ଜୟଶ୍ରୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।




## ସୟଦ୍ ମୁସ୍ତାକ୍ ଅଲୀ ଟ୍ରଫିରେ ଓଡ଼ିଶାର ପ୍ରଥମ ବିଜୟ

# ଛତିଶଗଡ଼କୁ ୨୭ ରନ୍‌ରେ ହରାଇଲା




**କଟକ,୨।୧୨/ଏଜେନ୍ସି:** କ୍ୟାପ୍ଟେନ୍ ବିପ୍ଳବ ସାମନ୍ତରାୟ (୬୧ ରନ୍)ଙ୍କ ଅର୍ଦ୍ଧଶତକ ଏବଂ ରାଜେଶ ମହାନ୍ତିଙ୍କ ୫ ୱିକେଟ୍ ସଫଳତା ବଳରେ ଓଡ଼ିଶା ଚଳିତ ମୁସ୍ତାକ୍ ଅଲୀ ଟ୍ରଫି ଟି-୨୦ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଛି। ଲକ୍ଷ୍ନୌର ଇକାନା ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ଚତୁର୍ଥ ମ୍ୟାଚ୍‌ରେ ଓଡ଼ିଶା ୨୭ରନ୍‌ରେ ଛତିଶଗଡ଼କୁ ହରାଇ ଦେଇଛି। ଓଡ଼ିଶା ପ୍ରଥମେ ୮ ୱିକେଟ୍ ବିନିମୟରେ ୧୨୫ ରନ୍ କରିଥିବା ବେଳେ ଛତିଶଗଡ଼ ୧୯.୪ ଓଭର୍‌ରେ ୧୦୮ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ୨୧ ରନ୍ ଦେଇ ୫ ୱିକେଟ୍ ନେଇଥିବା ରାଜେଶ ମହାନ୍ତିଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶାର ଶୀର୍ଷକ୍ରମ ଛତିଶଗଡ଼ ବୋଲିଂର ମୁକାବିଲା କରିନପାରି ମାତ୍ର ୩୫ ରନ୍ ମଧ୍ୟରେ ୫ ୱିକେଟ୍ ହରାଇଥିଲା। ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭର୍‌ର ଚତୁର୍ଥ ବଲ୍‌ରେ ଆଉଟ୍ ହୋଇଥିବା ବେଳେ ଓପ୍ନର୍ ଗୌରବ ଚୌଧୁରୀ ୧୨ ରନ୍, ସୁଭ୍ରାଂଶୁ ସେନାପତି ୭ ରନ୍ ଏବଂ ସମ୍ବିତ ବରାଳ ୬ ରନ୍ କରି ଫେରିଥିଲେ। ଏହାପରେ କ୍ୟାପ୍ଟେନ୍ ବିପ୍ଳବ ସାମନ୍ତରାୟ ଇନିଂସ୍ ସମ୍ଭାଳି ଶୁଭମ ଶତ୍ରୁଜିତ (୨୭ ରନ୍)ଙ୍କ ସହ ୬ଷ୍ଠ ୱିକେଟ୍ ପାଇଁ ୫୨ ବଲ୍‌ରେ ୭୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ବିପ୍ଳବ ୪୧ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୬୧ରନ୍ କରି ଶେଷ ଓଭର୍‌ରେ ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ୱିକେଟ୍‌କିପର୍ ଆଶୀର୍ବାଦ ସ୍ୱାଇଁ ଅପରାଜିତ ୧୧ ରନ୍‌ର ଉପଯୋଗୀ ଇନିଂସ୍ ଖେଳିଥିଲେ। ଛତିଶଗଡ଼ ପକ୍ଷରୁ ଅଜୟ ମଣ୍ଡଳ ୪ଟି ୱିକେଟ୍ ନେଇଥିଲେ।

୧୨୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଛତିଶଗଡ଼ ରାଜେଶ ମହାନ୍ତିଙ୍କ ବୋଲିଂର ସମ୍ମୁଖୀନ ହୋଇନପାରି ପ୍ରଥମରୁ ହିଁ ୱିକେଟ୍ ହରାଇଥିଲା। ଟିମ୍ ପକ୍ଷରୁ କ୍ୟାପ୍ଟେନ୍ ଅମନଦୀପ୍ ଖରେ ସର୍ବାଧିକ ୪୬ ଏବଂ ସଞ୍ଜିତ ଦେଶାଇ ୩୩ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ରାଜେଶଙ୍କ ୫ ୱିକେଟ୍ ସଫଳତା ବ୍ୟତୀତ କ୍ୟାପ୍ଟେନ୍ ବିପ୍ଳବ ସାମନ୍ତରାୟ ଏବଂ ପ୍ରୟାସ ସିଂହ ୨ଟି ଲେଖାଏଁ ଏବଂ ବାଦଲ ବିଶ୍ୱାଳ ଗୋଟିଏ ୱିକେଟ୍ ନେଇଥିଲେ।

## ଆଇପିଏଲ୍ ୨୦୨୬ ମିନି ଅକ୍ସନ୍

# ୧୩୫୫ ଖେଳାଳି ପଞ୍ଜୀକୃତ, ୭୭ ସ୍ଲଟ୍ ଖାଲି

- ୨ କୋଟି ବେସ୍ ପ୍ରାଇସ୍‌ରେ ୪୫ ଖେଳାଳି
- ଭାଗ ନେବେନି ଗ୍ଲେନ୍ ମାକ୍ସୱେଲ୍

**ମୁମ୍ବାଇ,୨।୧୨/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ମିନି ଅକ୍ସନ୍ ପାଇଁ ୧୩୫୫ ଖେଳି ନାମ ପଞ୍ଜୀକୃତ କରାଯାଇଛି। ୨ କୋଟି ବେସ୍ ପ୍ରାଇସ୍ କାଟାଗୋରୀରେ ଅଷ୍ଟ୍ରେଲିଆର କାମେରନ୍ ଗ୍ରୀନ୍, ଇଂଲଣ୍ଡର ଲିୟାମ୍ ଲିଭିଂଷ୍ଟନ୍, ଭାରତର ରବି ବିଷ୍ଣୋଇ ଏବଂ ଭେଙ୍କଟେଶ ଆୟର୍, ଶ୍ରୀଲଙ୍କାର ମଥୀଶ ପଥିରାନା ଏବଂ ୱାନିନ୍ଦୁ ହସରଙ୍ଗାଙ୍କ ସମେତ ମୋଟ ୪୫ ଖେଳାଳି ସାମିଲ ଅଛନ୍ତି। ପଞ୍ଜିକରଣର ଶେଷ ତାରିଖ ନଭେମ୍ବର ୩୦ ଥିଲା। ମିନି ଅକ୍ସନ୍ ଆବୁଧାବିରେ ଡିସେମ୍ବର ୧୬ ତାରିଖରେ ଅନୁଷ୍ଠିତ ହେବ। ପଞ୍ଜିକରଣ ଶେଷ ହେବା ପରେ ଆଇପିଏଲ୍ ପକ୍ଷରୁ ଏହି ଲମ୍ବା ଲିଷ୍ଟ ସମସ୍ତ ଫ୍ରାଞ୍ଚାଇଜିଙ୍କୁ ପଠାଇ ଦିଆଯାଇଛି। ପ୍ରତ୍ୟେକ ଟିମ୍‌ରେ ଅଧିକତମ ୨୫ ଖେଳାଳି ରହିପାରିବେ। ଏପରି ସ୍ଥିତିରେ ଅକ୍ସନ୍‌ରେ ମୋଟ ୭୭ ସ୍ଲଟ୍ ପୂରଣ କରାଯିବ, ଯେଉଁଥିରେ ୩୧ ବିଦେଶୀ ସ୍ଲଟ୍ ମଧ୍ୟ ସାମିଲ।

ଅକ୍ସନ୍‌ରେ ସବୁଠୁ ବଡ଼ ନଜର ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର୍ କାମେରନ୍ ଗ୍ରୀନ୍‌ଙ୍କ ଉପରେ ରହିଛି। ଗ୍ରୀନ୍ ଗତବର୍ଷ ବ୍ୟାକ୍ ଇଞ୍ଜୁରୀ କାରଣରୁ ମେଗା ଅକ୍ସନ୍‌ରେ ଭାଗ ନେଇପାରି ନଥିଲେ। ଚଳିତ ଥର କେକେଆର୍ ଏବଂ ସିଏସ୍‌କେ ତାଙ୍କ ଉପରେ ବିଡ୍ ଲଗାଇପାରନ୍ତି। ଏହି ଦୁଇ ଟିମ୍ ନିକଟରେ ବଡ଼ ପର୍ସ ରହିଛି ଏବଂ ଗୋଟିଏ ଗୋଟିଏ ବିଦେଶୀ ସ୍ଲଟ୍ ମଧ୍ୟ ଖାଲି ଅଛି। ଗ୍ରୀନ୍‌ଙ୍କୁ ନିଜ ସହ ସାମିଲ କରିବା ପାଇଁ କେକେଆର୍‌କୁ ବଡ଼ ଦାବିଦାର କୁହାଯାଉଛି। କାରଣ ୱେଷ୍ଟଇଣ୍ଡିଜ୍‌ର ଆନ୍ଦ୍ରେ ରସେଲ୍ ଆଇପିଏଲ୍‌ରୁ ଅବସର ନେବା ପରେ ଟିମ୍‌କୁ ଜଣେ ଏପରି ଅଲ୍‌ରାଉଣ୍ଡର୍‌ଙ୍କ ଆବଶ୍ୟକତା ରହିଛି, ଯିଏ ଯେକୌଣସି ପରିସ୍ଥିତିରେ ବ୍ୟାଟିଂ ଏବଂ ବୋଲିଂ କରିପାରିବେ। ନିକଟରେ ଟିମ୍ ରିଲିଜ୍ କରିଥିବା କେତେକ ଖେଳାଳି ନିଜ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ରଖିଛନ୍ତି। ସେମାନଙ୍କ ମଧ୍ୟରେ ସିଏସ୍‌କେର ପାଥିରାନା ମଧ୍ୟ ସାମିଲ। ତାଙ୍କୁ ଚେନ୍ନାଇ ଗତ ବର୍ଷ ୧୩ କୋଟି ଟଙ୍କାରେ ରିଟେନ୍ କରିଥିଲେ ମଧ୍ୟ ଆଘାତ କାରଣରୁ ସେ ପୂରା ପ୍ରଭାବ ଦେଖାଇପାରି ନଥିଲେ। ସେହିପରି ଇଂଲଣ୍ଡର ଲିଆମ୍ ଲିଭିଙ୍ଗ୍‌ଷ୍ଟନ୍‌ଙ୍କୁ ଆର୍‌ସିବି ଗତ ମେଗା ଅକ୍ସନ୍‌ରେ ୮.୭୫ କୋଟି ଟଙ୍କାରେ କିଣିଥିଲେ ମଧ୍ୟ ଗୋଟିଏ ସିଜନ୍ ପରେ ରିଲିଜ୍ କରିଦେଇଛି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଭେଙ୍କଟେଶ ଆୟର୍ ଓ ରବି ବିଷ୍ଣୋଇ ମଧ୍ୟ ୨ କୋଟି କାଟାଗୋରୀରେ ରହିଛନ୍ତି। ଏଲ୍‌ଏସ୍‌ଜି ବିଷ୍ଣୋଇଙ୍କୁ ଗତବର୍ଷ ୧୧ କୋଟି ଟଙ୍କାରେ ରିଟେନ୍ କରିଥିଲା। କିନ୍ତୁ ଲଗାତାର ଦୁର୍ବଳ ପ୍ରଦର୍ଶନ କାରଣରୁ ଏବେ ତାଙ୍କୁ ରିଲିଜ୍ କରିଦେଇଛି।




ତେବେ ୨ କୋଟିର ଲମ୍ବା ଲିଷ୍ଟ ମଧ୍ୟରେ ଅଷ୍ଟ୍ରେଲିଆର ଗ୍ଲେନ୍ ମାକ୍ସୱେଲ୍‌ଙ୍କ ନାମ ନାହିଁ। ତାଙ୍କୁ ଗତବର୍ଷ ପଞ୍ଜାବ କିଙ୍ଗ୍‌ସ ୪.୨ କୋଟି ଟଙ୍କାରେ ନିଜ ସହ ସାମିଲ କରିଥିଲା। କିନ୍ତୁ ୩୭ ବର୍ଷୀୟ ମାକ୍ସୱେଲ୍ ଚଳିତ ସିଜନ୍ ପୂର୍ବରୁ ହିଁ ଆଙ୍ଗୁଠି ଆଘାତ କାରଣରୁ ବାହାର ହୋଇଯାଇଛନ୍ତି। ତାଙ୍କ ସ୍ଥାନରେ ପଞ୍ଜାବ କିଙ୍ଗ୍ ମିଚେଲ୍ ଓୱେନ୍‌ଙ୍କୁ ଟିମ୍‌ରେ ରଖିଛି। ତାଙ୍କୁ ଚଳିତ ବର୍ଷ ରିଟେନ୍ କରିଛି। ପଞ୍ଜାବ କିଙ୍ଗ୍‌ସ ୱିକେଟ୍‌କିପର୍ ଜୋଶ୍ ଇଂଗ୍ଲିସ୍‌ଙ୍କ ନାମ ମଧ୍ୟ ଅକ୍ସନ୍‌ରେ ରହିଛି। ସେ ଟିମ୍‌କୁ ଫାଇନାଲ୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ତେବେ ବ୍ୟକ୍ତିଗତ କାରଣରୁ ସେ ପୂରା ୨୦୨୬ ସିଜନ୍ ପାଇଁ ଉପଲବ୍ଧ ହେବନାହିଁ। ଇଂଗ୍ଲିସ୍‌ଙ୍କ ଉପଲବ୍ଧତା ମାତ୍ର ୨୫% ରହିବ ବୋଲି ଆଇନିଏଲ୍ ପକ୍ଷରୁ ଫ୍ରାଞ୍ଚାଇଜିଗୁଡ଼ିକୁ ସୂଚନା ଦିଆଯାଇଛି।

# ମୁସ୍ତାକ୍ ଅଲୀ ଟ୍ରଫିରେ ବୈଭବ ସର୍ବକନିଷ୍ଠ ଶତକଧାରୀ

## ୧୪ ବର୍ଷ ବୟସରେ ତିନି ଟି-୨୦ ଶତକରେ ଏକମାତ୍ର ଖେଳାଳି



**କୋଲ୍‌କାତା,୨।୧୨/ଏଜେନ୍ସି:** ସୟଦ୍ ମୁସ୍ତାକ୍ ଅଲୀ ଟ୍ରଫିରେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଇତିହାସ ରଚିଛନ୍ତି। ଟୁର୍ଣ୍ଣାମେଣ୍ଟରେ ସେ ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ବିହାରର ବୈଭବଙ୍କର ଏହା ତୃତୀୟ ଟି-୨୦ ଶତକ, ଯାହା ଏହି ବୟସରେ ବିଶ୍ୱର କୌଣସି ଖେଳାଳିଙ୍କ ଏପରି ପ୍ରଥମ ରେକର୍ଡ।

ବୈଭବ ମଙ୍ଗଳବାର ଇଡେନ୍ ଗାର୍ଡେନ୍ସରେ ମହାରାଷ୍ଟ୍ର ବିପକ୍ଷରେ ୬୧ ବଲ୍‌ରେ ଅପରାଜିତ୧୦୮ ରନ୍ କରିଛନ୍ତି। ଏହା ମଧ୍ୟରେ ତାଙ୍କ ୭ ଚୌକା ଓ ୭ ଛକା ସାମିଲ। ଏହି ଶତକ ସହ ସୂର୍ଯ୍ୟବଂଶୀ ଚଳିତ ବର୍ଷ ଭାରତ ପକ୍ଷରୁ ତିନି ଟି-୨୦ ଶତକ ହାସଲ କରିଛନ୍ତି। ଏହି ମାମଲାରେ ସେ ଅଭିଷେକ ଶର୍ମାଙ୍କ ସମକକ୍ଷ ହୋଇଛନ୍ତି। ଆୟୁଷ ମହାତ୍ରେ ଏବଂ ଇଶାନ୍ କିଶନ୍‌ଙ୍କ ନାମରେ ୨-୨ ଶତକ ରହିଛି।

୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ତିନିଟି ଖରାପ ସ୍କୋର୍ ପରେ ଜୋରଦାର ପ୍ରତ୍ୟାବର୍ତ୍ତନ କରି ବଡ଼ ଶତକ ହାସଲ କରିଛନ୍ତି। ତାଙ୍କର ଏହି ଶତକ ବଳରେ ବିହାର ୩ ୱିକେଟ୍ ବିନିମୟରେ ୧୭୬ ରନ୍‌ର ସ୍କୋର୍ ଛିଡ଼ା କରିଥିଲା। ମାତ୍ର ତାଙ୍କର ଏହି ଉନ୍ନତ ଇନିଂସ୍ ମହାରାଷ୍ଟ୍ର କ୍ୟାପ୍ଟେନ୍ ପୃଥ୍ୱୀ ଶ'ଙ୍କ ବ୍ୟାଟିଂ ଆଗରେ ଛୋଟ ହୋଇଯାଇଛି। ଆଇପିଏଲ୍ ୨୦୨୫ରେ ଅନ୍‌ସୋଲ୍ଡ ରହିବା ପରେ ନିଜକୁ ସାବ୍ୟସ୍ତ କରିବାକୁ ଉଦ୍ୟମ ଚଳାଇଥିବା ଶ' ୩୦ ବଲ୍‌ରେ ୬୬ ରନ୍‌ର କରି ରନ୍ ଚେଜ୍‌କୁ ସହଜ କରିଦେଇଥିଲେ। ମହାରାଷ୍ଟ୍ର ଗୋଟିଏ ଓଭର୍ ପୂର୍ବରୁ ୩ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ବିହାର ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ବିଜୟ ହାସଲ କରିପାରି ନାହିଁ।

## ଜାତୀୟ ଜୁନିୟର୍ ବାଳିକା ଫୁଟ୍‌ବଲ୍

# ଝାଡ଼ଖଣ୍ଡଠୁ ୨-୦ରେ ହାରିଲା ଓଡ଼ିଶା

**କଟକ,୨।୧୨/ଏନ୍‌ଏନ୍‌ଏସ୍:** ଚଳିତ ଜାତୀୟ ଜୁନିୟର୍ ବାଳିକା ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍‌ରେ ମଙ୍ଗଳବାର ଓଡ଼ିଶା ନିଜର ତୃତୀୟ ଓ ଅନ୍ତିମ ମ୍ୟାଚ୍‌ରେ ପରାଜିତ ହୋଇଛି। ଆନ୍ଧ୍ରପ୍ରଦେଶର ଅନନ୍ତପୁରସ୍ଥିତ ଆର୍‌ଡିଟି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୦-୨ରେ ଝାଡ଼ଖଣ୍ଡଠାରୁ ପରାଜିତ ହୋଇଛି। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ତିମ ଦୁଇ ମିନିଟ୍‌ରେ ଗୋଲ୍ କରି ଝାଡ଼ଖଣ୍ଡ ମ୍ୟାଚ୍ ହାତେଇ ନେଇଥିଲା। ଝାଡ଼ଖଣ୍ଡ ପକ୍ଷରୁ ଦୀପିକା କୁମାରୀ ୮୮ତମ ଏବଂ ବୀଣା କୁମାରୀ ୯୦ତମ ମିନିଟ୍‌ରେ ଗୋଲ୍ ଦୁଇଟି ଦେଇଥିଲେ। ଏହି ପରାଜୟ ସହ ଚଳିତ ସିଜନ୍‌ର ଜାତୀୟ ଜୁନିୟର୍ ପରିଦୃଶ୍ୟରେ ଓଡ଼ିଶାର ଯାତ୍ରା ଶେଷ ହୋଇଛି।




## ସ୍କ୍ୱାଶ୍ ଇଣ୍ଡିଆନ୍ ଟୁର୍ ୪

# କ୍ୱାର୍ଟର୍‌ଫାଇନାଲ୍‌ରେ ସେନ୍ଥିଲ୍ କୁମାର ଓ ଅନାହତ୍

**ଚେନ୍ନାଇ,୨।୧୨/ଏଜେନ୍ସି:** ପୁରୁଷ ଜାତୀୟ ଚାମ୍ପିଅନ୍ ଭେଲାବନ୍ ସେନ୍ଥିଲ୍‌କୁମାର ଏବଂ ମହିଳା ଜାତୀୟ ଚାମ୍ପିଅନ୍ ଅନାହତ ସିଂହ ଚମତ୍କାର ପ୍ରଦର୍ଶନ ସହ ମଙ୍ଗଳବାର ସହଜ ବିଜୟ ହାସଲ କରି ଏଚ୍‌ସିଏଲ୍ ସ୍କ୍ୱାଶ୍ ଇଣ୍ଡିଆନ୍ ଟୁର ୪ର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶକରିଛନ୍ତି। ବିଶ୍ୱର ୪୫ ନମ୍ବର ଖେଳାଳି ସେନ୍ଥିଲ୍‌କୁମାର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ଶ୍ରୀଲଙ୍କାର ରାବିନ୍ଦୁ ଲାକାସିରିଙ୍କୁ ୧୧-୭, ୧୧-୮, ୧୧-୭ରେ ହରାଇଥିବା ବେଳେ ବିଶ୍ୱର ୨୯ତମ




ଖେଳାଳି ଅନୀତ ଚେକ୍ ଗଣରାଜ୍ୟର ତମାରା ହୋଲ୍‌ଜବୋରୋଭାଙ୍କ ୧୧-୭, ୧୧-୭, ୧୧-୭ରେ ମାତ୍ ଦେଇଛନ୍ତି। ଭାରତର ଦୁଇ ଶୀର୍ଷ ଖେଳାଳିଙ୍କୁ ପ୍ରଥମ ରାଉଣ୍ଡରେ ବାଇ ମିଳିଥିଲା। ବିଶ୍ୱର ପୂର୍ବତନ ନମ୍ବର-୧୦ ଖେଳାଳି ଜ୍ୟୋଶନା ଚିନାପ୍ପା, ମହିଳା ବର୍ଗର ଷଷ୍ଠ ସିଡ୍ ତନ୍ୱୀ ଖାନ୍ନା ଏବଂ ପୁରୁଷ ବର୍ଗର ଦ୍ୱିତୀୟ ସିଡ୍ ବୀର ଚୋଟରାନୀ ମଧ୍ୟ ଅନ୍ତିମ-୮ରେ ସ୍ଥାନ ହାସଲରେ ସଫଳ ହୋଇଛନ୍ତି।

# ପୂର୍ବତନ ଇଂଲିଶ୍ ବ୍ୟାଟର୍ ରବିନ୍ ସ୍ମିଥ୍‌ଙ୍କ ପରଲୋକ

**ଲଣ୍ଡନ,୨।୧୨/ଏଜେନ୍ସି:** ଇଂଲଣ୍ଡର ପୂର୍ବତନ ବ୍ୟାଟର୍ ରବିନ୍ ସ୍ମିଥ୍‌ଙ୍କ ମଙ୍ଗଳବାର ୬୨ ବର୍ଷ ବୟସରେ ପରଲୋକ ହୋଇଛି। ଇଂଲିଶ୍ କ୍ରିକେଟ୍ ବୋର୍ଡ ଏହି ସୂଚନା ଦେଇଛି। ସ୍ମିଥ୍‌ଙ୍କୁ ୮୦ ଏବଂ ୯୦ ଦଶକରେ କର୍ଟଲୀ ଆମ୍ବ୍ରୋସ୍, କର୍ଟନୀ ୱାଲ୍ସ, ମାଲ୍‌କମ୍ ମାର୍ଶାଲ୍ ଏବଂ ପ୍ୟାଟ୍ରିକ୍ ପାଟରସନ୍‌ଙ୍କ ପରି ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର୍‌ଙ୍କୁ ଦୃଢ଼ ଭାବେ ସାମ୍ନା କରିବା ପାଇଁ ଜଣାଯାଏ। ସେତେବେଳେ ତାଙ୍କ ସାଥୀ ବ୍ୟାଟର୍ ସର୍ବଦା ଏହି ବୋଲର୍‌ଙ୍କ ଆକ୍ରମଣର ସାମ୍ନା କରିବାରେ ବିଫଳ ହେଉଥିଲେ। ଡାହାଣହାତୀ ବ୍ୟାଟର୍ ସ୍ମିଥ୍ ୧୯୮୮ରୁ ୧୯୯୬ ମଧ୍ୟରେ ୬୨ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଇତିମଧ୍ୟରେ ସେ ୪୩.୬୭ ହାରାହାରିରେ ୪୨୩୬ ରନ୍ କରିଥିଲେ। ସେତେବେଳେ ଇଂଲଣ୍ଡ କ୍ରିକେଟ୍ ଉପରେ ତାଙ୍କ ପ୍ରଭାବ ବହୁ ଅଧିକ ଥିଲା। ଇଂଲିଶ୍ ବୋର୍ଡ ଅଧ୍ୟକ୍ଷ ରିଚାର୍ଡ ଥମ୍ପସନ୍ କହିଛନ୍ତି, ରବିନ୍ ସ୍ମିଥ୍ ଏପରି ଜଣେ ଖେଳାଳି ଥିଲେ, ଯିଏ ବିଶ୍ୱର କେତେକ ସର୍ବଶ୍ରେଷ୍ଠ ଫାଷ୍ଟ ବୋଲର୍‌ଙ୍କୁ ଆତ୍ମବିଶ୍ୱାସର ସହ ସାମ୍ନା କରିଥିଲେ। ତାଙ୍କ ବ୍ୟାଟିଂକୁ ନେଇ ଇଂଲଣ୍ଡ ପ୍ରଶଂସକଙ୍କ ବହୁ ଗର୍ବିତ।



ସ୍ମିଥ୍‌ଙ୍କ ଜନ୍ମ ୧୯୬୩ରେ ସାଉଥ୍ ଆଫ୍ରିକାର ଡର୍ବାନ୍‌ରେ ହୋଇଥିଲେ। ସେ ସାଥୀ ସାଉଥ୍ ଆଫ୍ରିକୀୟ ଖେଳାଳି ବେରୀ ରିଚାର୍ଡ୍‌ସ୍ ଏବଂ ମାଇକ୍ ପ୍ରୋକ୍ଟରଙ୍କ ପ୍ରଭାବରେ ହାମ୍ପଶାୟର୍ (ଇଂଲଣ୍ଡ) ଚାଲିଯାଇଥିଲେ। ସେ ୧୯୮୮ରେ ହେଡିଙ୍ଗ୍‌ଲେରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଇଂଲଣ୍ଡ ପକ୍ଷରୁ ଟେଷ୍ଟ ଡେବ୍ୟୁ କରିଥିଲେ। ସାଉଥ୍ ଆଫ୍ରିକା ମୂଳର ସାଥୀ କ୍ରିକେଟର୍ ଆଲାନ୍ ଲାମ୍ବ୍‌ଙ୍କ ସହ ଦୀର୍ଘ ସମୟ ଧରି ସେ ଇଂଲଣ୍ଡର ମଧ୍ୟକ୍ରମର ପ୍ରମୁଖ ବ୍ୟାଟର୍ ଥିଲେ। କ୍ରିକେଟ୍‌ରୁ ସନ୍ନ୍ୟାସ ନେବାପରେ ସ୍ମିଥ୍ ଅଷ୍ଟ୍ରେଲିଆରେ ବସବାସ କରୁଥିଲେ।

# କୋହଲିଙ୍କୁ ଦେଖି କାନ୍ଦି ପକାଇଲେ ପ୍ରଶଂସକ

**ରାୟପୁର,୨।୧୨/ଏଜେନ୍ସି:** ଭାରତ ଏବଂ ସାଉଥ୍ ଆଫ୍ରିକା ମଧ୍ୟରେ ବୁଧବାର ରାୟପୁରର ସହିଦ୍ ବୀର ନାରାୟଣ ସିଂହ ଇଣ୍ଟରନାସ୍‌ନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ। ଉଭୟ ଟିମ୍ ସୋମବାର ରାଞ୍ଚିରୁ ଗୋଟିଏ ଚାର୍ଟାର୍ଡ ଫ୍ଲାଇଟ୍‌ରେ ରାୟପୁର ପହଞ୍ଚିଥିଲେ। ଏୟାରପୋର୍ଟରେ ରୋହିତ ଶର୍ମା, ବିରାଟ କୋହଲିଙ୍କୁ ଦେଖିବାକୁ ପ୍ରଭାବ ଭିଡ଼ ଜମିଥିଲା। ସେହିପରି ଖେଳାଳିମାନେ ହୋଟେଲ୍‌ରେ ପହଞ୍ଚିବା ପରେ ବିରାଟ କୋହଲିଙ୍କୁ ନିଜର ଏତେ ନିକଟରେ ଦେଖି ଜଣେ ପ୍ରଶଂସକ କାନ୍ଦିବାକୁ ଲାଗିଥିଲେ। ସେ କୋହଲିଙ୍କୁ ଗୋଲାପ ଫୁଲ୍ ମଧ୍ୟ ଦେଇଥିଲେ।

ମଙ୍ଗଳବାର ରାୟପୁର ଇଣ୍ଟରନାସ୍ ଷ୍ଟାଡିୟମ୍‌ରେ ପ୍ରଥମେ ସାଉଥ୍ ଆଫ୍ରିକା ଖେଳାଳି ଏବଂ ପରେ ସନ୍ଧ୍ୟା ସାଢ଼େ ୫ଟା ବେଳେ ଭାରତୀୟ ଖେଳାଳି ଅଭ୍ୟାସ କରିଛନ୍ତି। ଏହା ପୂର୍ବରୁ ସନ୍ଧ୍ୟା ସାଢ଼େ ୪ଟା ବେଳେ ଟିମ୍ ଇଣ୍ଡିଆ ପ୍ରେସ୍ କନ୍‌ଫରେନ୍ସ କରିଥିଲା। ସୂଚନାଯୋଗ୍ୟ, ଅଭ୍ୟାସ ବେଳେ ସାଧାରଣ ଦର୍ଶକଙ୍କ ପ୍ରବେଶ ନିଷେଧ କରାଯାଇଥିଲା। ତେବେ ବିସିସିଆଇ କାର୍ଡଧାରୀଙ୍କୁ ହିଁ ଷ୍ଟାଡିୟମ୍‌ରେ ପ୍ରବେଶ ଅନୁମତି ମିଳିଥିଲା। ଦୁଇ ଟିମ୍ ପାଇଁ ୩୦ ଜଣ ସ୍ଥାନୀୟ ଖେଳାଳିଙ୍କୁ ଶର୍ଟଲିଷ୍ଟ କରାଯାଇଥିଲା। ଅଭ୍ୟାସ ବେଳେ ଏହି ଖେଳାଳିମାନେ ରୋହିତ ଓ କୋହଲିଙ୍କୁ ବୋଲିଂ କରିଥିଲେ।

# ଦିଲ୍ଲୀ ହାଇକୋର୍ଟରେ ବଜରଙ୍ଗ ଓ ବିନେଶ୍‌ଙ୍କୁ ଝଟ୍‌କା



**ନୂଆଦିଲ୍ଲୀ,୨।୧୨/ଏଜେନ୍ସି:** ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ୍, ବିନେଶ ଫୋଗାଟ୍ ଏବଂ ସତ୍ୟବ୍ରତ କାଦିଆନ୍‌ଙ୍କ ପରି ଶୀର୍ଷ ପହେଲ୍‌ମାନ୍‌ଙ୍କୁ ଦିଲ୍ଲୀ ହାଇକୋର୍ଟରେ ବଡ଼ ଝଟ୍‌କା ଲାଗିଛି। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନକୁ ଚ୍ୟାଲେଞ୍ଜ୍ କରି ଏହି ପହେଲମାନଙ୍କ ପକ୍ଷରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏ ସମସ୍ତ ପହେଲମାନ ବହୁ ଥର କୋର୍ଟରେ ହାଜର ହୋଇନଥିବାରୁ ହାଇକୋର୍ଟ ସେମାନଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନରେ ଅନୀତା ଶ୍ୟୋରାନ୍‌ଙ୍କୁହରାଇ ସଞ୍ଜୟ ସିଂହ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଅନୀତାଙ୍କୁ ଏହି ଶୀର୍ଷ ପହେଲମାନଙ୍କ ସମର୍ଥନ ହାସଲ ଥିଲା। ନ୍ୟାୟମୂର୍ତ୍ତି ମିନି ପୁଷ୍କର୍ଣ୍ଣା ନଭେମ୍ବର ୨୭ରେ ଏହି ମାମଲାର ଶୁଣାଣି କରିଥିଲେ ଏବଂ ଦେଖିବାକୁ ପାଇଥିଲେ ଯେ ଶୁଣାଣି ବେଳେ ଜଣେ ବି ଆବେଦନକାରୀ କୋର୍ଟରେ ଉପସ୍ଥିତ ନଥିଲେ। ଶୁଣାଣି ଆଗକୁ ବଢ଼ିବା ପରେ ଜଣାପଡ଼ିଥିଲା ପୂର୍ବ ଦୁଇଟି ଶୁଣାଣିରେ ଏହି ପହେଲମାନମାନେ ସାମିଲ ନଥିଲେ। କୋର୍ଟ ନିଜ ଆଦେଶରେ କହିଛନ୍ତି, ଲାଗୁଛି ଏହି ମାମଲାକୁ ଆଗେଇ ନେବାକୁ ଆବେଦନକାରୀଙ୍କ କୌଣସି ରୁଚି ନାହିଁ।

ଆବେଦନକାରୀ ପହେଲମାନ ଅଭିଯୋଗ କରିଥିଲେ ଯେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଉନ୍ନତ ଏବଂ ପାରଦର୍ଶୀ ପରିବେଶରେ ହୋଇନଥିଲା। ସେମାନେ ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ କରିଥିଲେ। ଆବେଦନକାରୀ ବାରମ୍ବାର ଶୁଣାଣି ବେଳେ ହାଜର ନହେବା କାରଣରୁ କୋର୍ଟ ଆବେଦନ ରଦ୍ଦ କରିଦେଇଛନ୍ତି।

# ଗମ୍ଭୀରଙ୍କ କୋଚିଂକୁ ନେଇ ସୁପ୍ରିମ୍‌କୋର୍ଟରେ ଚର୍ଚ୍ଚା

## ଭାରତର ଟେଷ୍ଟ ପରାଜୟରେ ଜଜ୍‌ଙ୍କ ପ୍ରତିକ୍ରିୟା ଭାଇରାଲ୍

**ନୂଆଦିଲ୍ଲୀ,୨।୧୨/ଏଜେନ୍ସି:** ସାଉଥ୍ ଆଫ୍ରିକା ବିପକ୍ଷରେ ଟିମ୍ ଇଣ୍ଡିଆର ଘରୋଇ ଟେଷ୍ଟ ସିରିଜ୍ ପରାଜୟର ମାମଲା ଥମିବାର ନାଁ ନେଉନାହିଁ। ଏବେ ସୁପ୍ରିମ୍‌କୋର୍ଟରେ ମଧ୍ୟ ଏହାର ଉଲ୍ଲେଖ ଦେଖିବାକୁ ମିଳିଛି। ସୁପ୍ରିମ୍‌କୋର୍ଟ ଜଜ୍ ଏମ୍‌ଏମ୍ ସୁନ୍ଦରେଶ ଏକ ଶୁଣାଣି ଅବସରରେ ଟିମ୍ ଇଣ୍ଡିଆର ଟେଷ୍ଟ କ୍ରିକେଟ୍ ମାନରେ ହ୍ରାସ ଉପରେ ଅନୌପଚାରିକ ରୂପେ ଉଲ୍ଲେକ କରିଛନ୍ତି। ବରିଷ୍ଠ ଓକିଲ୍ ମୁକୁଲ ରୋହତଗୀଙ୍କ ସହ ଆଲୋଚନା ବେଳେ ଜଷ୍ଟିସ୍ ସୁନ୍ଦରେଶ ଏହି ସଙ୍କେତ ଦେଇଛନ୍ତି ଯେ ହ୍ୱାଇଟ୍ ବଲ୍ କ୍ରିକେଟ୍ ଉପରେ ଅଧିକ ଧ୍ୟାନ ଦେବା କାରଣରୁ ଭାରତୀୟ ଟେଷ୍ଟ ଟିମ୍‌ର ପ୍ରଦର୍ଶନ ହ୍ରାସ ପାଉଛି। ଟିମ୍ ଇଣ୍ଡିଆକୁ ସାଉଥ୍ ଆଫ୍ରିକା ଦୁଇ ଟେଷ୍ଟର ଘରୋଇ ସିରିଜ୍‌ରେ କ୍ଲିନ୍ ସ୍ୱିପ୍ କରିଥିବା ବେଳେ ଜଷ୍ଟିସ୍ ସୁନ୍ଦରେଶଙ୍କ ଟିପ୍ପଣୀ ସାମ୍ନାକୁ ଆସିଛି। କୌଣସି ଭ୍ରମଣକାରୀ ଟିମ୍ ଭାରତକୁ ହ୍ୱାଇଟ୍‌ୱାଶ୍ କରିବା ଏହା ୧୩ ମାସ ମଧ୍ୟରେ ଦ୍ୱିତୀୟ ଘଟଣା ଏବଂ ଉଭୟ ଅବସରରେ ଗୌତମ ଗମ୍ଭୀର ହିଁ ଟିମ୍‌ର ମୁଖ୍ୟ କୋଚ୍ ଥିଲେ।





ଜଜ୍‌ଙ୍କ ଏହି ଟିପ୍ପଣୀ ମଙ୍ଗଳବାର ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। 'ଯେତେବେଳେ ଆପଣ ଟି୨୦ ଏବଂ ଦିନିକିଆ ଅନ୍ତର୍ଜାତୀୟ ଉପରେ ଅଧିକ ଧ୍ୟାନ ଦେବେ, ତେବେ ଆପଣ ଟେଷ୍ଟ ମ୍ୟାଚ୍ ହାରିବେ।' ଭାଇରାଲ୍ ଭିଡିଓରେ ଜଜ୍‌ଙ୍କୁ ଏହା କହୁଥିବା ଶୁଣିବାକୁ ମିଳୁଛି।

ଅସଲରେ ସୁପ୍ରିମ୍ କୋର୍ଟର ବରିଷ୍ଠ ଓକିଲ ମୁକୁଲ ରୋହତଗୀ କହିଛନ୍ତି, ଟେଷ୍ଟ ସିରିଜ୍ ହାରିବା ପରେ ସେ ଗୌତମ ଗମ୍ଭୀରଙ୍କ ସହ କଥା ହୋଇଥିଲେ। ସେ କହୁଥିବା ଦେଖିବାକୁ ମିଳିଛି ଯେ 'ଲର୍ଡଶିପ୍ ମୁଁ ଆପଣଙ୍କ କହିବାକୁ ଚାହୁଁଛି କି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ତାଙ୍କ ମିତ୍ର ଏବଂ ମହକିଲ ମଧ୍ୟ। ମୁଁ ତାଙ୍କୁ ଫୋନ୍ କରି କହିଛି ଯେ 'ଏବେ ସାରା ଦେଶ କହୁଛି କି ଯଦି ଆପଣ ଆପଣଙ୍କ ପିଚ୍‌ରେ ହିଁ ଏପରି ହାରିବେ, ତେବେ ଆପଣଙ୍କୁ ଅଟକିଯିବା ଆବଶ୍ୟକ।'




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra